ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୬୧
୨୮ ଜାନୁଆରୀ, ୨୦୨୬ ବୁଧବାର
କେନ୍ଦ୍ରାପଡ଼ା

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS    SIGHTS TRUTH WRITES TRUTH    ଠିକ୍ ଦେଖେ ଠିକ୍ ଲେଖେ

Pages-8
Price ₹ 5.00
Vol. 17, Issue No. : 261
28th January, 2026 Wednesday
Kendrapara

Website : www.odishaexpress.in    E-mail : odishaexpress@gmail.com    RNI Regd. No. ODIODI/2009/28880    ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

### ନୀତି ବାଣୀ

**ଦୁଃଖେ ଷ୍ୱନୁ ଦବିଗ୍ନମନାଃ ସୁଖେଷୁ ବିଗତ ସ୍ପୃହଃ ।**
**ବୀତରାଗ ଭୟ କ୍ରୋଧଃ ସ୍ଥିତିଧୀର୍ମୁନିରୁଚ୍ୟତେ ।।**

ଦୁଃଖ ମିଳିଲେ ଯାହା ମନରେ ଉଦ୍‌ବେଗ ଜାତ ହୁଏ ନାହିଁ ଏବଂ ସୁଖ ମିଳିଲେ ଯାହା ମନରେ ସ୍ପୃହା ଆସେ ନାହିଁ ତଥା ଯିଏ ରାଗ ଆସକ୍ତି, ଭୟ ଓ କ୍ରୋଧରୁ ମୁକ୍ତ ସେହି ମନନଶୀଳ ମନୁଷ୍ୟକୁ ସ୍ଥିର ବୁଦ୍ଧି କୁହାଯାଏ

# ଆଜି ୮ ଘଣ୍ଟିଆ ଓଡ଼ିଶା ବନ୍ଦ

## ସମର୍ଥନ କରିବ କଂଗ୍ରେସ-ବିଜେଡି

**ଭୁବନେଶ୍ୱର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଜାନୁଆରୀ ୨୮ ତାରିଖ ଅର୍ଥାତ୍ ଆସନ୍ତାକାଲି ଓଡ଼ିଶା ବନ୍ଦ। ବୁଧବାର ଓଡ଼ିଶା ବନ୍ଦ ଡାକରା ଦେଲା ନବନିର୍ମାଣ କୃଷକ ସଂଗଠନ। ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ଖୋଲିବନି ଦୋକାନ ବଜାର, ଗଡ଼ିବନି ଗାଡ଼ି ମୋଟର। ରାଜ୍ୟରେ ଧାନ କିଣାରେ ବ୍ୟାପକ ଅନିୟମିତତା, ଗାଡ଼ି ପ୍ରଦୂଷଣ ସାର୍ଟିଫିକେଟ୍ ଏବଂ ବିଜୁଳି ଟାରିଫକୁ ନେଇ ସରକାରଙ୍କ ଘେରିବ ନବନିର୍ମାଣ କୃଷକ ସଂଗଠନ। ସେପଟେ ଗତ କିଛି ମାସ ହେଲା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ନେତୃତ୍ୱରେ ବିଭିନ୍ନ ପ୍ରସଂଗକୁ ନେଇ ରାଜ୍ୟବ୍ୟାପୀ ଆନ୍ଦୋଳନ ଜାରି ରହିଛି।

ରାଜ୍ୟରେ ଧାନକିଣାରେ ମଣ୍ଡିଗୁଡ଼ିକରେ ହେଉଥିବା ଚରମ ଅବ୍ୟବସ୍ଥା, ୧୫୦ କ୍ୱିଣ୍ଟାଲରୁ ଅଧିକ ଧାନ ବିକ୍ରି ଉପରେ ଇନପୁଟ୍ ସବସିଡ୍ ବନ୍ଦ, ମିଲରଙ୍କ ଦ୍ୱାରା କଟନିଛଟନି ଆଦିକୁ ବିରୋଧ କରି ଏହି ବନ୍ଦ ଡାକରା ଦିଆଯାଇଛି। ଏହାସହିତ ବିଜୁଳିକୁ ନେଇ ସରକାର, ଓଇଆର୍ସି, ଟାଟାପାୱାର ମନମାନି ଏବଂ ଗାଡ଼ି ପଲ୍ୟୁସନ୍କୁ ନେଇ ରାଜ୍ୟବାସୀ ଯେଭଳି ଡଣ୍ଡ ଗଣୁଛନ୍ତି ତା'କୁ ବିରୋଧରେ କରି ଏହି ନବନିର୍ମାଣ କୃଷକ ସଂଗଠନ ଆସନ୍ତାକାଲି ୮ ଘଣ୍ଟିଆ ଓଡ଼ିଶା ବନ୍ଦ ଡାକରା ଦେଇଛି।

ଏହି ବନ୍ଦକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସମର୍ଥନ କରିବା ସହ ରାଜ୍ୟ ସଭାପତି ସମସ୍ତ ଜିଲ୍ଲା ସଭାପତିଙ୍କୁ ବନ୍ଦ ଘୋଷଣାକୁ ସମର୍ଥନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କଂଗ୍ରେସ ମିଡିଆ ସେଲ୍ ପକ୍ଷରୁ ଏକ ପ୍ରେସ୍ ବିବୃତି ଜାରି କରାଯାଇଛି। ତେଣେ ବିଜେଡି ମଧ୍ୟ ନବନିର୍ମାଣ କୃଷକ ସଂଗଠନର ଓଡ଼ିଶା ବନ୍ଦ ଡାକରାକୁ ନୈତିକ ସମର୍ଥନ ଦେବ କହିଛି।

# ପେଟ୍ରୋଲ ମନା ନିର୍ଦ୍ଦେଶ ପ୍ରତ୍ୟାହୃତ



**କଟକ,୨୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ବାଜିଲା ହାଇକୋର୍ଟ ଛାଟ, ୟୁଟର୍ନ ମାରିଲେ ରାଜ୍ୟ ସରକାର । ପିୟୁସିସି ନଥିଲେ ପେଟ୍ରୋଲ ମନା ନିର୍ଦ୍ଦେଶ ପ୍ରତ୍ୟାହାର କଲେ ସରକାର । ନିର୍ଦ୍ଦେଶ ପ୍ରତ୍ୟାହାର ବୋଲି ହାଇକୋର୍ଟକୁ ଜଣାଇଲା ରାଜ୍ୟ ପରିବହନ ବିଭାଗ । ସତ୍ୟପାଠ ମାଧ୍ୟମରେ ହାଇକୋର୍ଟକୁ ରାଜ୍ୟ ସରକାର ଅବଗତ କଲେ। କୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ଅନୁଯାୟୀ ଗାଡ଼ିର ପ୍ରଦୂଷଣ ନଥିଲେ ମଧ୍ୟ ପେଟ୍ରୋଲ ପମ୍ପଗୁଡ଼ିକ ଗ୍ରାହକଙ୍କୁ ତେଲ ଦେବାରୁ ବଂଚିତ କରିପାରିବେ ନାହିଁ । ସେହିପରି ଜରିମାନା ଭରିବାକୁ ବାଧ୍ୟ କରିପାରିବେନି ସରକାର । ବାହନ ପୋର୍ଟାଲ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ପୋର୍ଟାଲ ସଂଶୋଧନ ନେଇ ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ପିୟୁସିସି ନଥିଲେ ପେଟ୍ରୋଲ ମନା ସଂପର୍କିତ ମାମଲାର ଆଜି ହାଇକୋର୍ଟରେ ଶୁଣାଣି ହୋଇଥିଲା । ପିୟୁସିସି ନଥିଲେ ପେଟ୍ରୋଲ ମିଳିବନି ନିର୍ଦ୍ଦେଶ ପ୍ରତ୍ୟାହୃତ ହୋଇଛି । ହାଇକୋର୍ଟ କହିଛନ୍ତି ଯେ, ଯଦି କୌଣସି ଗାଡ଼ିର ପୁରୁଣା ଚାଲାଣ କିମ୍ବା ଜରିମାନା ବାକି ରହିଛି ତଥାପି ସେମାନଙ୍କୁ ପ୍ରଦୂଷଣ ସାର୍ଟିଫିକେଟ ମିଳିବ। କେବଳ ଜରିମାନା ଆଦାୟ କରିବା ଉଦ୍ଦେଶ୍ୟରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଏସିଡ ଆକ୍ରମଣକାରୀଙ୍କ ସମ୍ପତ୍ତି ନିଲାମ ହେବ !

**ନୂଆଦିଲ୍ଲୀ,୨୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଏସିଡ୍ ଆକ୍ରମଣ ମାମଲାରେ କଠୋର ଦଣ୍ଡ ଦିଆଯିବାର ଆବଶ୍ୟକତା ଉପରେ ସୁପ୍ରିମ୍‌କୋର୍ଟ ଗୁରୁତ୍ୱାରୋପ କରି ପୀଡିତାଙ୍କୁ କ୍ଷତିପୂରଣ ଦେବା ପାଇଁ ଅଭିଯୁକ୍ତଙ୍କ ସମ୍ପତ୍ତି ଜବତ କରି ନିଲାମ କରିବାକୁ ପରାମର୍ଶ ଦେଇଛନ୍ତି। ଟ୍ରାଏଲ କୋର୍ଟ ଜଣେ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପରେ ଏସିଡ୍ ଆକ୍ରମଣରୁ ବଞ୍ଚିଥିବା ଶାହିନ୍ ମଲ୍ଲିକଙ୍କ ଆବେଦନର ଶୁଣାଣି ବେଳେ ସୁପ୍ରିମ୍‌କୋର୍ଟ ଏହି ମନ୍ତବ୍ୟ ଦେଇଛନ୍ତି।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ଏସିଡ୍ ଆକ୍ରମଣ ଅଭିଯୁକ୍ତଙ୍କ ପାଇଁ କେନ୍ଦ୍ର ସରକାର କଠୋର ଦଣ୍ଡ ଦେବା ଉଚିତ। ଆମକୁ କିଛି ଅସାଧାରଣ ପଦକ୍ଷେପ ନେବା ଆବଶ୍ୟକ। ଏଗୁଡ଼ିକ ହେଉଛି ସେହି ପ୍ରକାରର ମାମଲା ଯେଉଁଠାରେ ସଂସ୍କାରବାଦୀ ସିଦ୍ଧାନ୍ତର କୌଣସି ସ୍ଥାନ ନାହିଁ। ପୀଡିତାଙ୍କୁ କ୍ଷତିପୂରଣ ଦେବା ପାଇଁ କାହିଁକି ଅଭିଯୁକ୍ତଙ୍କ ସମ୍ପତ୍ତି ଜବତ ଓ ବିକ୍ରି କରାଯାଇପାରିବ ନାହିଁ ବୋଲି ପ୍ରଧାନ ବିଚାରପତି ପ୍ରଶ୍ନ କରିଛନ୍ତି। ଯୌତୁକ ମୃତ୍ୟୁ ଅପରାଧ ଭଳି ଏସିଡ୍ ଆକ୍ରମଣ ମାମଲାରେ ପୀଡିତାଙ୍କ ଉପରୁ ପ୍ରମାଣର ବୋଝକୁ ପ୍ରତ୍ୟାହାର କରିବାକୁ ମଧ୍ୟ ସୁପ୍ରିମ୍‌କୋର୍ଟ ପରାମର୍ଶ ଦେଇଛନ୍ତି।

# ଆଜି ୪ ଘଣ୍ଟା ଶ୍ରୀଜିଉଙ୍କ ଦର୍ଶନ ବନ୍ଦ

**ପୁରୀ,୨୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ଆସନ୍ତାକାଲି (ବୁଧବାର) ମହାପ୍ରଭୁଙ୍କ ସ୍ୱତନ୍ତ୍ର 'ବନକଲାଗି' ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ମହାପ୍ରଭୁଙ୍କ ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ସମୟରେ କିଛି ଘଣ୍ଟା ପାଇଁ ସାଧାରଣ ଦର୍ଶନ ବନ୍ଦ ରହିବ।

ବନକଲାଗି ହେଉଛି ଶ୍ରୀବିଗ୍ରହମାନଙ୍କର ଶ୍ରୀମୁଖ ଶୃଙ୍ଗାର ସେବା। ଦତ୍ତମହାପାତ୍ର ସେବକମାନେ ପାରମ୍ପରିକ ପ୍ରାକୃତିକ ରଙ୍ଗ ଯଥା- ହିଙ୍ଗୁଳ, ହରିତାଳ, ଶଙ୍ଖ, କସ୍ତୁରୀ ଓ କଳା ବ୍ୟବହାର କରି ମହାପ୍ରଭୁଙ୍କ ଶ୍ରୀମୁଖକୁ ଉଜ୍ଜ୍ୱଳ କରିଥାନ୍ତି। ଏହାଦ୍ୱାରା ମହାପ୍ରଭୁଙ୍କ ଶ୍ରୀମୁଖ ପୁଣି ଥରେ ନୂତନ ରୂପ ପାଏ।

ସୂଚନା ଅନୁଯାୟୀ, ଦ୍ୱିତୀୟ ଭୋଗମଣ୍ଡପ ନୀତି ସରିବା ପରେ ବନକଲାଗି ନୀତି ଆରମ୍ଭ ହେବ। ଏହି ସମୟରେ ପ୍ରାୟ ୩ରୁ ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରଖାଯିବ। ***(ଶେଷ ପୃଷ୍ଠା ଦେଖନ୍ତୁ)***

## ଅଙ୍ଗନୱାଡି କେନ୍ଦ୍ରରେ ଜାତୀୟ ପତାକାକୁ ଅସମ୍ମାନ

# ପୋଲିସ ଉପସ୍ଥିତିରେ ଉଡ଼ିଲା ଛିଣ୍ଡା ଜାତୀୟ ପତାକା

**ଆଳି,୨୭।୧**
**ସୁଶାନ୍ତ କୁମାର ଦାଶ**

ଯେତେବେଳେ ସମଗ୍ର ଦେଶ ୭୭ତମ ସାଧାରଣତନ୍ତ୍ର ଦିବସ ବେଶ ଧୂମଧାମରେ ପାଳନ କରୁଥିଲା ଠିକ ସେତିକି ବେଳେ ଏଠାରେ ଲଗାତାର ଭାବେ ଚାଲିଥିଲା ଜାତୀୟ ପତାକାକୁ ଅବମାନନା। ଏ ଘାଟଣାଟି ଦେଖା ଯାଇଥିଲା କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅଧୀନ କେତୁଆପାଳ ଅଙ୍ଗନୱାଡି କେନ୍ଦ୍ରଠାରେ। କେନ୍ଦ୍ରାପଡ଼ା ଜିଲ୍ଲା ଆଳି ଥାନା ଅନ୍ତର୍ଗତ କେତୁଆପାଳ ଅଙ୍ଗନୱାଡି କେନ୍ଦ୍ରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଜାତୀୟ ପତାକାକୁ ଘୋର ଅସମ୍ମାନ କରାଯାଇଥିବା ଜଣାଯାଇଛି। ପ୍ରତିବାଦ କରିବାରୁ ସ୍ୱାମୀଙ୍କ ନାଲିଆଖି ସହିବାକୁ ପଡିଛି ଏବଂ ପୋଲିସ ଉପସ୍ଥିତିରେ ପୁନର୍ବାର ଉଡାଗଲା ଛିନ୍ନ ଜାତୀୟ ପତାକା ଏମିତି ଏକ ଗୁରୁତର ଘଟଣା ଦେଖିବାକୁ ମିଳିଛି।

ଖବରନେବାରୁ ଜଣାଯାଇଛି ଯେ କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ, ଥାନା ଓ ମହିଳା ଓ ଶିଶୁ ବିକାଶ ବିଭାଗ ଅଧୀନରେ କେତୁଆପାଳଠାରେ

### ଦୁଇଥର ଅବତରଣ
### ତିନିଥର ଉତ୍ତୋଳନ

ଚାଲିଥିବା ଅଙ୍ଗନୱାଡି କେନ୍ଦ୍ରରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଗୋଟିଏ ଛିଣ୍ଡା ଜାତୀୟ ପତାକାକୁ ପତଳା ପ୍ଲାଷ୍ଟିକ ସୂତାରେ ବାନ୍ଧି ଉତ୍ତୋଳନ କରାଯାଇଥିଲା। ଏହା ଦେଖିବାପରେ ସ୍ଥାନୀୟ ଜନସାଧାରଣ ପ୍ରତିବାଦ କରିବାରୁ ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ସ୍ୱାମୀ ଘଟଣାସ୍ଥଳରେ ପହଞ୍ଚି



ଅକ୍ଷମଣୀୟ ଅପରାଧକୁ ସୁଧାରିବା ବଦଳରେ ପ୍ରତିବାଦ କରୁଥିବା ଲୋକଙ୍କ ସହିତ ଓଲଟା ବିତଣ୍ଡା ଯୁକ୍ତି କରି ନାଲିଆଖି ଦେଖାଇଥିଲେ। ନିକଟସ୍ଥ ଗୋବିନ୍ଦପୁର ପୋଲିସ ବିଟ ହାଉସକୁ ଜଣାଇବା ୨ ଜଣ କନେଷ୍ଟବଳଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ପୋଲିସ ଉପସ୍ଥିତିରେ ପତାକାକୁ ଅବତରଣ କରାଗଲା। ନୂଆ ପତାକା ନଲଗାଇ ପୁନର୍ବାର ସେହି ପଲିଷ୍ଟର କପଡ଼ାର ଛିଣ୍ଡା ଜାତୀୟ ପତାକାକୁ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ସ୍ୱାମୀ ପ୍ଲାଷ୍ଟିକ ଦଉଡ଼ିରେ ***(ଶେଷ ପୃଷ୍ଠା ଦେଖନ୍ତୁ)***

## ରତ୍ନ ଭଣ୍ଡାର ଚାବି ହଜିବା ପ୍ରସଙ୍ଗ

# ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ,୨୭।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ସମସ୍ତ ରତ୍ନ ପୂର୍ବବତ ରହିଛି ନା ନାହିଁ, ସେ ନେଇ ସ୍ପଷ୍ଟ ତଥ୍ୟ ଲୋଡ଼ିଛନ୍ତି ମାମଲାର ଆବେଦନକାରୀ। ରତ୍ନ ଭଣ୍ଡାର ଚାବି ହଜିବା ସଂପର୍କରେ ତଦନ୍ତ କମିଶନର ରିପୋର୍ଟ କେବେ ସାର୍ବଜନୀନ ହେବ, ତା ଉପରେ ମଧ୍ୟ ହାଇକୋର୍ଟ ସ୍ପଷ୍ଟୀକରଣ ଲୋଡ଼ିଛନ୍ତି। ତେବେ ରତ୍ନ ଗଣତି ମଣତି ପାଇଁ ଏସଓପି ପ୍ରସ୍ତୁତ ହୋଇସାରିଛି ଏବଂ ରାଜ୍ୟ ସରକାରଙ୍କ ମଂଜୁରୀ ମିଳିଲେ ଗଣତିମଣତି ପ୍ରକ୍ରିୟା ଆରମ୍ଭ ହେବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୋର୍ଟକୁ ଅବଗତ କରାଯାଇଛି । ୧୯୭୮ମସିହାରେ ଶେଷଥର ପାଇଁ ଗଣତିମଣତି ହୋଇଥିଲା। କିନ୍ତୁ ସେହି ମୁତାବକ ରତ୍ନ ଏବେ ରତ୍ନ ଭଣ୍ଡାରରେ ଅଛି କି ନାହିଁ ସେ ନେଇ ଆବେଦନକାରୀ ପ୍ରଶ୍ନ ଉଠାଇଛନ୍ତି। ଯାହା ଉପରେ ଆଗାମୀ ତାରିଖ ସୁଦ୍ଧା ଆଭିମୁଖ୍ୟ ସ୍ପଷ୍ଟ କରିବା ଲାଗି ହାଇକୋର୍ଟ ରାଜ୍ୟସରକାରଙ୍କୁ କହିଛନ୍ତି।

# ବାରାହା ଆକ୍ରମଣରେ ଜଣେ ମୃତ

**ଜି.ଉଦୟଗିରି,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ଶ୍ରୀକଲା ଘାଟି ଅଞ୍ଚଳରେ ଗତକାଲି ବାରହା ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଗୁରୁତର ଆହତ ହୋଇ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ମୃତ ମହିଳା ଜଣକ ହେଲେ କନବାଗେରୀର ଅପସରୀ ପ୍ରଧାନ(୬୦)। ଆହତମାନେ ହେଲେ ନିରଜିନୀ ପ୍ରଧାନ(୬୦) ଏବଂ ଡାକପାଲା ଗ୍ରାମର ସସ୍ମିତା ମଲ୍ଲିକ(୩୫)।

ଘଟଣା ଅନୁସାରେ ଅପସରୀ ପ୍ରଧାନ ଓ ନିରଜିନୀ ପ୍ରଧାନ କାଠ ସଂଗ୍ରହ କରିବାକୁ ଶ୍ରୀକଲା ଘାଟି ଅଞ୍ଚଳକୁ ଯାଇଥିଲେ। କାଠ ସଂଗ୍ରହ ବେଳେ ଉଭୟଙ୍କୁ ବାରହା ଆକ୍ରମଣ କରିଥିବା ବେଳେ ଅପସରୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଅପସରୀଙ୍କ ଅବସ୍ଥା ଅଧିକ ଗୁରୁତର ହେବାରୁ ତାଙ୍କୁ ଫୁଲବାଣୀ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ଚିକିତ୍ସାଧିନ ଅବସ୍ଥାରେ ଅପସରୀଙ୍କ ମୃତ୍ୟୁ ଘଟିଥିବା ନେଇ ସମ୍ପର୍କୀୟ ସୂଚନା ଦେଇଛନ୍ତି। ସେହିପରି ଡାକପାଲା ଗ୍ରାମର ସସ୍ମିତା ମଲ୍ଲିକ(୩୫) ତାଙ୍କ ସ୍ୱାମୀ ବାପି ମଲ୍ଲିକଙ୍କ ସହ ଜି.ଉଦୟଗିରିରୁ ବାଇକ୍ ଯୋଗେ ଗାଁକୁ ଫେରୁଥିବା ବେଳେ ଶ୍ରୀକଲା ଘାଟି ନିକଟରେ ବାଇକ୍ ଖରାପ ହୋଇଯାଇଥିଲା। ବାପି ବାଇକ୍ ମରାମତି କରୁଥିବା ବେଳେ ହଠାତ ଏକ ବାରାହା ଆସି ସସ୍ମିତାଙ୍କୁ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ସସ୍ମିତାକୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତୀ କରିଥିଲେ। ଘଟଣାଟି ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ବନ ବିଭାଗ ତୁରନ୍ତ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।

# ସ୍ତ୍ରୀକୁ ହାଣି ସ୍ୱାମୀର ଆତ୍ମହତ୍ୟା ଉଦ୍ୟମ

**ପଟ୍ଟାମୁଣ୍ଡାଇ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ପାରିବାରିକ କଳହର କରୁଣ ପରିଣତିର ସଦ୍ୟତମ ଉଦାହରଣ କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଂଚଳ ଥାନା ଅଧିନ ମାଳିପୁର ଗାଁରେ ଦେଖିବାକୁ ମିଳିଛି। ଗୁରୁବାର ବିଳମ୍ବିତ ରାତିରେ ସ୍ୱାମୀର କଟୁରିଆଘାତରେ ସ୍ତ୍ରୀ ଗୁରୁତର ହୋଇ ଚିକିତ୍ସାଧିନ ଥିବା ଖବର ସାମ୍ନାକୁ ଆସିଥିବା ବେଳେ ମଙ୍ଗଳବାର ସକାଳୁ ସ୍ୱାମୀ ଆତ୍ମହତ୍ୟା ଉଦ୍ୟମ କରି ପୋଖରି ଆଡିରେ ଗୁରୁତର ଅବସ୍ଥାରେ ପଡିଥିଲା । ଉଭୟ ଗୁରୁତର ଅବସ୍ଥାରେ କଟକ ବଡ ଡାକ୍ତରଖାନାରେ ଚିକିତ୍ସାଧିନ ଅଛନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୁଚନା ମିଳିଛି। ମାତ୍ର ଏନେଇ ଗ୍ରାମଂଚଳ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଆଇଆଇସି ଶ୍ରୀକାନ୍ତ ବାରିକ କହିଛନ୍ତି।

ସୂଚନା ଅନୁଯାଇ ମାଳିପୁର ଗ୍ରାମର ପ୍ରତାପ ମଳିକ (୫୫) ଓ ସ୍ତ୍ରୀ ଭାରତୀଙ୍କ (୪୫) ମଧ୍ୟରେ କୌଣସି କାରଣକୁ ନେଇ ସୋମବାର ବିଳମ୍ବିତ ରାତିରେ ବଚସା ହୋଇଥିଲା। ଶେଷରେ ସ୍ୱାମୀ ପ୍ରତାପ ଉତ୍ୟକ୍ତ ହୋଇ ଧରିଥିବା କଟୁରିରେ ସ୍ତ୍ରୀକୁ ଆଘାତ ଦେଇଥିଲା। ଏଥିରେ ଭାରତୀ ଗୁରୁତର ହୋଇ ଚିତ୍କାର କରିଥିଲା। ଭାରତୀଙ୍କ ଚିତ୍କାର ଶୁଣି ପଡୋଶୀମାନେ ପହଂଚି ତାଙ୍କୁ ଉଦ୍ଧାର କରି ପଟ୍ଟାମୁଣ୍ଡାଇ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରିଥିଲେ। ମାତ୍ର ପଟ୍ଟାମୁଣ୍ଡାଇ ଡାକ୍ତର ତାଙ୍କୁ କଟକ ବଡ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ। ହେଲେ ସ୍ୱାମୀ ପ୍ରତାପ ସ୍ତ୍ରୀକୁ ଆକ୍ରମଣ କରି ରାତିରୁ କୁଆଡେ ପଳାଇଥିଲେ। ମଙ୍ଗଳବାର ସକାଳୁ ଗ୍ରାମବାସୀ ଏକ ପୋଖରୀ ନିକଟରୁ ଚେତାଶୁନ୍ୟ ଅବସ୍ଥାରେ ପ୍ରତାପକୁ ଦେଖିବାକୁ ପାଇଥିବା ବେଳେ ତା ପାଖରେ ଏକ ବିଷ ବୋତଲ ଓ କଟୁରି ପଡିଥିବାର ଦେଖିଥିଲେ। ସେମାନେ ପ୍ରତାପକୁ ସେଠାରୁ ଗୁରୁତର ଅବସ୍ଥାରେ ପଟ୍ଟାମୁଣ୍ଡାଇ ଉପଖଣ୍ଡ ଡାକ୍ତରଖାନକୁ ଆଣିଥିଲେ। ମାତ୍ର ଡାକ୍ତର ତାଙ୍କୁ କଟକ ସ୍ଥାନାନ୍ତର କରିଛନ୍ତି ବୋଲି ଗ୍ରାମବାସୀଙ୍କ ପକ୍ଷରୁ ସୂଚନା ମିଳିଛି।

# ପାରିବାରିକ କଳହରୁ ପୁଅକୁ ହତ୍ୟା କଲା ମା'

**ନୂଆଦିଲ୍ଲୀ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

**ପୁଣେ:** ମହାରାଷ୍ଟ୍ର ପୁଣେ ବାଘୋଲୀରେ ଜଣେ ମହିଳା ନିଜ ୧୧ ବର୍ଷୀୟ ପୁଅର ବେକ କାଟି ହତ୍ୟା କରିଛନ୍ତି। ମଙ୍ଗଳବାର ସକାଳେ ବାଘୋଲୀର ଏକ କଲୋନୀରେ ଏମିତି ଘଟଣା ଘଟିଛି। ପୁଲିସ ସୂଚନା ଅନୁସାରେ ମହିଳା ଜଣକ କୌଣସି ଏକ ଧାରୁଆ ଅସ୍ତ୍ରରେ ନିଜ ପୁଅର ଗଳା କାଟି ହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏହି ସମୟରେ ମହିଳା ନିଜ ୧୩ ବର୍ଷର ନାବାଳିକା ଝିଅ ଉପରେ ମଧ୍ୟ ଆକ୍ରମଣ କରିଥିଲେ। ଝିଅର ଚିତ୍କାର ଶୁଣି ପଡୋଶୀ ଘରେ ପହଞ୍ଚିବା ପରେ ନାବାଳିକାର ଜୀବନ ବଞ୍ଚି ଯାଇଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମହିଳା କାହିଁକି ଏଭଳି ***(ଶେଷ ପୃଷ୍ଠା ଦେଖନ୍ତୁ)***

# ରବିବାର ବଜେଟ୍

**ନୂଆଦିଲ୍ଲୀ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ସରକାରଙ୍କ ବଜେଟ୍ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ନର୍ଥ ବ୍ଲକ୍‌ରେ ଗୁରୁତ୍ୱପୂର୍ଣ୍ଣ ହାଲ୍ୱା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସମସ୍ତ ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହଲ୍ୱା ବାଣ୍ଟିଥିଲେ। ଏହି ଉତ୍ସବ ସହ ବଜେଟ୍ ପ୍ରସ୍ତୁତି ସହ ଜଡିତ ସମସ୍ତ ଅଧିକାରୀଙ୍କୁ ନର୍ଥ ବ୍ଲକ୍‌ରେ ବନ୍ଦ ରଖାଯିବ। ସେମାନଙ୍କୁ ଆଉ ବାହାରକୁ ଛଡାଯିବ ନାହିଁ। ସେମାନେ ବାହ୍ୟ ଦୁନିଆ ସହ ଯୋଗାଯୋଗରେ ରହିପାରିବେ ନାହିଁ। ସେମାନଙ୍କୁ ଫୋନ ଓ ଇଣ୍ଟରନେଟ୍ ବ୍ୟବହାରର ଅନୁମତି ନଥାଏ।

ଖାଦ୍ୟ ପାନୀୟଠାରୁ ଆରମ୍ଭ କରି ରହଣୀ ପର୍ଯ୍ୟନ୍ତ ସେମାନଙ୍କ ଲାଗି ସମସ୍ତ ବ୍ୟବସ୍ଥା କରାଯାଇଥାଏ। ଏହି ସମୟରେ ସେମାନଙ୍କୁ ସୁରକ୍ଷାକର୍ମୀମାନେ ଜଗି ରହିଥାନ୍ତି। ବଜେଟ୍ ଦସ୍ତାବିଜର ଗୋପନୀୟତା ବଜାୟ ରଖିବାକୁ ଏହି ପଦକ୍ଷେପ ନିଆଯାଇଛି। ଶ୍ରୀମତୀ ସୀତାରମଣ ପ୍ରଥମ ଥର ପାଇଁ ରବିବାର ଦିନ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି।



ହାଲ୍ୱା ଉତ୍ସବ ସମୟରେ ଶ୍ରୀମତୀ ସୀତାରମଣ ବଜେଟ୍ ପ୍ରେସ୍ ପରିଦର୍ଶନ କରିବା ସହ ପ୍ରସ୍ତୁତି କାର୍ଯ୍ୟର ସମୀକ୍ଷା କରିଥିଲେ। ସେ ସମସ୍ତ ଟିମ୍‌କୁ ଶୁଭକାମନା ଜଣାଇଥିଲେ। ତାଙ୍କ ସହ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧୁରୀ, ଅର୍ଥ ମନ୍ତ୍ରଣାଳୟ ଅଧୀନରେ ଥିବା ସସସ୍ତ ବିଭାଗର ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥର ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଆମେରିକାରେ ଶୀତଝଡ଼ ୩୦ ମୃତ

**ୱାସିଂଟନ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକାରେ ଶୀତକାଳୀନ ଝଡ଼ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଇଛି। ବରଫ ଭିତରେ ଲୋକମାନେ ଥରୁଥିବା ବେଳେ ଶୀତଝଡରେ ପ୍ରାୟ ୩୦ ଜଣଙ୍କର ମୃତ୍ୟୁ ଘଟିଛି। ବିମାନ ଚଳାଚଳ ବ୍ୟାହତ ହୋଇଛି ଏବଂ ପ୍ରମୁଖ ବିମାନ ବନ୍ଦରଗୁଡିକରେ ଅନେକ ବିମାନକୁ ବାତିଲ କରିବାକୁ ପଡିଛି। ଏହି ସପ୍ତାହ ଶେଷରେ ଆଉ ଏକ ଆର୍କଟିକ୍ ବିସ୍ଫୋରଣ ଘଟିବାକୁ ଯାଉଥିବାରୁ ନୂଆ ଶୀତଝଡରେ ବିମାନଶିଳ୍ପ ଅଧିକ ବ୍ୟାହତ ହେବାର ସମ୍ଭାବନା ଅଛି ବୋଲି ବ୍ଲୁମବର୍ଗ ମଙ୍ଗଳବାର ରିପୋର୍ଟ କରିଛି।

ଡେଲଟା ଏୟାର ଲାଇନ୍ସ ଇଙ୍କ୍ ଉତ୍ତର-ପୂର୍ବରେ ପ୍ରତିକୂଳ ପାଗ ଯୋଗୁଁ ବୋଷ୍ଟନ୍ ଓ ନ୍ୟୁୟର୍କର ଜନ୍ ଏଫ୍ ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଉତ୍ତରପୀଢ଼ିଙ୍କ ଚିନ୍ତା ବଢ଼ାଇବ ସାମୁଦ୍ରିକ ବିପତ୍ତି, ପ୍ରଦୂଷଣ ଓ ଜଳ ଶୁଷ୍କତା

**କେନ୍ଦ୍ରାପଡ଼ା,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବଙ୍ଗୋପସାଗର ତଟରେ ଅବସ୍ଥିତ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରତି ଜଳବାୟୁରେ ଦ୍ରୁତ ପରିବର୍ତ୍ତନ ଯୋଗୁ ସାମୁଦ୍ରିକ ବିପତ୍ତି ଆଶଙ୍କା ବଢିଯାଇଛି। ଜିଲ୍ଲାରେ ଶିଳ୍ପ ନଥିଲେ ମଧ୍ୟ ସଂଲଗ୍ନ ପାରାଦୀପର ଶିଳ୍ପାଂଚଳର ପ୍ରଦୂଷଣ ପାଇଁ ଏହି ଜିଲ୍ଲା ଗଭୀର ଭାବେ ପ୍ରଭାବିତ ହୋଇ ଚାଲିଛି । ସେହିପରି କେନ୍ଦ୍ରାପଡ଼ା ଜିଲ୍ଲାକୁ ସରକାରୀ ଭାବେ ସମ୍ଭାବ୍ୟ ଜଳ ସଂକଟ ଜିଲ୍ଲା ଭାବେ ଘୋଷଣା କରି ସରକାର କର୍ତ୍ତବ୍ୟ ସାରି ଦେଇଛନ୍ତି । ଯାହା ଫଳରେ ଜିଲ୍ଲାର ଉତ୍ତରପୀଢ଼ିଙ୍କ ସୁରକ୍ଷା ଏବେ ମୁଖ୍ୟ ସମସ୍ୟା ଭାବେ ଛିଡ଼ା ହୋଇଛି । ଏହି ସମସ୍ୟାର ସମାଧାନ ଦିଗରେ କ'ଣ ସବୁ ପଦକ୍ଷେପ ନିଆଯାଇପାରିବ ବା ନିଆଯାଇନପାରିବ ତାହା ତ ଭିନ୍ନ କଥା, କିନ୍ତୁ ହାତରେ ଥିବା ଗୋଟିଏ ସହଜ ପଦକ୍ଷେପ ହେଲା ବ୍ୟାପକ ବୃକ୍ଷରୋପଣ ।

ସମୁଦ୍ର ତଟରେ ଅବସ୍ଥିତ ଏହି ଜିଲ୍ଲା ପ୍ରତି ସବୁବେଳେ ସାମୁଦ୍ରିକ ଝଡ଼ ଓ ସୁନାମୀର ବିପଦ ଥିବାରୁ କେବଳ ଆଦ୍ରଭୂମିର ସୁରକ୍ଷା ଓ ବୃକ୍ଷରୋପଣ ଦ୍ୱାରା ହିଁ ଏହାକୁ ପ୍ରତିରୋଧ କରାଯାଇପାରିବ । ଏଥିସହିତ ଶିଳ୍ପ ନଥାଇ ମଧ୍ୟ ପଡ଼ୋଶୀ ଜିଲ୍ଲାର ଶିଳ୍ପାନୁଷ୍ଠାନ ଯୋଗୁ କେନ୍ଦ୍ରାପଡ଼ା ଜିଲ୍ଲା ସବୁଠୁ ଅଧିକ ପ୍ରଦୂଷିତ ହେଉଥିବା ତଥ୍ୟ ପ୍ରକାଶିତ ହୋଇଛି । ଅନ୍ୟପକ୍ଷରେ ଜିଲ୍ଲାରେ ଭୂତଳ ଜଳ ସ୍ତର ହ୍ରାସ ଜନିତ ସମ୍ଭାବ୍ୟ ବିପଦକୁ ଏଡ଼ାଇବା ପାଇଁ ଜିଲ୍ଲା ଭୂଖଣ୍ଡର ଜଳଧାରଣ ଶକ୍ତି ବୃଦ୍ଧି ଅପରିହାର୍ଯ୍ୟ ହୋଇପଡ଼ିଥିବାରୁ ଏହା କେବଳ ବୃକ୍ଷରୋପଣ ଦ୍ୱାରା ସମ୍ଭବ ହୋଇପାରିବ ।

ଏହି ବୈଜ୍ଞାନିକ ଉପଲବ୍ଧି ପ୍ରତି ଜିଲ୍ଲା ପ୍ରଶାସନ ଓ ସରକାର ଯେତିକି ଗୁରୁତ୍ୱ ଦେବା କଥା ତାହା ଏଯାଏ ସମ୍ଭବ ହେଲାନାହିଁ । ବରଂ ଏଥିପ୍ରତି ପ୍ରଶାସନର ଉଦାସୀନତା ଯୋଗୁ ଯେତିକି ବି ବୃକ୍ଷରୋପଣ ପାଇଁ ପଦକ୍ଷେପ ନିଆଯାଉଛି ତାହା କେବଳ କାଗଜପତ୍ରରେ ସୀମିତ ରହୁଛି ।

ଆପୱା ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ୨୫ ଏକର ଜମିରେ ଜଙ୍ଗଲ ସୃଷ୍ଟି କରିଥିବା ନେଇ ଖୋଦ୍ ଦେଶର ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା ପରେ ଯେଉଁ ବାସ୍ତବ ଚିତ୍ର ଲୋକଲୋଚନକୁ ଆସିଲା ସେଥିରୁ ଜିଲ୍ଲାରେ କିପରି ବୃକ୍ଷରୋପଣ ଚାଲିଛି ତାହା ଆଉ କାହାକୁ ବୁଝାଇବାର ଆବଶ୍ୟକତା ନାହିଁ । କାରଣ ଯେଉଁ ୨୫ଏକର ଜମିରେ ସଂପୃକ୍ତ ସଂସ୍ଥା ଜଙ୍ଗଲ ସୃଷ୍ଟି କରିଛି ବୋଲି କୁହାଯାଇଥିଲା ସେଠାରେ ୱାନ୍ ପରସେଣ୍ଟ ଗଛ ନଥିବା ଦେଖାଯାଇଥିଲା । ଅଧିକନ୍ତୁ ସରକାରୀ ତହବିଲରୁ ଏଠାରେ ବୃକ୍ଷରୋପଣ ପାଇଁ ୧୦.୭୨ଲକ୍ଷ ଟଙ୍କା ବିନିଯୋଗ ହୋଇଥିବା ଜଣାପଡ଼ିଥିଲା । କେବଳ ଏହି ଗୋଟିଏ ଦୃଷ୍ଟାନ୍ତ ନୁହେଁ ବୃକ୍ଷରୋପଣ ନାଁ ରେ ପ୍ରତିବର୍ଷ ଜିଲ୍ଲାରେ ଲକ୍ଷଲକ୍ଷ ଟଙ୍କା ହେରଫେର ହେଉଛି ସିନା କୌଣସି ଠାରେ ଲକ୍ଷ୍ୟ ସାଧିତ ହୋଇପାରିନାହିଁ । ଜିଲ୍ଲାର ତଟାଞ୍ଚଳରେ କେଉଁ ସ୍ମରଣାତିତ କାଳରୁ ସୁରକ୍ଷା କବଚ ଭାବେ ଥିବା ହେନ୍ତାଳ ଜଙ୍ଗଲର ଅବକ୍ଷୟ ଯୋଗୁ ଜିଲ୍ଲାରେ ୧୯୯୯ ମହାବାତ୍ୟ ଯେପରି ତାଣ୍ଡବ ରଚିଲା ତାହା ଆଜି ବି ତାଜା ହୋଇ ରହିଛି ।

ହେଲେ ଭବିଷ୍ୟତରେ ଏଭଳି ଭୟାବହତାକୁ ଏଡ଼ାଇବା ପାଇଁ ବୃକ୍ଷରୋପଣକୁ ଯେପରି ପ୍ରାଧାନ୍ୟ ଦେବା କଥା ତାହା ସମ୍ଭବ ହୋଇନାହିଁ । କେବଳ ଧର୍ମକୁ ଆଖିଠାର ମାରିବା ଭଳି ବୃକ୍ଷରୋପଣ ପାଇଁ ସରକାର କିଛି କିଛି ଅର୍ଥ ଦେଇଥିବାବେଳେ ଏହାକୁ କିଛି ଲୋକ ହେରଫେର କରିବା ସାର ହୋଇଛି । ସରକାର ଜିଲ୍ଲାରେ ଜଳ ଶକ୍ତି ଅଭିଯାନର ଶୁଭାରମ୍ଭ କରିବା ପରେ ଜିଲ୍ଲାରେ ବ୍ୟାପକ ବୃକ୍ଷରୋପର ହେବ ବୋଲି ଯେଉଁ ଆଶା ସଂଚାର ହୋଇଥିଲା ତାହା ଦିନ କେଇଟାରେ ମିଳାଇ ଯାଇଛି । ଏହା କେବଳ ସେହି ଶୁଭାରମ୍ଭ ଅବସରରେ କେତୋଟି ଚାରା ବଣ୍ଟନରେ ସୀମିତ ରହିଗଲା। ଅନ୍ୟପକ୍ଷରେ ସରକାରଙ୍କ ବହୁଳ ପ୍ରଚାରିତ ଗ୍ରୀନ୍ ମହାନଦୀ ପ୍ରକଳ୍ପ ନାମ କରଣରୁ ଅଟକି ଯିବାରୁ କେନ୍ଦ୍ରାପଡ଼ା ଜିଲ୍ଲାକୁ ଏଥିରୁ ଯେଉଁ ସୁଫଳ ମିଳିଥାନ୍ତା ତାହା ଅପହଞ୍ଚ ହୋଇଗଲା । ଦୀର୍ଘ ୧୫ ବର୍ଷ ପୂର୍ବେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ପ୍ରଶକ୍ତିକରଣ ପାଇଁ ହଜାର ହଜାର ପ୍ରାଚୀନ ବୃକ୍ଷକୁ କାଟି ଗଡ଼ାଇ ଦିଆଗଲା ସିନା ଏଯାଏ ଗୋଟିଏ ହେଲେ ଗଛ ସୃଷ୍ଟି କରାଗଲା ନାହିଁ । ଅଧିକନ୍ତୁ ଗଛ ଲଗାଇବା ନାଁରେ ୮୬ଲକ୍ଷ ଟଙ୍କା ଲୁଟି ନିଆଗଲା । ***(ଶେଷ ପୃଷ୍ଠା ଦେଖନ୍ତୁ)***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ଜାନୁଆରୀ ୨୦୨୬ । ବୁଧବାର




## ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ଲୁଟ୍

**ଜୟପୁର: ଏକ୍ସପ୍ରେସ ନ୍ୟୁଜ୍**

କୋରାପୁଟ ଜିଲ୍ଲା ବୋରିଗୁମ୍ମା ଥାନା ଅଞ୍ଚଳରେ ପୁଣି ସକ୍ରିୟ ହେଲେ ଲୁଟେରା ଦଳ। ଥାନା ଠାରୁ ଅତି ନିକଟ ରାଜପଥ କଡକୁ ଲାଗି ରହିଥିବା ଏକ ଘରେ ମୁଖ୍ୟ ଫାଟକ ଭାଙ୍ଗି ଘରେ ପଶିଲେ ଆଉ ଘର ମାଲିକଙ୍କୁ ମାରଣାସ୍ତ୍ର ଦେଖାଇ ୨ ଲକ୍ଷ ଟଙ୍କା ଲୁଟି ନେଇ ଚମ୍ପଟ ମାରିଛନ୍ତି ୪ଜଣ ଦୁର୍ବୃତ୍ତ। ଏହି ଘଟଣା ସମ୍ପର୍କରେ ପୋଲିସକୁ କହିଲେ ଜୀବନରେ ମାରିଦେବା ନେଇ ଘରମାଲିକଙ୍କୁ ଧମକ ଦିଆଯାଇଛି । ଏଭଳି ଘଟଣା ସାମ୍ନାକୁ ଆସିଛି ବୋରିଗୁମ୍ମା ସହରରୁ।

ମଙ୍ଗଳବାର ରାତିରେ ବୋରିଗୁମ୍ମା ସହର ଜୟପୁର ରୋଡ ପାର୍ଶ୍ୱରେ ଥିବା ଜଣେ ବ୍ୟବସାୟୀ ଟୁଲେ ଗୁରୁମୂର୍ତ୍ତିଙ୍କ ଘରେ ଡକାୟତି ହୋଇଛି। ବ୍ୟବସାୟୀଙ୍କୁ ମାରଣାସ୍ତ୍ର ଦେଖାଇ ନଗଦ ଦୁଇ ଲକ୍ଷ ଟଙ୍କା ଏବଂ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇଛନ୍ତି। ଯାହାକି ବୋରିଗୁମ୍ମା ପୋଲିସ ପାଇଁ ଏକ ବଡ଼ ଚେଲେଞ୍ଜ ସୃଷ୍ଟି କରିଛି।

ଗତ କିଛି ଦିନ ପୂର୍ବରୁ ବୋରିଗୁମ୍ମା ସହରର ନବରଙ୍ଗପୁର ରୋଡକୁ ଲାଗି ରହିଥିବା ରାଜେଶ୍ୱରୀ ପାଢ଼ୀଙ୍କ ଘରେ ତାଲା ଭାଙ୍ଗି ଦୁର୍ବୃତମାନେ ପଶିଥିଲେ। ଘରେ ଥିବା ଚାରି ତୋଳାରୁ ଉର୍ଦ୍ଧ୍ୱ ସୁନା ଅଳଙ୍କାର ନେବା ସହ ନଗଦ ୨ ଲକ୍ଷ ଟଙ୍କା ଚୋରି କରିଥିଲେ ଚୋର। ଘଟଣାରେ ବୋରିଗୁମ୍ମା ପୋଲିସକୁ କୌଣସି ସୁଫଳ ମିଳି ନଥିବା ବେଳେ ଗତକାଲି ରାତି ପୁଣି ଆଉ ଏକ ଘରୁ ଡକାୟତି ଘଟଣା ପୋଲିସ ପାଇଁ ଚିନ୍ତାର କାରଣ ସାଜିଛି। ଅଭିଯୋଗ ପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ଷ୍ଟେସନ୍‌ରୁ ଡକାୟତି ଉଦ୍ୟମ
## ୫ କର୍ମଚାରୀଙ୍କୁ ପ୍ରାଣାନ୍ତକ ଆକ୍ରମଣ

**ତାଳଚେର: ଏକ୍ସପ୍ରେସ ନ୍ୟୁଜ୍**

ତାଳଚେର ଲିଙ୍କ ସାଉଥବଲଣ୍ଡା ଷ୍ଟେସନ୍‌ରୁ ଡକାୟତି ଉଦ୍ୟମ ହୋଇଛି । ଡକାୟତମାନେ ଷ୍ଟେସନ୍‌ର ୫ ଜଣ କର୍ମଚାରୀଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ୨୫ ତାରିଖ ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି।

ସୂଚନା ଅନୁଯାୟୀ ପ୍ରାୟ ୧୫ ଜଣ ଦୁର୍ବୃତ୍ତ ତାଳଚେର ଲିଙ୍କ୍ ସାଉଥ୍‌ବଲଣ୍ଡା ଷ୍ଟେସନକୁ ଯାଇଥିଲେ। ସେଠାରେ ଥିବା କିଛି ସାମଗ୍ରୀକୁ ଚୋରି କରିବାକୁ ଉଦ୍ୟମ କରିଥିଲେ। ଏହାକୁ ଷ୍ଟେସନ୍ ପରିଚାଳକ ସୌମ୍ୟ ରଂଜନ ବିଶ୍ୱାଳ, ଅମିତ କୁମାର ଭଗତ ବିରୋଧ କରିଥିଲେ। ଏଥିରେ କିଛି ଦୁର୍ବୃତ୍ତ ଉଭୟଙ୍କୁ ମାଡ ମାରିଥିଲେ। ପାଟିତୁଣ୍ଡ ଶୁଣି ଅନ୍ୟ କର୍ମଚାରୀ ତଥା ସାଗର ପ୍ରଧାନ, ଯଶୋବନ୍ତ କୁମାର, ଶରତ କୁମାର ଓ ପ୍ରତାପ କୁମାର ପରିଡା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ବୃତ୍ତମାନେ ସେମାନଙ୍କୁ ମଧ୍ୟ ମାଡ ମାରିବା ସହିତ ଷ୍ଟେସନ୍ କାର୍ଯ୍ୟାଳୟ ଭିତରୁ ୨ଟି ଟ୍ରେନ୍ ଏଲ୍‌ଇଡି ଅପରରେଟିଂ ପ୍ୟାନେଲ (ଭିଡିୟୁ) ଭାଙ୍ଗି ଦେବା ସହିତ ଷ୍ଟେସନ୍‌ର ହଟ୍‌ଲାଇନ୍ ଫୋନ୍ ସହିତ ଅଟୋ ଫୋନ୍‌କୁ ଲୁଟି ନେଇଥିଲେ। ପରେ ସେମାନେ ୫ ରେଲ୍‌ୱେ କର୍ମଚାରୀଙ୍କ ମୋବାଇଲ ଫୋନ୍ ମଧ୍ୟ ନେଇ ଯାଇଥିଲେ। ଏଥି ସହିତ ଉକ୍ତ କର୍ମଚାରୀଙ୍କ ବାଇକ୍‌କୁ ଲୁହାଛଡରେ ପିଟି ଭାଙ୍ଗି ଦେଇଥିଲେ।

ଫଳରେ ତାଳଚେର ଲିଙ୍କ ସାଉଥବଲଣ୍ଡା ଷ୍ଟେସନ୍‌ରୁ ସମସ୍ତ ଖଣି ଭିତରକୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯାଇଥିଲା। ପରବର୍ତ୍ତୀ ସମୟରେ ଖବରପାଇ ରେଲ୍‌ୱେ ବିଭାଗ ୨ଟି ଭିଡିୟୁ ଲାଗଇବା ଦ୍ୱାରା ଖଣି ଭିତରକୁ ଯାଇଥିବା ରାସ୍ତାକୁ ସିଗନାଲ୍ ମିଳିଥିଲା ଓ ଟ୍ରେନ୍ ଚଳାଚଳ ହୋଇଥିଲା। ଏ ନେଇ ରେଳ ବିଭାଗର ସତ୍ୟଜିତ ଭୁଡିଆ କୋଲିୟାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ୍ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଅନିଶ୍ଚିତତା ମଧ୍ୟରେ ବୃତ୍ତି ପରୀକ୍ଷା ଫଳ




**ଗୋପ: ଏକ୍ସପ୍ରେସ ନ୍ୟୁଜ୍**

ରାଜ୍ୟରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଏବଂ ଗମନାଗମନ ପାଇଁ ଅଧିକ ବ୍ୟୟ ବରାଦ ସତ୍ତ୍ୱେ ସଠିକ ଭାବେ କାର୍ଯ୍ୟକ୍ରମ ହେଉନାହିଁ। ଏହାର ଏକ ଜଳନ୍ତକ ଉଦାହରଣଟି ହେଉଛି ପୁରୀ ଜିଲ୍ଲାର ଶିକ୍ଷା ବିଭାଗର ଅଜବ ନୀତି। ସ୍କୁଲର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ପ୍ରତିଯୋଗିତା ମୂଳକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ସେଥିମଧ୍ୟରୁ ଅନ୍ୟତମଟି ହେଉଛି ବୃତ୍ତି ପରୀକ୍ଷା ଏହାର ଆୟୋଜନ କରିବାର ମୁଖ୍ୟକାରଣଟି ହେଉଛି। ମେଧାବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷାକୁ ନେଇ ଯତ୍‌ବାନ ହେବା ସହିତ ଶିକ୍ଷା କ୍ଷେତ୍ରରେ କିପରି ଆଗ୍ରହ ପ୍ରକାଶ ପାଇବ ସେଥିପାଇଁ ବୃତ୍ତି ପରୀକ୍ଷାର ଆୟୋଜନ କରାଯାଇଥାଏ। ତାହା ପୁଣି ଶିକ୍ଷା ବର୍ଷ ଆରମ୍ଭରୁ କିନ୍ତୁ ଦୁଖ ଓ ପରିତାପର ବିଷୟଟି ହେଉଛି ଯେଉଁମାନେ ତୃତୀୟ ଶ୍ରେଣୀର ବୃତ୍ତି ପରୀକ୍ଷା ଦେଲେ ସେମାନେ ଚତୁର୍ଥ ଶ୍ରେଣୀ ନିମନ୍ତେ ବାର୍ଷିକ ପରୀକ୍ଷା ଓ ବୃତ୍ତି ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପଡିଥିଲା। ଠିକ ପଞ୍ଚମ ଶ୍ରେଣୀର ପିଲାମାନେ ମଧ୍ୟ ଷଷ୍ଠ ଶ୍ରେଣୀକୁ ଉତ୍ତୀର୍ଣ୍ଣ ହୋଇସାରିଲେଣି। ଯେଉଁଟା ଏପ୍ରିଲ ମାସରେ କରିବା କଥା ତାହା ଯଦି ଡିସେମ୍ବର କରାଯିବ ତେବେ ମାଧବୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଶିକ୍ଷା ପ୍ରତି କେତେ ଆଗ୍ରହ ପ୍ରକାଶ ପାଇବ? ୨୨/୧୨/୨୦୨୫ରେ ତୃତୀୟ ଶ୍ରେଣୀ ବୃତ୍ତି ନିମନ୍ତେ ଗୋପ ବ୍ଲକରେ ୩୨୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଠିକ ସେହିପରି ୨୩/୦୯/୨୦୨୫ରେ ପଞ୍ଚମ ଶ୍ରେଣୀର ବୃତ୍ତି ନିମନ୍ତେ ୨୬୬ ଜଣ ପରକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଶିକ୍ଷା ବର୍ଷର ୮ ମାସ ବିତିଯାଇଥିଲେ ମଧ୍ୟ ପୁରୀ ଜିଲ୍ଲାରେ ବୃତ୍ତି ପରୀକ୍ଷା ଦେଇଥିବା ମମେଧାବୀ ଛାତ୍ରଛାତ୍ରୀଙ୍କ ଭାଗ୍ୟ ଫଳ ଅନିଶ୍ଚିତତା ମଧ୍ୟରେ, ଏ ସମ୍ପର୍କରେ ଆମ ସ୍ଥାନୀୟ ପ୍ରତିନିଧି ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀଙ୍କୁ ବୃତ୍ତି ପରୀକ୍ଷା ସମ୍ପର୍କ ପଚାରିବାରୁ ସିଏ କହିଥିଲେ ଯେ ଡିସେମ୍ବର ମାସରେ ବାହାରିଯିବ। ଡିସେମ୍ବର ସାରି ଜାନୁଆରୀ ସାରିବାକୁ ବସିଲାଣି ଅଥଚ ପରୀକ୍ଷା ଫଳ ପ୍ରକାଶ କ୍ଷେତ୍ରରେ ଅହେତୁକ ବିଳମ୍ବ କାହିଁକି? ପୁନଃ ଆଜି ଆମ ପ୍ରତିନିଧି ଯୋଗାଯୋଗ କରିଥିଲେ ମଧ୍ୟ ସାର ଆଉ ଫୋନ ରିସିଭ କରୁନାହାନ୍ତି। ଯାହାଫଳରେ କି ବ୍ଲକ ଶିକ୍ଷାଧିକାରିଣୀ ସମିତା ସେନାପତିଙ୍କୁ ଫୋନରେ ଯୋଗାଯୋଗ କରିଥିଲେ। ଶ୍ରୀମତୀ ସେନାପତି କହିଥିଲେ ଆମେ ଆମ କାର୍ଯ୍ୟ ସମ୍ପୂର୍ଣ୍ଣ କରିଦେଇଛୁ। ଏକାଡେମୀ କ୍ଷେତ୍ରରେ କୌଣସି ଅସୁବିଧା ରହିଥିବ ତାହା ଜିଲ୍ଲା ଶିକ୍ଷାଧିକାରୀ କହିପାରିବେ। ଏ ସବୁ ସମସ୍ୟାକୁ ନେଇ ଅଭିଭାବକଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଉଛି। ଖାଲି ଯେ ତୃତୀୟ ଓ ପଞ୍ଚମ ବୃତ୍ତି ନୁହେଁ ଏହା ପୂର୍ବରୁ ଏନଏମଏମଏସ ପରୀକ୍ଷାରେ କୃତ କାର୍ଯ୍ୟ ହୋଇଥିବା ପିଲାଙ୍କୁ ଆର୍ଥିକ ସହାୟତା ଆଜି ପର୍ଯ୍ୟନ୍ତ ମିଳିପାରିଲା ନାହିଁ। ଏଭଳି ବ୍ୟତିକ୍ରମ ହେତୁ ପୁରୀ ଜିଲ୍ଲାର ମେଧାବୀ ଛାତ୍ରଛାତ୍ରୀମାନେ ଆଗକୁ ଅନ୍ୟ କୌଣସି ପ୍ରତିଯୋଗିତା ମୂଳକ ପରୀକ୍ଷା ପାଇଁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଥିପ୍ରତି ଦୃଷ୍ଟି ଦେବାକୁ ସ୍କୁଲ ଓ ଗଣଶିକ୍ଷା ବିଭାଗ ମନ୍ତ୍ରୀଙ୍କୁ ସାଧାରଣରେ ଦାବି କରିଛନ୍ତି।

## ଜେଏମ୍‌ଏଫ୍‌ସି କୋର୍ଟରେ ଟପ୍ ମାଓ ନେତା ଆଜାଦ

**ମୋହନା: ଏକ୍ସପ୍ରେସ ନ୍ୟୁଜ୍**



କଡ଼ା ସୁରକ୍ଷା ବଳୟରେ ମୋହନା ଜେଏମ୍‌ଏଫ୍‌ସି କୋର୍ଟରେ ହାଜର ହେଲେ ଟପ୍ ମାଓ ନେତା ଆଜାଦ ଓରଫ୍ ଡୁନା କେଶବ ରାଓ। ଗଜପତି ପୋଲିସ କଡ଼ା ସୁରକ୍ଷା ମଧ୍ୟରେ ଝାରପଡ଼ା ଜେଲ୍‌ରୁ ମାଓ ନେତା ଆଜାଦକୁ ଆଣି ଗଜପତି ଜିଲ୍ଲା ମୋହନା ଜେଏମ୍‌ଏଫ୍‌ସି କୋର୍ଟରେ ଆଣି ହଜାର କରାଯାଇଛି।

ଗତ ୨୦୦୯, ୨୦୧୦ ଓ ୨୦୧୧ ମସିହାରେ ତାଙ୍କ ନାମରେ ୧୭ଟି ମାମଲା ରହିଥିବା ବେଳେ ତାଙ୍କ ନାମରେ ଅଡବା ଥାନା ଅଞ୍ଚଳରେ ଅନ୍ଧାରୀ ଘାଟିରେ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି କଲଭର୍ଟକୁ ଲ୍ୟାଣ୍ଡମାଇନରେ ବିସ୍ଫୋରଣ କରିବା, ତେଲେଙ୍ଗାପଦା ଓ ମନ୍ଦ୍ରାବାଜୁରେ ସୁରକ୍ଷା କର୍ମୀଙ୍କ ସହ ଗୁଳି ବିନିମୟ, ପାଣିଗଣ୍ଡା ଫରେଷ୍ଟ ବିଟ୍ ହାଉସ୍‌କୁ ବିସ୍ଫୋରଣରେ ଉଡ଼ାଇବା, ବିଭିନ୍ନ ସ୍ଥାନରେ ଟାୱାର ପୋଡି, ରାଇପଙ୍କାରେ ସରକାରୀ ବସ୍ ପୋଡ଼ି ସମେତ ଠିକାଦାରମାନଙ୍କ କ୍ୟାମ୍ପ ଭଙ୍ଗାରୁଜା ସହ ବିଭିନ୍ନ ହିଂସାକାଣ୍ଡରେ ଜଡ଼ିତ ଥିବା ଜଣାପଡ଼ିଛି।

ତେବେ ଅଡବା ଥାନାରେ ତାଙ୍କ ନାମରେ ୨୦୦୯ ମସିହାରେ ୮ଟି, ୨୦୧୦ ମସିହାରେ ୮ଟି ଓ ୨୦୧୧ ମସିହାରେ ଗୋଟାଏ ମାମଲା ଏହିଭଳି ୧୭ଟି ମମଲାର ବିଚାରଣ ପାଇଁ କୋର୍ଟରେ ହାଜର କରାଯାଇଥିଲା। ସଙ୍ଗୀନ ମାମଲା ତାଙ୍କ ନାମରେ ରହିଥିବାରୁ ତାଙ୍କୁ ମୋହନା କୋର୍ଟ ସମସ୍ତ ମାମଲାର ବିଚାର ପାଇଁ ଜିଲ୍ଲା କୋର୍ଟକୁ ସ୍ଥାନାନ୍ତର କରାଯାଇଥିବା ଓକିଲ ସନ୍ତୋଷ ପାଢ଼ୀ କହିଛନ୍ତି।

## ଟ୍ରାଭେଲ୍ ସଂସ୍ଥା ଉପରେ ପୋଲିସର ଚଢ଼ାଉ

**ପୁରୀ: ଏକ୍ସପ୍ରେସ ନ୍ୟୁଜ୍**

ପୁରୀ ପୋଲିସର ଚଢ଼ାଉ। ଟୁର୍ ଆଣ୍ଡ ଟ୍ରାଭେଲ୍ ସଂସ୍ଥା ଉପରେ ପୁରୀ ପୋଲିସ ପକ୍ଷରୁ ଚାଲିଛି ଜୋରଦାର ଚଢ଼ାଉ। ପୁରୀର ବିଭିନ୍ନ ସ୍ଥାନରେ ଏକାସାଙ୍ଗେ ପୋଲିସ ପକ୍ଷରୁ ଚାଲିଛି ଚଢ଼ାଉ। ଏହି ଚଢ଼ାଉରେ ପୋଲିସକୁ ବିଭିନ୍ନ କାଗଜପତ୍ର ମିଳିଥିବା ସୂଚନା ମିଳିଛି।

ଖବର ଅନୁଯାୟୀ, ବେଆଇନ୍ ଟୁର ଆଣ୍ଡ ଟ୍ରାଭେଲ୍ସ ପରିଚାଳନା କରୁଥିବାର ଅଭିଯୋଗ ଆସିଥିଲା। ଏପିରିକି ପୁରୀ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ କ୍ଷେତ୍ରରେ ହଇରାଣ ଓ ଠକେଇ କରୁଥିବାର ଅଭିଯୋଗ ଆସିଥିଲା। ଏହାପରେ ତୁରନ୍ତ ଆକ୍ସନକୁ ଆସିଥିଲା ପୁରୀ ପୋଲିସ। ତୁରନ୍ତ ଟ୍ରାଭେଲ୍ ଏଜେନ୍ସିର ବିଭିନ୍ନ ସ୍ଥାନରେ ଥିବା ଦୋକାନ ଉପରେ ଚଢ଼ାଉ କରୁଛି ପୋଲିସ। ଏହି ଚଢ଼ାଉରେ ଅନେକ କାଗଜପତ୍ର ଜବତ ହୋଇଥିବାର ସୂଚନା ମିଳିଛି।

## ଧର୍ମଶାଳାରେ ସିରିଜ ଚୋରି

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ପୁଣି ଦୁର୍ବୃତ୍ତ ସକ୍ରିୟ। ଯାଜପୁର ଜିଲ୍ଲା ଧର୍ମଶାଳା ଥାନା ଅଞ୍ଚଳରୁ ଚୋରି। ତାହା ପୁଣି ଥାନା ଠାରୁ ମାତ୍ର ଦୁଇ ଶହ ମିଟର ଦୂରତାରେ। ଏହି ଥାନା ଅଞ୍ଚଳରେ ପୂର୍ବରୁ ବାରମ୍ବାର ଗୋଟିଏ ପରେ ଗୋଟିଏ ଚୋରି ବୃଦ୍ଧି ପାଇବାରେ ଲାଗି ଥିଲା। ପୋଲିସ କାର୍ଯ୍ୟାନୁଷ୍ଠାନ ଭୟରେ ଚୋରିରେ ବ୍ରେକ ଲାଗିଥିଲା। ତେବେ ରବିବାର ବିଳମ୍ବିତ ରାତିରେ ଧର୍ମଶାଳା ବଜାରରୁ ୧୧ଟି ସ୍ଥାନରୁ କବାଟ ଆଉ ଟାଇଲ ଭାଙ୍ଗି ବହୁ ଅତ୍ୟାବଶ୍ୟକୀୟ ସାମଗ୍ରୀ ଶହ ନଗଦ ଟଙ୍କା ଚୋରି ହୋଇଥିବା ଜଣାପଡିଛି। ବିଶେଷ କରି ବ୍ୟାଙ୍କ ଅଫ ବରୋଦା ଗ୍ରାହକ ସେବା କେନ୍ଦ୍ର ପରିସରରୁ ବହୁ କମ୍ପ୍ୟୁଟର ସାମଗ୍ରୀ ସହ ଜିନିଷ, ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନେଇ ଯାଇଥିବା ଜଣାପଡିଛି। ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୋଲିସ ଜଣକୁ ସନ୍ଦେହରେ ଅଟକ ରଖି ପଚରାଉଚରା କରୁଛି।

## ଗଛରେ ପିଟି ହେଲା ବାଇକ୍: ଜଣେ ମୃତ

**ରାୟଗଡା: ଏକ୍ସପ୍ରେସ ନ୍ୟୁଜ୍**

ବିଳମ୍ବିତ ରାତିରେ ଗୁଣପୁର ଥାନା ଅନ୍ତର୍ଗତ ସୁଭଦ୍ରାପୁର ଗ୍ରାମ ମୁଖ୍ୟ ରାସ୍ତାରେ ଏକ ବାଇକ୍ ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ଜଣେ ଯୁବକଙ୍କର ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି। ମୃତ ଯୁବକ ପାଲକା ଶ୍ରୀନୁ ଓ ଆହତ ଯୁବକ ତାଣ୍ଡିଲି କିରଣ। ସେମାନଙ୍କ ଘର ରାମାନାଗୁଡା ବ୍ଲକ ଅନ୍ତର୍ଗତ ଭାମିନୀ ଗ୍ରାମରେ ବୋଲି ଜଣା ପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଉଭୟ ଯୁବକ ବାଇକ ଯୋଗେ କୁଜେନ୍ଦ୍ରି ଅଞ୍ଚଳରୁ କାମ ସାରି ବିଳମ୍ବିତ ରାତିରେ ଘରକୁ ଫେରିବା ସମୟରେ ଦୁର୍ଘଟଣାର ଶିକାର ହୋଇ ଏକ ଜମିରେ ପଡିରହିଥିଲେ। ସକାଳୁ ସ୍ଥାନୀୟ ବାସିନ୍ଦା ଦେଖି ଗୁଣପୁର ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ସେମାନଙ୍କୁ ଉଦ୍ଧାର କରି ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ପାଲକା ଶ୍ରୀନୁଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ଦୁର୍ଘଟଣାରେ ଗୁରୁତର ଭାବେ ଆହତ ହୋଇଥିବା ଯୁବକଙ୍କ ଚିକିତ୍ସା ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ଜାରି ରହିଥିବା ଜଣାପଡିଛି। ଗୁଣପୁର ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

## ବେଳାଭୂମି ମହୋତ୍ସବ ଲାଗି ତାରାତାରିଣୀ ପୀଠରୁ ମଶାଲ ଶୋଭାଯାତ୍ରା

**ପୁରୁଷୋତ୍ତମପୁର: ଏକ୍ସପ୍ରେସ ନ୍ୟୁଜ୍**



ଗଞ୍ଜାମ ଜିଲ୍ଲାର ପ୍ରସିଦ୍ଧ ଗୋପାଳପୁର ବେଳାଭୂମି ମହୋତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ବେଳେ ଏହା ପୂର୍ବରୁ ଗଞ୍ଜାମର ଇଷ୍ଟଦେବୀ ମା’ ତାରାତାରିଣୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ବାହାରିଛି। ଏହି ମଶାଲ ଗୋପାଳପୁର ମହୋତ୍ସବ ପଡ଼ିଆରେ ପହଞ୍ଚିବ। ଏ ନେଇ ଜିଲ୍ଲାପ୍ରଶାସନ ପକ୍ଷରୁ ଛତ୍ରପୁର ଉପଜିଲ୍ଲାପାଳ ଶୁଭାଶିଷ ବରାଳଙ୍କ ତତ୍ତ୍ୱାବଧାନରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ପୁରୁଷୋତ୍ତମପୁର ତହସିଲଦାର ତଥା ମନ୍ଦିର ନିର୍ବାହୀଅଧିକାରୀ ବିନୋଦକୁମାର ବେହେରା, ବିଡିଓ ଶରତକୁମାର ପାତ୍ର, ଏସଡିପିଓ ସୁଜିତ କୁମାର ନାୟକ, ଆଇଆଇସି ରାଜେଶ କୁମାର ନାୟକ, ଅତିରିକ୍ତ ତହସିଲଦାର, ସରକାରୀ ଓକିଲ ରାଜେନ୍ଦ୍ର ପ୍ରଶାଦ ଶତପଥୀ ପ୍ରମୁଖ ଯୋଗଦେଇ ମା’ଙ୍କଠାରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରି ମଶାଲ ଜଳାଇଥିଲେ। ଏହାପରେ ମନ୍ଦିର ବେଢା ପରିକ୍ରମା କରି ସ୍ୱତନ୍ତ୍ର ରଥରେ ଗୋପାଳପୁର ଅଭିମୁଖେ ବାହାରିଥିଲା। ଏହି ମଶାଳକୁ ରାସ୍ତାରେ ଭାଟକୁମରଡାର କନକଦୁର୍ଗା ମନ୍ଦିର, ନରେନ୍ଦ୍ରପୁର, ମାଣ୍ଡିଆପଲ୍ଲୀ, ପ୍ରଜାପିତା ବ୍ରହ୍ମକୁମାରୀ ଇଶ୍ୱରିଆ ବିଦ୍ୟାଳୟ ରାମଚନ୍ଦ୍ରପୁର ହୋଇ ଗୋପାଳପୁରରେ ପହଞ୍ଚିଛି। ଉକ୍ତ ମଶାଳକୁ ରାସ୍ତାରେ ବିଭିନ୍ନ ସ୍ଥାନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି।

## ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ସ୍ଥାପନ ନେଇ ସୃଷ୍ଟି ହୋଇଛି ଅନିଶ୍ଚିତତା

**ନିଆଳି: ଏକ୍ସପ୍ରେସ ନ୍ୟୁଜ୍**



କଣ୍ଟାପଡ଼ା ଠାରେ ହେବାକୁ ଥିବା ନୂତନ ପ୍ରଥମଶ୍ରେଣୀ ଗ୍ରାମାଞ୍ଚଳ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟ ସ୍ଥାପନ ନେଇ ସୃଷ୍ଟିହୋଇଛି ଅନିଶ୍ଚିତତା। ଯେଉଁଥିପାଇଁ ସର୍ବସାଧାରଣରେ ନିଆଳି ବିଧାୟକ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ଓ ଠିକାଦାରଙ୍କ ଭୂମିକାକୁ ଦାୟୀ କରାଯାଇଛି।

ନିର୍ଭରଯୋଗ୍ୟ ସୂତ୍ରରୁ ପ୍ରାପ୍ତ ତଥ୍ୟ ସୂଚନା ଅନୁଯାୟୀ ଜଣାପଡ଼ିଛି ଯେ ୨୦୧୬ ମସିହାରୁ କଣ୍ଟାପଡ଼ା ବ୍ଲକ ଅଞ୍ଚଳରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ନୂତନ କୋର୍ଟ ସ୍ଥାପନ ନେଇ ହାଇକୋର୍ଟ ତତ୍କାଳ, ଅସ୍ଥାୟୀ ଘର ଖୋଜିବାକୁ ଜିଲ୍ଲା ସିଭିଲକୋର୍ଟ ରେଜିଷ୍ଟ୍ରାରଙ୍କୁ ଦାୟିତ୍ୱ ଦେଇଥିଲେ। ଏହା କୋର୍ଟ ପକ୍ଷରୁ ଲିଖିତଭାବେ କଣ୍ଟାପଡ଼ା ବ୍ଲକ କର୍ତ୍ତୃପକ୍ଷଙ୍କୁ ମିଳିଥିଲା। ହେଲେ କୋର୍ଟ ଚାଲିବାକୁ ଆବଶ୍ୟକୀୟ ସେପରି ସୁବିଧାଜନକ ଘର କେଉଁଠି ହେଲେ ମିଳି ନଥିଲା। ୨୦୨୫ ମସିହା ଶେଷ ବେଳକୁ ଯୁବ ନେତା ତୃପ୍ତି ରଞ୍ଜନ ବେହେରାଙ୍କ ନେତୃତ୍ୱରେ କଣ୍ଟାପଡ଼ା ତହସିଲ ସମ୍ମୁଖରେ ଏକ ସର୍ବଦଳୀୟ ଆନ୍ଦୋଳନ ହୋଇଥିଲା। ଏଥିରେ ତୃପ୍ତି ରଞ୍ଜନ ପୂର୍ବତନ କଂଗ୍ରେସ ବିଧାୟକ ରବି ମଲ୍ଲିକ, ଡାକ୍ତର ପ୍ରମୋଦ ମଲ୍ଲିକ ଓ ବର୍ତ୍ତମାନର ବିଧାୟକ ଛବିମଲ୍ଲିକ ପ୍ରମୁଖଙ୍କୁ ଭେଟି ଜନସ୍ୱାର୍ଥ ସମ୍ବଳିତ ଏହି ଆନ୍ଦୋଳନ ସଭାରେ ଯୋଗଦେବାକୁ ନିବେଦନ କରିଥିଲେ। ମାତ୍ର କେବଳ ଡାକ୍ତର ପ୍ରମୋଦ ମଲ୍ଲିକ ଓ ତାଙ୍କର କେତେକ ସମର୍ଥକ, ପୂର୍ବତନ ସରପଞ୍ଚ ନକୁଳ ରାଉତଙ୍କୁ ଛାଡ଼ିଦେଲେ ବର୍ତ୍ତମାନର ବିଧାୟକ ଛବି ମଲ୍ଲିକ କିମ୍ବା ତାଙ୍କ ସମର୍ଥକ ଯୋଗନଦେଇ ଓଲଟା ତୃପ୍ତିଙ୍କୁ ଦୁର୍ବ୍ୟବ ହାର କରିଥିବା ସେ ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ଆନ୍ଦୋଳନ ଥମିବାର ଦେଖାଯାଉନଥିବା ବେଳେ ଜିଲ୍ଲା ସିଭିଲ କୋର୍ଟ ପକ୍ଷରୁ କୋର୍ଟ ମ୍ୟାନେଜର ବସନ୍ତ କୁମାର ମହାନ୍ତି ପ୍ରମୁଖ ପହଞ୍ଚି ଘଟଣା ତଦାରଖ କରିବାରେ ଜଳସମ୍ପଦ ସବ୍-ଡିଭିଜନ ପରିସରରେ ଅବ୍ୟବ ହୃତ ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ଗୃହକୁ (ପୂର୍ବରୁ ଚୟନ କରାଯାଇଥିବା) ମରାମତି କରାଯାଇ ଓ ଗୋଟିଏ ଭଲ ଗୃହକୁ ଅସ୍ଥାୟୀ ଭାବେ କାମରେ ଲଗାଇବାକୁ ସ୍ଥିର କରାଯାଇ ଥିଲା। ତଦନୁଯାୟୀ ଜଳସମ୍ପଦ ବିଭାଗର ଲିଖିତ ସହମତି ହାସଲ କରି ଏହାକୁ ସିଭିଲ କୋର୍ଟ ରେଜିଷ୍ଟ୍ରାରଙ୍କୁ ହସ୍ତାନ୍ତର କରାଯାଇଥିଲା। ଏହି ମରାମତି ଦାୟିତ୍ୱ ଆର ଆଣ୍ଡ ବି କର୍ତ୍ତୃପକ୍ଷଙ୍କୁ ଦିଆଯାଇ ତୁରନ୍ତ ଅଟକଳ ଫର୍ଦ୍ଦ ପ୍ରସ୍ତୁତ କରି ୨/୨.୫ ମାସ ମଧ୍ୟରେ ମରାମତି କାମ ସାରିବାକୁ କୁହାଯାଇଥିଲା, ଏଜେନ୍ସି ଚୟନ ଦାୟିତ୍ୱ ବିଭାଗ ଉପରେ ନ୍ୟସ୍ତ ଥିଲା। ହେଲେ ଆନ୍ଦୋଳନକୁ ଆଦୌ ଆସି ନଥିବା କିମ୍ବା ପଦୁଟିଏ ମୁହଁ ଖୋଲି ନଥିବା ବିଧାୟକ ପରଦା ପଛରେ ରହି କେଉଁମୁହଁରେ ବିଭାଗ ଉପରେ ଚାପ ପକାଇ ଦଳୀୟ ଅନୁଗତ କର୍ମୀଙ୍କୁ କାମ ଦେବାକୁ ସୁପାରିଶ ଦେଲେ ଫଳରେ ବିଭାଗ ବାଧ୍ୟ ହୋଇ ଆର୍ଥିକ ସ୍ୱଚ୍ଛଳ ଥିବା ନଥିବା ଠିକାଦାର ଯାଞ୍ଚ ନକରି ୪/୫ ଜଣଙ୍କୁ ବିଧାୟକଙ୍କ ସୁପା ରିଶରେ କାମଟି ଦେଲା। ଫଳରେ ଧାର୍ଯ୍ୟ ସମୟ ଭିତରେ ଅଟକଳ ଫର୍ଦ୍ଦ ପ୍ରସ୍ତୁତ ହୋଇପାରିଲା ନାହିଁ ଓ ଶ୍ରମିକ ବଳ, ଆର୍ଥିକ ସମ୍ବଳ ନଥିବାରୁ ୪ମାସ ମଧ୍ୟରେ ବି କାମର ଏକ ଚତୁର୍ଥ ଅଂଶ ବି ଆଗେଇ ପାରିଲା ନାହିଁ। ଏବେ ବିଳମ୍ବରେ ପଠାଯାଇଥିବାରୁ ଏହି ଫାଇଲ ହାଇକୋର୍ଟ ବିଲ୍ଡିଂ କମିଟି ଅନୁମୋଦନ ଲାଗି ପଠାଯାଇଛି। ଯାହା ଅନୁମୋଦନରେ ବିଳମ୍ବ ହେବା ସ୍ୱାଭାବିକ। ଅଥଚ ସମ୍ବଳ ନଥିବାରୁ ଠିକାଦାର ଏବେ ଜଳାଭାବରୁ ମାଛ ପାଟି ପାକୁପାକୁ କରିବା ପରି ପାଣ୍ଠି ମିଳିବାକୁ ଅପେକ୍ଷା କରି ରହିଥିବା ବେଳେ, ବିଭାଗ ବି ବିଧାୟକଙ୍କ କଥାରେ ପଡ଼ି ଭାଲୁ ଲାଙ୍ଗୁଳ ଧରିଛି। ଅବସ୍ଥା ଏମିତି ଯେ ବିଧାୟକ ସରକାରୀ ପାଣ୍ଠି ଭାବି କୋର୍ଟ ପ୍ରତିଷ୍ଠା ପାଣ୍ଠିର କାମ ଦେବାକୁ ଚିଠା ଲେଖି ସଉଦା କରିବା ଠିକାଦାର, ବିଭାଗ ଓ ନେତାଙ୍କୁ ଗୋଟିଏ ବନିଶୀ କଣ୍ଟାରେ ଝୁଲାଇ ରଖିଛି। ପ୍ରଶ୍ନ ଉଠୁଛି ଯେଉଁ ଓ ଯାହା ଭରଷାରେ ବିଭାଗ ଠିକାଦାରଙ୍କୁ କାମରେ ନିୟୋଜିତ କରିବାକୁ ଭରଷା ଦେଲା ସେ ଭରସା ଗଲାକୁଆଡେ? ଆଉ ଯଦି ବି ଯେଉଁ ଭରଷାରେ କାମ ଯେଉଁମାନେ ଆରମ୍ଭ କଲେ ଏବେ ପଇସା ପାଇଁ କାମ ଅଧାରେ ଅଟକିଲା କାହିଁକି? ଯଦି ବି ଯେଉଁ ଭରଷାରେ କାମ ଆରମ୍ଭ ହେଲା, ଏବେ ସେହି ଭରଷାରେ କାମ ଆଗକୁ ଚାଲୁ ନରଖି ବନ୍ଦ କଲେ ପଇସା ମିଳିବ କିପରି? ଏଥିପାଇଁ ଉତ୍ତର ଦାୟୀ କିଏ ହେବ?

# ବାଣିଜ୍ୟ

## ସପ୍ତାହର ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ଦାବିରେ ବ୍ୟାଙ୍କ ଅଚଳ

**ନୂଆଦିଲ୍ଲୀ: ଏକ୍ସପ୍ରେସ ନ୍ୟୁଜ୍**




ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଲାଗୁ କରିବା ସମେତ ଅନେକ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଦାବି ପାଇଁ ମଙ୍ଗଳବାର ସାରା ଦେଶର ବ୍ୟାଙ୍କ ୟୁନିଅନଗୁଡ଼ିକ ଗୋଟିଏ ଦିନିଆ ଧର୍ମଘଟ ପାଳନ କରିଛନ୍ତି। ବିଭିନ୍ନ ବ୍ୟାଙ୍କ କର୍ମଚାରୀ ୟୁନିଅନଗୁଡ଼ିକ ଦ୍ୱାରା ଏହି ଧର୍ମଘଟ ଡାକରା ଦିଆଯାଇଥିଲା, ନେତାମାନେ କହିଛନ୍ତି ଯେ ପ୍ରତିବାଦ ଶାନ୍ତିପୂର୍ଣ୍ଣ ଥିଲା ଏବଂ ସମାଧାନ ନ ହୋଇଥିବା ସମସ୍ୟାଗୁଡ଼ିକ ପ୍ରତି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଧର୍ମଘଟ ସତ୍ତ୍ୱେ, ସଂଘ ନେତାମାନେ କହିଛନ୍ତି ଯେ ଗ୍ରାହକମାନଙ୍କର ଅସୁବିଧାକୁ କମ କରିବା ପାଇଁ ପ୍ରୟାସ କରାଯାଇଛି। ବ୍ୟାଙ୍କଗୁଡ଼ିକ ଧର୍ମଘଟ ବିଷୟରେ ଗ୍ରାହକମାନଙ୍କୁ ପୂର୍ବରୁ ଅବଗତ କରାଇଥିଲେ ଏବଂ ଏଟିଏମ୍ ଏବଂ ଡିଜିଟାଲ୍ ବ୍ୟାଙ୍କିଂ ପ୍ଲାଟଫର୍ମ ଭଳି ବିକଳ୍ପ ସେବାଗୁଡ଼ିକୁ କାର୍ଯ୍ୟକ୍ଷମ ରଖାଯାଇଥିଲା। ଏଏନଆଇ ସହିତ କଥାବାର୍ତ୍ତା କରି, ଇଣ୍ଡିଆନ୍ ବ୍ୟାଙ୍କ ଅଫିସର୍ସ ଆସୋସିଏସନ୍ ଫର୍ ମହାରାଷ୍ଟ୍ର ଆଣ୍ଡ ଗୋଆର ସାଧାରଣ ସମ୍ପାଦକ ସଞ୍ଜୟ କୁଠେ କହିଛନ୍ତି ଯେ ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ପାଇଁ ଦାବି ବହୁ ଦିନ ଧରି ପଡ଼ି ରହିଛି।

‘ଆମେ ସରକାରଙ୍କୁ ସପ୍ତାହରେ କର୍ମଚାରୀଙ୍କ ପାଇଁ ପାଞ୍ଚ ଦିନିଆ କାର୍ଯ୍ୟ ଦିବସ ଲାଗୁ କରିବାକୁ ଦାବି କରୁଛୁ। ଏହା ଏକ ଦୀର୍ଘ ଦିନ ଧରି ପଡ଼ି ରହିଥିବା ଦାବି ଏବଂ ଏହା ୨ ବର୍ଷରୁ ଅଧିକ ସମୟ ଧରି ବିଳମ୍ବ ହୋଇଛି,’ ସେ କହିଛନ୍ତି। କୁଠେ ଆହୁରି ମଧ୍ୟ କହିଛନ୍ତି ଯେ ଧର୍ମଘଟ ଗ୍ରାହକମାନଙ୍କୁ ବିଶେଷ ପ୍ରଭାବିତ କରିବ ନାହିଁ, କାରଣ ପୂର୍ବ ବ୍ୟବସ୍ଥା କରାଯାଇଥିଲା। ‘ତଥାପି, ବ୍ୟାଙ୍କ ଗ୍ରାହକମାନଙ୍କ ପାଇଁ କୌଣସି ବଡ଼ ସମସ୍ୟା ହେବ ନାହିଁ କାରଣ ଆମେ ପୂର୍ବରୁ ସେମାନଙ୍କୁ ଜଣାଇ ସାରିଛୁ ଏବଂ ଆମର ସମସ୍ତ ଏଟିଏମ୍ ଏବଂ ଡିଜିଟାଲ୍ ସେବା କାର୍ଯ୍ୟକ୍ଷମ ଅଛି,’ ସେ କହିଛନ୍ତି। ସମାନ ମତକୁ ପ୍ରତିଫଳିତ କରି, ନ୍ୟାସନାଲ୍ କନଫେଡେରେସନ୍ ଫର୍ ବ୍ୟାଙ୍କ ଏମ୍ପ୍ଲୋଇଜ୍, ମହାରାଷ୍ଟ୍ରର ସାଧାରଣ ସମ୍ପାଦକ ଓ୍ୱିଲବର ଆଣ୍ଟନ୍ କହିଛନ୍ତି ଯେ ପ୍ରତିବାଦ ଶାନ୍ତ ଏବଂ ଶୃଙ୍ଖଳିତ ଭାବରେ କରାଯାଉଛି। ‘ଆମେ ସମସ୍ତ ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ସପ୍ତାହରେ ପାଞ୍ଚ ଦିନ କାମ ଦାବି କରି ଏକ ନୀରବ ଏବଂ ଶାନ୍ତିପୂର୍ଣ୍ଣ ପ୍ରତିବାଦ କରୁଛୁ। ସେ ଆହୁରି କହିଛନ୍ତି ଯେ ହ୍ରାସିତ କାର୍ଯ୍ୟ ସପ୍ତାହ ପାଇଁ ଦାବି ବାରମ୍ବାର ଉଠାଯାଇଛି କିନ୍ତୁ ସମାଧାନ ହୋଇନାହିଁ।

ଆମେ ଦୀର୍ଘ ସମୟ ଧରି ପ୍ରତି ସପ୍ତାହରେ ପାଞ୍ଚ ଦିନ କାମ ଦାବି କରିଆସୁଛି ଏବଂ ଏପର୍ଯ୍ୟନ୍ତ ସମସ୍ୟାର ସମାଧାନ ହୋଇନାହିଁ, ସେ କହିଛନ୍ତି। ଜନସାଧାରଣଙ୍କ ଅସୁବିଧା ସମ୍ପର୍କରେ ଚିନ୍ତାର ସମାଧାନ କରି ଆଣ୍ଟନ୍ କହିଛନ୍ତି ଯେ ଗ୍ରାହକମାନେ ପ୍ରଭାବିତ ନ ହେବା ପାଇଁ ବ୍ୟାଙ୍କଗୁଡ଼ିକ ପଦକ୍ଷେପ ନେଇଛନ୍ତି। ଆଜି ପାଇଁ ବ୍ୟାଙ୍କିଂ କାର୍ଯ୍ୟ ବନ୍ଦ କରିବା ବିଷୟରେ ଆମେ ଆମର ବ୍ୟାଙ୍କ ଗ୍ରାହକମାନଙ୍କୁ ପୂର୍ବରୁ ଜଣାଇ ଦେଇଛୁ। ଏହା ସହିତ, ଆମେ ଆମର ଗ୍ରାହକମାନଙ୍କ ପାଇଁ ଏଟିଏମ୍ ପୂରଣ କରିଛୁ ଏବଂ ଆମର ସମସ୍ତ ଡିଜିଟାଲ୍ ପ୍ରକ୍ରିୟା କାମ କରୁଛି, ସେ କହିଛନ୍ତି। ଏହି ଗୋଟିଏ ଦିନର ଧର୍ମଘଟ ଯୋଗୁଁ ଦେଶର ଅନେକ ସ୍ଥାନରେ ଶାଖା ସ୍ତରୀୟ ବ୍ୟାଙ୍କିଂ କାର୍ଯ୍ୟ ବନ୍ଦ ହୋଇଗଲା, ଯାହା ଫଳରେ କାଉଣ୍ଟରରେ ନଗଦ ଉଠାଣ ଏବଂ ଜମା କରିବା ଭଳି ସେବା ପ୍ରଭାବିତ ହେଲା।

ତଥାପି, ଡିଜିଟାଲ୍ ବ୍ୟାଙ୍କିଂ ସେବା, ମୋବାଇଲ୍ ବ୍ୟାଙ୍କିଂ ଆପ୍ଲିକେସନ୍ ଏବଂ ଏଟିଏମ୍ ସେବାଗୁଡ଼ିକ ସ୍ୱାଭାବିକ ଭାବରେ କାର୍ଯ୍ୟ କରିଚାଲିଥିଲା, ଯାହା ଗ୍ରାହକମାନଙ୍କୁ ଅତ୍ୟାବଶ୍ୟକ ବ୍ୟାଙ୍କିଂ ସୁବିଧା ପ୍ରଦାନ କରିଥିଲା। ବ୍ୟାଙ୍କ ୟୁନିଅନଗୁଡ଼ିକ କହିଛନ୍ତି ଯେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ କର୍ମଚାରୀମାନଙ୍କ ପାଇଁ କାର୍ଯ୍ୟ-ଜୀବନ ସନ୍ତୁଳନକୁ ଉନ୍ନତ କରିବାରେ ଏବଂ ଆର୍ଥିକ ଶିଳ୍ପର ଅନ୍ୟ ଅଂଶ ସହିତ ବ୍ୟାଙ୍କିଂ କ୍ଷେତ୍ରକୁ ସମନ୍ୱିତ କରିବାରେ ସାହାଯ୍ୟ କରିବ। ସେମାନେ ସରକାରଙ୍କୁ ଯଥାଶୀଘ୍ର ଏହି ସମସ୍ୟାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି। ୟୁନିଅନଗୁଡ଼ିକ କହିଛନ୍ତି ଯେ ମଙ୍ଗଳବାରର ଧର୍ମଘଟ ଗୋଟିଏ ଦିନ ପାଇଁ ସୀମିତ ଥିଲେ ମଧ୍ୟ, ଯଦି ସେମାନଙ୍କର ଦାବି ସମାଧାନ ନହୁଏ ତେବେ ଆହୁରି ପଦକ୍ଷେପ ବିଚାର କରାଯାଇପାରିବ।

## ରିଲେସନ୍ କନଫର୍ମ କଲେ ଦିଶା



### ସିନେମାଫିନେମା ଟିଭିଫିବି



ଅଭିନେତ୍ରୀ ଦିଶା ପଟାନି ଏବଂ ପଞ୍ଜାବୀ ଗାୟକ ତଲବିନ୍ଦର ସିଂହଙ୍କ ମଧ୍ୟରେ ସମ୍ପର୍କକୁ ନେଇ ଅନେକ ଦିନ ଧରି କଳ୍ପନାଜଳ୍ପନା ଚାଲିଛି। ଏବେ, ତଲବିନ୍ଦର ଏବଂ ଦିଶା ଶେଷରେ ସେମାନଙ୍କ ସମ୍ପର୍କକୁ ଆନୁଷ୍ଠାନିକ କରିଛନ୍ତି। ଅନେକ ଦିନ ଧରି ଡେଟିଂ ଗୁଜବ ପରେ, ଦୁଇଜଣ ରବିବାର ମୁମ୍ବାଇରେ ଅନୁଷ୍ଠିତ ଲୋଲାପାଲୁଜା ଇଣ୍ଡିଆ କାର୍ଯ୍ୟକ୍ରମରେ ସେମାନଙ୍କ ସମ୍ପର୍କକୁ ନିଶ୍ଚିତ କରିଛନ୍ତି। ସୋସିଆଲ ମିଡିଆରେ ଦୁହିଁଙ୍କର ଏକ ଭିଡିଓ ଖୁବ୍ ଭାଇରାଲ ହୋଇଛି, ଯେଉଁଥିରେ ସେମାନେ ଏକାଠି ନଜର ଆସିଛନ୍ତି।

ଭାଇରାଲ୍ ଭିଡିଓରେ, ଦିଶା ଏବଂ ତଲୱିନ୍ଦର ହାତ ଧରି ଚାଲୁଥିବା ଦେଖାଯାଉଛି, ଏବଂ ସେମାନେ ଖୋଲାଖୋଲି ଭାବରେ ଭିଡ଼ ସାମ୍ନାରେ ଏକାଠି ଚାଲି ନିଜର ସମ୍ପର୍କକୁ ଦେଖାଇଛନ୍ତି। ଏହି ମୁହୂର୍ତ୍ତର ଭିଡିଓ ସୋସିଆଲ ମିଡିଆରେ ଖୁବ୍ ଭାଇରାଲ ହେଉଛି ଏବଂ ଫ୍ୟାନ୍ସ ଏହାକୁ ‘କପଲ୍ ଭାବରେ ସେମାନଙ୍କର ଆନୁଷ୍ଠାନିକ ଡେବ୍ୟୁ’ ବୋଲି କହୁଛନ୍ତି।

ତେବେ ଚଳିତ ମାସର ଆରମ୍ଭରେ ସେମାନଙ୍କ ସମ୍ପର୍କର ଗୁଜବ ଆରମ୍ଭ ହୋଇଥିଲା ଯେତେବେଳେ ସେମାନଙ୍କୁ ଉଦୟପୁରରେ ନୂପୁର ସାନନ ଏବଂ ଷ୍ଟେବିନ ବେନଙ୍କ ବିବାହରେ ଦେଖାଯାଇଥିଲା। ସେମାନେ ଫଟୋ ଉଠାଇବାକୁ ଏଡାଉଥିଲେ। ଏହାପରେ ବିମାନବନ୍ଦରରେ ତଲବିନ୍ଦରଙ୍କୁ ମୌନି ରୟଙ୍କ ସହ ଚାଲିବାର ଦେଖାଯାଇଥିଲା, ଯେତେବେଳେ ଦିଶା ମୌନିଙ୍କ ସ୍ୱାମୀଙ୍କ ସହିତ ଥିଲେ, ଯାହାଫଳରେ ସେମାନେ ଅଧିକ ଧ୍ୟାନ ଆକର୍ଷଣ କରିପାରିବେ ନାହିଁ। ତଥାପି, ଲୋଲାପାଲୁଜା ଇଣ୍ଡିଆରେ ସେମାନଙ୍କ ଉପସ୍ଥିତି ସନ୍ଦେହ ପାଇଁ କୌଣସି ସ୍ଥାନ ଛାଡି ନଥିଲା। ଇଭେଣ୍ଟ ପରେ ସେମାନଙ୍କୁ ଗୋଟିଏ କାରରେ ଯାଉଥିବାର ମଧ୍ୟ ଦେଖାଯାଇଥିଲା ଏବଂ ସେମାନେ କ୍ୟାମେରାଠାରୁ ଦୂରେଇ ରହିବାକୁ କୌଣସି ପ୍ରୟାସ କରିନଥିଲେ। ଯାହା ଦୁହେଁ ସେମାନଙ୍କ ସମ୍ପର୍କକୁ ସାର୍ବଜନୀନନ ତରୁଥିବା କୁହାଯାଉଛି।

# ସଂଗ୍ରହାଳୟ ପ୍ରକଳ୍ପ ଏବେ ବିଭାଗୀୟ ଅବହେଳା ଓ ଦୁର୍ନୀତିର ମୂକସାକ୍ଷୀ

**୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଷାବରା 'ହେଲୋ ପଏଣ୍ଟ' ଏବେ ଏକ ଭିନ୍ନ ସ୍ଥିତିରେ । ଆଦିବାସୀ ସଂସ୍କୃତିର ସୁରକ୍ଷା ଓ ପ୍ରଚାର ପାଇଁ ସରକାର ଲକ୍ଷ ଲକ୍ଷ ଟଙ୍କା ପାଣି ପରି ଖର୍ଚ୍ଚ କରୁଥିବା ବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା । ୨୦୨୩-୨୪ ଆର୍ଥିକ ବର୍ଷରେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ସଂଗ୍ରହାଳୟ ପ୍ରକଳ୍ପ ଏବେ ବିଭାଗୀୟ ଅବହେଳା ଓ ଦୁର୍ନୀତିର ମୂକସାକ୍ଷୀ ପାଲଟିଛି । ସଂଗ୍ରହାଳୟର ଅର୍ଥ ହେଉଛି ପାରମ୍ପରିକ ଜ୍ଞାନ, ଅସ୍ତ୍ରଶସ୍ତ୍ର ଓ ବେଶଭୂଷାର ସଂରକ୍ଷଣ ।




ମାତ୍ର କୋଷାବରାରେ ନିର୍ମାଣାଧୀନ ଏହି ଗୃହରେ ନା ଅଛି ପ୍ରାଚୀନ ସାମଗ୍ରୀ, ନା ଅଛି ସଂଗ୍ରହ ପାଇଁ କୌଣସି ଆନ୍ତରିକତା । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, କେବଳ କୋଠା ନିର୍ମାଣ କରି ଟଙ୍କା ହଡ଼ପ କରିବା ପାଇଁ ଏହା ଏକ ପ୍ରୟାସ । ସାମଗ୍ରୀ ନାହିଁ ତ ସଂଗ୍ରହାଳୟ କାହିଁକି? ଏହି ପ୍ରଶ୍ନ ଏବେ ଅଞ୍ଚଳବାସୀଙ୍କ ମନରେ ଆନ୍ଦୋଳନ ସୃଷ୍ଟି କଲାଣି । ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦର ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ବୋଲି ବୁଦ୍ଧିଜୀବୀମାନେ ଅଭିଯୋଗ କରିଛନ୍ତି । ରଙ୍ଗହୀନ କୋଠା ଓ ଅଧାପନ୍ତରିଆ କାନ୍ଥ ଦର୍ଶାଉଛି ଯେ, ସରକାରୀ ଅର୍ଥର ବ୍ୟାପକ ବାଟମାରଣା ହୋଇଛି । ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଥିବା ସଲାସୁତୁରା ଯୋଗୁ ପ୍ରକଳ୍ପଟି ଆଜି ଅସମାପ୍ତ ଅବସ୍ଥାରେ ପଡ଼ିରହିଛି । ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାକୁ ଆସୁଥିବା ପର୍ଯ୍ୟଟକମାନେ ଏହି ବିପର୍ଯ୍ୟସ୍ତ ସଂଗ୍ରହାଳୟକୁ ଦେଖି ରାଜ୍ୟ ପର୍ଯ୍ୟଟନ ବିଭାଗର ଦକ୍ଷତା ଉପରେ ପ୍ରଶ୍ନ ଉଠାଉଛନ୍ତି । ପୂର୍ବ ସରକାରଙ୍କ ଯୋଜନାକୁ ବର୍ତ୍ତମାନର ପ୍ରଶାସନ ଗୁରୁତ୍ୱ ନ ଦେବା ଫଳରେ ଏହା ଏକ 'ଶୋ-ପିସ'ରେ ପରିଣତ ହେବାକୁ ଯାଉଛି । ଜିଲା ପ୍ରଶାସନ ଏହି ପ୍ରକଳ୍ପର ସ୍ଥିତି ସ୍ପଷ୍ଟ କରିବା ସହ ତୁରନ୍ତ ସାମଗ୍ରୀ ସଂଗ୍ରହ ପ୍ରକ୍ରିୟା ଆରମ୍ଭ କରିବାକୁ ସାଧାରଣରେ ଦାବି ହେଉଛି । ଯଦି କାର୍ଯ୍ୟ ତ୍ୱରାନ୍ୱିତ ନହୁଏ, ତେବେ ଆଗାମୀ ଦିନରେ ଜନତାଙ୍କ ଅଦାଲତରେ ପ୍ରଶାସନକୁ ଜବାବ ଦେବାକୁ ପଡ଼ିବ ବୋଲି ଚେତାବନୀ ଦିଆଯାଇଛି ।

## ଆଜିର ରାଶିଫଳ

| ତାରିଖ | ବୁଧବାର- ଦଶମୀ |
|---|---|
| ୨୮.୧.୨୦୨୬ | ନକ୍ଷତ୍ର- କୃତ୍ତିକା, ବୃଷଚନ୍ଦ୍ର |



| | |
|---|---|
| ମେଷ | : ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ବୃଷ | : ପୂର୍ବର କିଛି କଥାକୁ ନେଇ ମନସ୍ତାପ କରିବେ । |
| ମିଥୁନ | : କର୍ମକ୍ଷେତ୍ରରେ ପଦୋନ୍ନତି ପାଇବେ । |
| କର୍କଟ | : କାର୍ଯ୍ୟ ସିଦ୍ଧି ହେବ। |
| ସିଂହ | : ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇପାରେ । |
| କନ୍ୟା | : ଆୟ ଅପେକ୍ଷା ବ୍ୟୟ ବୃଦ୍ଧି ପାଇବ । |
| ତୁଳା | : ଗୁରୁଜନ ଆପଣଙ୍କ ଉପରେ ପ୍ରସନ୍ନ ହେବେ । |
| ବିଛା | : ତୃପ୍ତି ସମ୍ପାଦନା କରିବେ । |
| ଧନୁ | : ନିରୁତ୍ସାହିତ ହେବେ । |
| ମକର | : ଋଣ ବୃଦ୍ଧି ପାଇବ । |
| କୁମ୍ଭ | : ପରାକ୍ରମ ବୃଦ୍ଧି ପାଇବ । |
| ମୀନ | : ଦିନଟି ବାଧାବିଘ୍ନ ଦେଇ କଟିବ । |

## ଅଜଣା ଗାଡ଼ି ଧକ୍କାରେ ୨ ବାଇକ୍ ଆରୋହୀ ମୃତ

**ବାସୁଦେବପୁର, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଦ୍ରକ ଜିଲା ବାସୁଦେବପୁର ଧାମରା ରାସ୍ତାର ପାରପୋଖରି ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ସୋମବାର ରାତି ପ୍ରାୟ ଏଗାରଟା ସମୟରେ ଅଜଣା ଗାଡ଼ି ଧକ୍କାରେ ଦୁଇ ଯୁବକଙ୍କ ମୃତ୍ୟୁ ହୋଇଛି । ଦୁଇ ମୃତ ଯୁବକ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ଅଧିନସ୍ଥ ବୈରିମାଳ ଗାଁର ଚିନ୍ମୟ ମଲ୍ଲିକ ଓ ଦୀପକ ରାଉତ । ସେମାନେ ସ୍ଥାନୀୟ ଅଞ୍ଚଳରେ ଡ୍ରାଇଭର ଭାବେ କାର୍ଯ୍ୟ କରୁଥିଲେ ।

ଖବର ଅନୁସାରେ, ସେମାନେ ଏକ ବାଇକ ଯୋଗେ ବିରସ ଛକରୁ ବାସୁଦେବପୁର ଆଡ଼କୁ ଆସୁଥିବା ବେଳେ ଏକ ଅଜଣା ଆଇରନ ବୋଝେଇ ଟ୍ରକ୍ ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା । ଗୁରୁତର ଅବସ୍ଥାରେ ଦୁଇ ଯୁବକଙ୍କୁ ବାସୁଦେବପୁର ଡାକ୍ତର ଖାନା ଅଣାଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶବ ବ୍ୟବଚ୍ଛେଦ ପାଇଁ ଦୁଇ ମୃତଦେହକୁ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି । କସିଆ ସାମୁଦ୍ରିକ ଥାନା ପୋଲିସ ଘଟଣାର ତଦନ୍ତ ଜାରି ରଖିଛି ।

## ମର୍ମନ୍ତୁଦ କାର ଦୁର୍ଘଟଣା: ଜଣେ ମୃତ

**ବୈଶିଙ୍ଗା, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ୧୮ ନଂ ଜାତୀୟ ରାଜପଥର ଗଡଦେଉଳିଆ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା । ରବିବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି ।

ମିଳିଥିବା ସୂଚନା ମୁତାବକ ବୈଶିଙ୍ଗା ସ୍ଥିତ ଗାୟତ୍ରୀ ଗୁରୁକୂଳ ଆଶ୍ରମର ପରିଚାଳକ ହେମନ୍ତ କୁମାର ପଣ୍ଡା କାର୍ ଚଳାଉଥିବା ବେଳେ ଗଞ୍ଜାମ ଜିଲ୍ଲା ଓସ୍ତପୁର ଗ୍ରାମର ଏମ୍ ଭାଗିରଥି ଦୋରା ତାଙ୍କ ବାମ ପାର୍ଶ୍ୱରେ ବସି ବୈଶିଙ୍ଗା ଅଭିମୁଖେ ଯାତ୍ରା କରୁଥିଲେ । ତେବେ ସମ୍ମୁଖରୁ ଏକ ମାଲବାହୀ ଟ୍ରକ ରଙ୍ଗ୍ ରୁଟରେ ଆସି କାରକୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ଏମ୍ ଭାଗିରଥି ଦୋରାଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ଚାଳକ ହେମନ୍ତ ପଣ୍ଡା ଗୁରୁତର ଆହତ ହୋଇଥିଲେ । ତାଙ୍କୁ ବୈଶିଙ୍ଗା ପୋଲିସ ସହାୟତାରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ତେବେ ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ଦେଖାଯାଇଥିଲା ଏବଂ ଲୋକମାନେ ରାସ୍ତା ଅବରୋଧ କରିଥିଲେ । ବୈଶିଙ୍ଗା ପୋଲିସ ପହଞ୍ଚି ଏକ ଘଣ୍ଟା ପରେ ଗାଡ଼ି ମୋଟର ଚଳାଚଳ ସ୍ୱାଭାବିକ କରାଇଥିଲେ । ଏହି ଦୁର୍ଘଟଣା ଖବର ବୈଶିଙ୍ଗା ଗାୟତ୍ରୀ ଗୁରୁକୂଳ ତଥା ଅଞ୍ଚଳବାସୀଙ୍କୁ ଦୁଃଖ ଆଣି ଦେଇଛି ।

## ବୃଦ୍ଧ ପିତାମାତା ନ୍ୟାୟ ପାଇବାରୁ ବଞ୍ଚିତ

**ଜଳେଶ୍ୱର, ୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଖଳିତ ସମାଜରେ ବୃଦ୍ଧ ପିତାମାତାଙ୍କୁ ଅଣଦେଖା କରିବା, ଭିନ୍ନେ କରିବା, ନିର୍ଯାତନା ଦେବା, ଘରୁ ବିତାଡିତ କରିବା ଇତ୍ୟାଦି ଘଟଣା ଅଧିକ ପରିଲକ୍ଷିତ ହେଉଛି । ଜଳେଶ୍ୱର ପୌରାଞ୍ଚଳ, ଶାସନବାର୍ଡ ସ୍ଥିତ ୭ ନଂ ୱାର୍ଡର ବୃଦ୍ଧ ଅମୀର ଅଲ୍ଲୀ(୬୩) ଓ ତାଙ୍କ ପତ୍ନୀ ୟୁନିଟ୍ ନଂ ୮, ଖାତା ନଂ ୨୨୭/୨୧୫, ଖସଡ଼ା ୧୩୫/୧୧୧୫ ନଂ ଘରବାରି ପ୍ଲଟରେ ବସବାସ କରି ସଂସାର ଗଢିଥିଲେ । ପରିବାର ବଢ଼ିବା ସଂଗେ ସଂଗେ ଜାଗାକୁ ୨ ପୁଅ ମଧ୍ୟରେ ଭାଗ ବଣ୍ଟରା ମଧ୍ୟ କରି ଦେଇଛନ୍ତି । ନିଶାପ ବେଳେ ବୃଦ୍ଧ ବାପା ମା'ଙ୍କ ଭରଣ ପୋଷଣ ଓ ଯତ୍ନ ନେବା ପ୍ରତିଶ୍ରୁତି ମଧ୍ୟ ସନ୍ତାନମାନେ ଦେଇଥିଲେ । ଜାଗା ରେଜିଷ୍ଟ୍ରି ହେବା ପରେ ଅଦ୍ୟାବଧି ସେମାନେ ଭରଣପୋଷଣ ଦେବା ଦୂର କଥା କୌଣସି ଦେଖାଶୁଣା କରୁନଥିବା ଜାନୁୟାରୀ ୧ତାରିଖରେ, ଜଳେଶ୍ୱର ଥାନାରେ ବୃଦ୍ଧ ଦମ୍ପତ ଲିଖିତ



ଅଭିଯୋଗ କରିଥିଲେ । ପୁଅ ସେକ୍ ନାସିର ଅଲ୍ଲୀ ଓ ଜହିର ଅଲ୍ଲୀ ଏବଂ ବୋହୂ ସାରା ବିବି ବିଭିନ୍ନ ସମୟରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଖାଦ୍ୟ ପାନୀୟ ନଦେଇ ତାଲା ପକାଇ ଘରେ ରଖିବା, ଜବରଦସ୍ତ ଘରୁ ବାହାର କରିଦେବାର ଧମକ ଦେଉଥିବା ଅଭିଯୋଗ ପତ୍ରରେ ଦର୍ଶାଇଛି । ଅଭିଯୋଗର ୭ଦିନ ପରେ ଜଳେଶ୍ୱର ଥାନାରୁ ନ୍ୟାୟ ନପାଇବାରୁ ପୀଡ଼ିତ ବାପା ମା' ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଜାନୁୟାରୀ ୭ ତାରିଖରେ ଲିଖିତ ଅଭିଯୋଗ ପତ୍ର ମଧ୍ୟ ଦେଇଥିଲେ । ଅଭିଯୋଗ ଅନୁସାରେ ଚଳିତ ନୂତନ ବର୍ଷ ଦିନ ବୋହୂଙ୍କ ଆତ୍ମୀୟସ୍ୱଜନମାନେ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ଅଶ୍ଳୀଳ ଗାଳିଗୁଲଜ କରିବା ସହିତ ଜବରଦସ୍ତ ଘରୁ ବାହାର କରି ତାଲା ପକେଇ ଦେଇଥିଲେ । ଉପାୟ ନ ପାଇ ବୃଦ୍ଧ ଦମ୍ପତି ଷ୍ଟେସନ ବଜାରରେ ଏଣେ ତେଣେ ବୁଲି ଜନୈକ ସମ୍ପର୍କୀୟଙ୍କ ଘରେ ଆଶ୍ରୟ ନେଇଥିବା ବେଳେ ନିର୍ଯାତନା ସମ୍ପର୍କରେ କହିଛନ୍ତି । ଅଭିଯୋଗକୁ ଏକ ମାସ ବିତିଥିଲେ ମଧ୍ୟ ସ୍ଥାନୀୟ ପୋଲିସ୍ ଓ ଜିଲ୍ଲା ପ୍ରସାଶନ କୌଣସି ପଦକ୍ଷେପ ନେଉ ନଥିବାରୁ ପୀଡ଼ିତ ବାପା ମା' ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛନ୍ତି । ସରକାର ପିତା ମାତାଙ୍କ ସୁରକ୍ଷା ଲାଗି କଡ଼ା ଆଇନ୍ ପ୍ରଣୟନ କରିଥିବା ବେଳେ ଅସହାୟ ବୃଦ୍ଧ ଦମ୍ପତି ଦୟନୀୟ ଅବସ୍ଥାରେ ଜୀବନମରଣ ସହ ସମୟ ବିତାଉଛନ୍ତି । ତେଣୁ ଏହି ସମ୍ବେଦନଶୀଳ ଘଟଣାରେ ନିରପେକ୍ଷ ତଦନ୍ତ କରି ଦୋଷୀମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି ।

## ଓଲଟିଲା ଗୋରୁ ବୋଝେଇ ଗାଡ଼ି

**ଆଠଗଡ଼, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ତିଗିରିଆ ଅଞ୍ଚଳରୁ ଯାଉଥିଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦୁର୍ଘଟଣାଗ୍ରସ୍ତ । ହଠାତ୍ ମଝି ରାସ୍ତାରେ ଭାରସାମ୍ୟ ହରାଇ ବ୍ରିଜରେ ଓଲଟିଲା । ଦୁର୍ଘଟଣାରେ ଗୋଟିଏ ଗୋରୁ ମୃତ ଓ ୩ ଗୁରୁତର, ଗାଡ଼ି ଛାଡ଼ି ଡ୍ରାଇଭର ଫେରାର । ଦୁର୍ଘଟଣା ବାବା ଧବଳେଶ୍ୱର ପୀଠ ନିକଟରେ ଘଟିଛି । ଗୋରୁଙ୍କୁ ଉଦ୍ଧାର କରି ପୁଲିସ ଜିମା ଦେଲା ଧବଳେଶ୍ୱର ଗୋସେବା ସଂଘ କର୍ମକର୍ତ୍ତା ।

ସୂଚନା ଅନୁଯାୟୀ, ଗୁରୁଡ଼ିଝାଟିଆ ମଞ୍ଚେଶ୍ୱର୍ ପଞ୍ଚାୟତ ବାବା ଧବଳେଶ୍ୱରଙ୍କ ପୀଠ ନିକଟରେ ଗତକାଲି ବିଳମ୍ବିତ ରାତିରେ ଗୋ ଚାଲାଣ କରାଯାଉଥିଲା । ଏହି ସମୟରେ ପୁରୁଣା କଟକ ସମ୍ବଲପୁର ରାସ୍ତାର ଧବଳେଶ୍ୱର ଛକ ନିକଟରେ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲାଛ ଦୁର୍ଘଟଣାରେ ଗୋଟିଏ ଗୋରୁର ମୃତ୍ୟୁ ହୋଇଥିବା ବେଳେ ୩ ଗୁରୁତର ହୋଇଛନ୍ତି । ସ୍ଥାନୀୟ ଲୋକ ଗୋରୁମାନଙ୍କୁ ଉଦ୍ଧାର କରିଥିଲେ ।

## ବାଇକ୍ ଧକ୍କାରେ ସ୍କୁଟି ଆରୋହୀ ଗୁରୁତର

**ବୁଗୁଡ଼ା, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବ୍ଲକ ବିରଞ୍ଚିପୁର ଗ୍ରାମ ନିକଟସ୍ଥ ତିନିଛକିଆରେ ସ୍କୁଟି ଓ ବାଇକ୍ ଧକ୍କା ହେବା ଫଳରେ ଜଣେ ଗୁରୁତର ହୋଇଥିବା ଜଣାଯାଇଛି । ଗୁରୁତର ଜଣକ ହେଲେ ବେଲଗୁଣ୍ଠା ବ୍ଲକ ବଡଖଣ୍ଡ ଗାଁର ବିପ୍ର ଗୌଡ(୬୦) । ଘଟଣାରୁ ପ୍ରକାଶ ଯେ, ରବିବାର ସନ୍ଧ୍ୟାରେ ବିପ୍ର ଓ ତାଙ୍କର ପୁଅ ସ୍କୁଟିରେ କଦମ୍ବମଠରୁ ଭୋଜି ଖାଇ ଗାଁକୁ ଫେରୁଥିବା ବେଳେ ନୟାଗଡ ଅଭିମୁଖେ ଯାଉଥିବା ଏକ ବାଇକ୍ ସହ ଧକ୍କା ହୋଇଥିଲା । ଏଥିରେ ବାପ ଓ ପୁଅ ଦୁହେଁ ଆହତ ହୋଇଥିଲେ । ଉଭୟଙ୍କୁ ବୁଗୁଡା ମେଡିକାଲକୁ ଅଣାଯାଇଥିଲା । ପୁଅ ସାମାନ୍ୟ ଆହତ ହୋଇଥିବା ବେଳେ ବାପାଙ୍କ ବାମ ଗୋଡ ଭାଙ୍ଗି ଯାଇଥିଲା । ସେ ଦୁହିଁଙ୍କ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ବାପାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁରକୁ ସ୍ଥାନାନ୍ତର କରାଯାଇଥିଲା ।

## ନବଜାତ ଶିଶୁକନ୍ୟାର ମୃତଦେହ ଉଦ୍ଧାର

**ଦିଗପହଣ୍ଡି, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମ ବଡ଼ବନ୍ଧ ପୋଖରୀରେ ମଙ୍ଗଳବାର ସକାଳ ପ୍ରାୟ ୬ ଟାରେ ଏକ ନବଜାତ ଶିଶୁକନ୍ୟାଙ୍କ ମୃତଦେହ ଭାସୁଥିବା ଗ୍ରାମର କିଛି ମହିଳା ଦେଖିଥିଲେଛ ଖବର ଗାଁ ସାରା ବିଜୁଳି ବେଗରେ ପ୍ରଚାରିତ ହେବା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ ପରିଲକ୍ଷିତ ହୋଇଥିଲା । କୁମାରୀ ମାତୃତ୍ୱ ପରେ ଲୋକଲଜ୍ଜା ଭୟରେ ଜନ୍ମିତ ଶିଶୁକନ୍ୟାଙ୍କୁ ମାରି ଦେଇ ପୋଖରୀ ପାଣିରେ ଫୋପାଡି ଦିଆଯାଇଥିବା ନେଇ ଗାଁ ସାରା ଚର୍ଚ୍ଚା ଲାଗି ରହିଛି । ମୃତ ଶିଶୁକନ୍ୟା ଜନ୍ମ ହେବା ପରେ ଗ୍ରାମର କୌଣସି ମହିଳା ସୋମବାର ସନ୍ଧ୍ୟାରେ ମୃତଦେହ ଆଣି ପୋଖରୀରେ ଫୋପାଡି ଚାଲିଯାଇଥିବା ଗ୍ରାମର କିଛି ବ୍ୟକ୍ତି ଜଣାଇଛନ୍ତି । ସରକାରୀ ଓ ବେସରକାରୀ ସ୍ତରରେ ଲିଙ୍ଗ ନିରୂପଣ ଓ ଭ୍ରୁଣହତ୍ୟା ବିରୋଧରେ ବ୍ୟାପକ ଜନ ସଚେତନତା କରାଯାଉଥିଲେ ମଧ୍ୟ ଏବେବି ଶିଶୁକନ୍ୟା ସମସ୍ତଙ୍କ ପାଇଁ ଅଲୋଡ଼ା ପାଲଟିଛି । ବେଟି ବଚାଓ ବେଟି ପଢାଅ ସ୍ଲୋଗାନ ନିରର୍ଥକ ହୋଇଛି । ଏହି ଘଟଣା ସମ୍ପର୍କରେ ଗ୍ରାମର କୌଣସି ବ୍ୟକ୍ତି ଆମକୁ ଜଣାଇନଥିବା ଦିଗପହଣ୍ଡି ଥାନା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି ।

## ବିଦ୍ୟୁତ ଆଘାତରେ ଛାତ୍ର ମୃତ

**ଜଗତସିଂହପୁର, ୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ଦେଶ ୭୭ତମ ଗଣତନ୍ତ୍ର ଦିବସ ପାଳନ କରୁଥିବା ବେଳେ ଜଗତସିଂହପୁର ଜିଲା କୁଜଙ୍ଗ ଅଞ୍ଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି । ଜାତୀୟ ପତାକା ଅବତରଣ କରିବା ସମୟରେ ବିଦ୍ୟୁତ ଆଘାତ ଲାଗି ଓମ ପ୍ରକାଶ ଦ୍ୱିବେଦୀ (୧୪) ନାମକ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଅକାଳ ବିୟୋଗ ଘଟିଛି ।



କୁଜଙ୍ଗ ସାଗର ରୋଡ଼ସ୍ଥିତ 'ଟପ୍ପର' ନାମକ ଏକ ଘରୋଇ କୋଚିଂ ସେଣ୍ଟରରେ ଏହି ଅଘଟଣ ଘଟିଛି । ସନ୍ଧ୍ୟା ପ୍ରାୟ ୫ଟା ସମୟରେ ଓମ ପ୍ରକାଶ କୋଚିଂ ସେଣ୍ଟର ଛାତ ଉପରେ ପତାକା ଅବତରଣ କରୁଥିଲେ । ଏହି ସମୟରେ ପତାକାରେ ଲାଗିଥିବା ଲୁହା ରଡ୍‌ଟି ହଲିଯାଇ ନିକଟରେ ଯାଇଥିବା ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ମୃତ ଛାତ୍ରଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡା ଥାନା ତେରଗାଁ ଅଞ୍ଚଳରେ । ସେ କୁଜଙ୍ଗ ସମାଗୋଳ ସ୍ଥିତ ମାମୁଘରେ ରହି କୁଜଙ୍ଗ ବିବି ହାଇସ୍କୁଲରେ ପାଠ ପଢୁଥିଲେ । ଏହି ଘଟଣା ପାଇଁ କୋଚିଂ ସେଣ୍ଟର କର୍ତ୍ତୃପକ୍ଷଙ୍କ ଖାମଖିଆଲି ନୀତିକୁ ସାଧାରଣରେ ଦାୟୀ କରାଯାଇଛି । ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ ତାର ନିକଟରେ କିଭଳି ପତାକା ଉତ୍ତୋଳନ ପାଇଁ ଅନୁମତି ଦିଆଗଲା, ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । କୁଜଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ, ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

## ଗୁଟଖା କଳାବଜାର : ଅସାଧୁ ବ୍ୟବସାୟୀ ମାଲାମାଲ

**ବୁଗଡ଼ା, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ସହିତ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷଙ୍କ ମାର୍ଗଦର୍ଶିକା ପ୍ରକାରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟରେ ଗୁଟକା ବିକ୍ରି ଓ ଉତ୍ପାଦନ ନିଷେଧ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି । ଏହାକୁ ନେଇ ଏବେ ବୁଗୁଡ଼ାରେ ଗୁଟୁଖାର କଳାବଜାରୀ ଆରମ୍ଭ ହୋଇଯାଇଛି । ବଜାରରେ ହଠାତ ସବୁ ଦୋକାନରେ ଗୁଟଖା ଦେଖିବାକୁ ମିଳୁନଥିବା ବେଳେ ଦର ଆକାଶଛୁଆଁ ହୋଇଯାଇଛି । କିଛି ନାମକରା ପାଇକାରୀ ବ୍ୟବସାୟୀ ପ୍ରଚୁର ପରିମାଣର ଗୁଟଖା ଗଚ୍ଛିତ କରି ରଖିଥିବା ନେଇ ସହରରେ ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ କେତେକ ବ୍ୟବସାୟୀ ବିଭିନ୍ନ ନାମୀଦାମୀ କମ୍ପାନୀର ଗୁଟଖା ଓ ପାନ ମସଲାକୁ ୩ ଗୁଣ ଦରରେ ବିକ୍ରି ଆରମ୍ଭ କରିଦେଇଛନ୍ତ । ପୂର୍ବରୁ ଗୁଟୁଖା ପ୍ୟାକେଟ ସହ ମାଗଣାରେ ଦିଆଯାଉଥିବା ଜର୍ଦ୍ଦା ପ୍ୟାକେଟ ଏବେ ୫ ଟଙ୍କାରେ ବିକୁଛନ୍ତି । କିଛି ନାମୀଦାମୀ କମ୍ପାନୀର ଗୁଟଖାକୁ ୫ ଟଙ୍କା ବଦଳରେ ୧୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ଏହି ପ୍ୟାକେଟ ସହ ଆସୁଥିବା ଜର୍ଦ୍ଦାକୁ ମାଗଣାରେ ଦେବା ବଦଳରେ ୫ ଟଙ୍କାରେ ବିକ୍ରି କରୁଛନ୍ତି । ଅର୍ଥାତ ପୂର୍ବରୁ ଯେଉଁ ଗୁଟଖା ଓ ଜର୍ଦ୍ଦା ମିଶି ୫ ଟଙ୍କାରେ ବିକ୍ରି କରୁଥିଲେ ବର୍ତ୍ତମାନ ତାହାକୁ ୧୫ ଟଙ୍କାରେ ବିକ୍ରି କରୁଛନ୍ତି । ଆଉ କିଛି ଦୋକାନୀ ମୂଳରୁ ଗୁଟଖା ଓ ମାମସଲା ବିକ୍ରି ସମ୍ପୂର୍ଣ୍ଣ ବନ୍ଦ କରିଦେଇଛନ୍ତି । ସରକାରଙ୍କ



ଏହି ନୂଆଁ ନିର୍ଦ୍ଦେଶନାମା ପରେ ଏଥିରେ ଅଭ୍ୟସ୍ତ ଥିବା ଲୋକେ ଆର୍ଥିକ ଶୋଷଣର ଶିକାର ହେଉଥିବା ବେଳେ କିଛି ବ୍ୟବସାୟୀ କଳାବଜାରୀ କରି ମାଲାମାଲ ହେଉଥିବା କୁହାଯାଉଛି । ଅସାଧୁ ବ୍ୟବସାୟୀଙ୍କ ଏହି କଳାବଜାରୀ ରୋକିବା ଦିଗରେ ପୋଲିସ ଓ ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି ।

## ଆବର୍ଜନା କୁଣ୍ଡ ପାଲଟିଛି ବାଉଁଶ ଗୋଦାମ ଗୃହ



**ନିଆଳି, ୨୭।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ନିଆଳି ବ୍ଲକ ଅଁଳ ପଞ୍ଚାୟତ ମହଙ୍ଗପଡା ମସାଣି ପଡିଆରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଛି ଜୈବ ଆବର୍ଜନା କୁଣ୍ଡ । ଉପରେ ଆଜବେଷ୍ଟ ପଡିଛି, ଚାରପଟେ ତାର ଜାଲି ଲାଗିଛି, ହେଲେ ଗ୍ରାମବାସୀ ଆବର୍ଜନା ପକାଇବା ବଦଳରେ ଉକ୍ତ ଗ୍ରାମର ସରପଞ୍ଚଙ୍କ ଖାସ ଅନୁଗତ, ଆଉ କିଛି ପ୍ରଭାବଶାଳୀ ବ୍ୟକ୍ତି ଜୋରଜବରଦସ୍ତ ପାନ ବରଜ ନିମନ୍ତେ ବାଉଁଶ କାଟି ରଖିଛନ୍ତି । ଯାହାଫଳରେ ଗ୍ରାମବାସୀ ଅଳିଆ ଅନର୍ଜନାକୁ କୁଣ୍ଡରେ ନ ପକାଇ ଆଡେ ସାଡେ ପକାଉଛନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲେ ବି ସରପଞ୍ଚଙ୍କ ଖାସ ଅନୁଗତ ଓ ପ୍ରଭାଶାଳୀ ଲୋକ ହୋଇଥିଲେ ବି ମୁହଁ ଖୋଲୁ ନାହାନ୍ତି । ଏ ନେଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ସମୀର ମଲିକଙ୍କୁ ଫୋନ କରିଥିଲେ ମଧ୍ୟ ସେ ଫୋନ କାଟି ସ୍ୱିଚ୍ ଅଫ କରିଥିଲେ ।

# ଜୀବିତଙ୍କୁ ମୃତ ଦର୍ଶାଇ ସହାୟତା ରାଶି ହଡ଼ପ

**ନବରଙ୍ଗପୁର, ୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସରକାରୀ ଅର୍ଥ ଆତ୍ମସାତ ପାଇଁ ଜୀବିତ ଶ୍ରମିକମାନଙ୍କୁ କାଗଜପତ୍ରରେ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ହଡପ କରାଯାଉଥିବା ଅଭିଯୋଗ ହେଇଛି । ଅଭିଯୋଗ ଅନୁସାରେ ଜିଲ୍ଲାରେ ଚାଲିଛି ବଡ଼ଧରଣର ନକଲି ସାର୍ଟିଫିକେଟ ରାକେଟ । ଜିଲ୍ଲା ଶ୍ରମ ବିଭାଗ ଦଲାଲଙ୍କ ସହ ମଧୁଚନ୍ଦ୍ରିକା କରି ଦସ୍ତାବିଜଗୁଡିକୁ ଯାଞ୍ଚ ନକରି ଜୀବିତ ଶ୍ରମିକଙ୍କ ନାମରେ ମୃତ୍ୟୁକାଳୀନ ସହାୟତା ମଞ୍ଜୁର କରିଥିବା ଜଣା ପଡ଼ିଛି ।

ଯାହାକୁ ନେଇ ନିରପେକ୍ଷ ତଦନ୍ତ ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି ହେଇଛି । ଚଞ୍ଚକତା କରି ଜୀବିତ ବ୍ୟକ୍ତିଙ୍କ ନାମରେ ମୃତ ପ୍ରମାଣପତ୍ର ପ୍ରସ୍ତୁତ କରି ଟଙ୍କା ହଡ଼ପ କରାଯାଉଛି । ନଥିପତ୍ର ଅନୁସାରେ ମୃତକ ହେଉଛନ୍ତି ନବରଙ୍ଗପୁର ଜିଲ୍ଲା କୋଷଗୁମୁଡା ବ୍ଲକ ରାଜୋଡା ପଞ୍ଚାୟତ ଅନ୍ତର୍ଗତ ଠୁସିଗୁଡା ଗ୍ରାମର ପୂର୍ଣ୍ଣି ଭତରା । ଏହି ଦସ୍ତାବିଜ କହୁଛି ତାଙ୍କର ମୃତ୍ୟୁ ୧୦.୨.୨୦୨୩ ତାରିଖରେ ହୋଇଛି । ଯାହାର ମୃତ୍ୟୁ ରେଜିଷ୍ଟ୍ରସନ ନମ୍ବର ହେଉଛି - ୪୬/୨୦୨୩ । ସେହିଭଳି ତାଙ୍କ ସ୍ୱାମୀ ରବି ଭତରାଙ୍କ ନାମରେ ଉତ୍ତରାଧିକାରୀ ପ୍ରମାଣପତ୍ର ମଧ୍ୟ କୋଡିଙ୍ଗା ତହସିଲ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି । ସେହିଭଳି ଠୁସିଗୁଡା ଗ୍ରାମର ଟୁନୁ ଭତରାଙ୍କ ମୃତ ପ୍ରମାଣପତ୍ର ଦସ୍ତାବିଜ ଅନୁସାରେ ଟୁନୁ ମୃତ । ବାସ୍ତବ ଚିତ୍ର ତାହାର ଠିକ ଓଲଟା । ତାଙ୍କ ସ୍ତ୍ରୀ ନାମରେ ମଧ୍ୟ ଉତ୍ତରାଧିକାରୀ ସାର୍ଟିଫିକେଟ ତିଆରି କରାଯାଇଛି । ହିତାଧିକାରୀ ମାନେ ଦଲାଲଙ୍କ କବଜାରେ ପଡି ଋଣ ପାଇବା ନାମରେ ସମସ୍ତ ଦସ୍ତାବିଜ୍ ଦଲାଲମାନଙ୍କୁ ଟେକି ଦେଇଛନ୍ତି । ଏହାର ସୁଯୋଗ ନେଇ ନକଲି ଦସ୍ତାବିଜ ତିଆରି କରି ଶ୍ରମ ବିଭାଗରେ ଜାଲିଆତି କରିଥିବା ଘଟଣା ସାମ୍ନାକୁ ଆସିଛି । ଏଭଳି ଜାଲିଆତି କେବଳ କୋଷଗୁମୁଡା ବ୍ଲକରେ ନୁହଁ ବରଂ ପାପଡାହାଣ୍ଡି ବ୍ଲକରେ ମଧ୍ୟ କରାଯାଇଛି । ପାପଡାହାଣ୍ଡି ବ୍ଲକ ଡ଼ଙ୍ଗରା ପଞ୍ଚାୟତ ଅନ୍ତର୍ଗତ କୁମ୍ଭାରଗୁଡା ଗ୍ରାମର ପୁରୁଷତି ମାଝୀ



ଜୀବିତ ରହିଥିବା ବେଳେ ଜିଲ୍ଲା ଶ୍ରମ ବିଭାଗରେ ଦାଖଲ ହୋଇଥିବା ଏହି ଦସ୍ତାବିଜ ଅନୁସାରେ ୧୫.୧୧.୨୦୨୨ରେ ତାଙ୍କର ମୃତ୍ୟୁ ହୋଇଛି । ତାଙ୍କ ସ୍ତ୍ରୀ ଗାୟତ୍ରୀ ମାଝୀ ଉତ୍ତରାଧିକାରୀ ଭାବେ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଆବେଦନ କରି ୨ ଲକ୍ଷ ଟଙ୍କା ପାଇଛନ୍ତି । ଯାହାକୁ ନେଇ ପୁରୁଷତି ମାଝୀ କିଛି ଜାଣିନଥିବା କହିବା ସହ ଦଲାଲ ଆସି ସରକାରଙ୍କ ତରଫରୁ ମାଗଣାରେ ଋଣ ଦିଆଯାଉଥିବା କହି ଦସ୍ତାବିଜ ନେଇଥିବା ବେଳେ ସେହି ଟଙ୍କାକୁ ମଧ୍ୟ ଚଞ୍ଚକତା ସହ ଆତ୍ମସାତ କରିଥିବା ଅଭିଯୋଗ କରିଛନ୍ତି ।

ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଓ ପାପଡାହାଣ୍ଡି ବ୍ଲକର ୫ ଜଣ ନିର୍ମାଣ ଶ୍ରମିକ ଜୀବିତ ଥିବାବେଳେ ସେମାନଙ୍କ ଅଜାଣତରେ ମୃତ ଦର୍ଶାଇ ମୃତ୍ୟୁକାଳୀନ ସହାୟତା ରାଶି ୨ ଲକ୍ଷ ଟଙ୍କା ଲେଖାଏଁ ହଡ଼ପ କରିବା ଉଦ୍ଦେଶ୍ୟରେ କରିଥିଲେ ଚକ୍ରାନ୍ତ । ଦଲାଲମାନେ ଉକ୍ତ ଶ୍ରମିକମାନଙ୍କୁ ଏକ ଲକ୍ଷ ଟଙ୍କାର ମାଗଣା ଋଣ କରାଇଦେବା ଆଶା ଦେଖାଇ ଦୁଇ ଲକ୍ଷ ମଞ୍ଜୁରୀ ହେଲା ପରେ ଏକ ଲକ୍ଷ ଶ୍ରମିକ ଙ୍କ ଆଉ ଏକ ଲକ୍ଷ ଦଲାଲଙ୍କର ଏବଂ ଏହି ଋଣ ଆଉ ପୈଠ କରିବାକୁ ପଡିବ ନାହିଁ ବୋଲି କହି ଦସ୍ତାବିଜ ସଂଗ୍ରହ କରିଥିଲେ । ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଜିଲ୍ଲା ଶ୍ରମ ବିଭାଗକୁ ଆବେଦନ କରିଥିଲେ । ଯାହାକୁ ଜିଲ୍ଲା ଶ୍ରମ ଅଧିକାରୀ ସଠିକ୍ ଯାଞ୍ଚ ନକରି ଉକ୍ତ ଶ୍ରମିକମାନଙ୍କ ନାମରେ ମୃତ୍ୟୁକାଳୀନ ସହାୟତା ରାଶିକୁ ମଞ୍ଜୁର କରିଦେଇଥିଲେ ।

ଏଠାରେ ପ୍ରଶ୍ନ ଉଠୁଛି ଯେ ଜିଲ୍ଲା ଶ୍ରମ ବିଭାଗ କରୁଛି କ'ଣ? ଶ୍ରମବିଭାଗର ଅଧିକାରୀମାନେ ସାର୍ଟିଫିକେଟଗୁଡିକୁ ଯାଞ୍ଚ ନକରିବାର କାରଣ କ'ଣ ? ଅନେକଙ୍କ ସନ୍ଦେହ ରହିଛି ଯେ, ଦଲାଲଙ୍କ ସହ ମିଶି କର୍ତ୍ତୃପକ୍ଷ ଏଭଳି ଆତ୍ମସାତ କରିବାରେ ଲିପ୍ତ ନାହାନ୍ତି ତ ? ବିନା ଯାଞ୍ଚ ରେ କିଭଳି ଏତେ ଗୁଡ଼ାଏ ସରକାରୀ ଟଙ୍କା ମଞ୍ଜୁର କରିଦେଲେ ଜିଲ୍ଲା ଶ୍ରମ ଅଧିକାରୀ ? ତାହା ବର୍ତ୍ତମାନ୍ ସନ୍ଦେହ ଘେରରେ ରହିଛି । ଯାହାକୁ ନେଇ ଜିଲ୍ଲାବାସୀ ଶ୍ରମ ବିଭାଗ ଉପରେ ଆଙ୍ଗୁଳି ଉଠାଉ ଥିବା ବେଳେ ଏହାର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇଁ ନବରଙ୍ଗପୁର ଜିଲ୍ଲା ଶ୍ରମ ଅଧିକାରୀ ଛୋଟରାୟ ଟୁଡୁଙ୍କ ପ୍ରତିକ୍ରିୟା ନେବାରୁ ଘଟଣାରେ ସତ୍ୟତା ଥିବା ସ୍ୱୀକାର କରିବା ସହ ତାଙ୍କର ପୂର୍ବରୁ ଯେଉଁ ଅଧିକାରୀ ଥିଲେ ତାଙ୍କ ସମୟରେ ଏଭଳି ହୋଇଥିବା କହିବା ସହ ବର୍ତ୍ତମାନ ଆବେଦନ ପତ୍ର ଗୁଡିକର ଯାଞ୍ଚ କରାଯାଇ ସହାୟତା ରାଶି ଦିଆଯାଉଥିବା କହିଛନ୍ତି । ହଡପ କରାଯାଇଥିବା ସରକାରୀ ଅର୍ଥକୁ ନେଇ ଥାନାରେ କେଶ ରୁଜୁ କରାଯିବ ବୋଲି ସୂଚନା ଦେଇଛନ୍ତି । ଅନ୍ୟପଟେ ଜିଲ୍ଲାରେ ଗତ ୩ ବର୍ଷରେ ୧୫୦୦ ରୁ ଉର୍ଦ୍ଧ ମୃତ୍ୟୁକାଳୀନ ସହାୟତା ରାଶି ପାଇଁ ଆବେଦନ ହୋଇଥିବା ବେଳେ ୭୫ଟି ନକଲି ଆବେଦନ କରାଯାଇଥିବା ଜିଲ୍ଲା ଶ୍ରମ ବିଭାଗ ଜାଣିପାରିଥିଲା । ଯାହାକୁ ଯାଞ୍ଚ କରି ରିଜେକ୍ଟ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

■ ସାଧାରଣତଃ ଦେଖାଯାଏ କଳାକାର, ସଙ୍ଗୀତ ଜଗତର ଶିଳ୍ପୀ ଏବଂ ସିନେ ଜଗତର ଲୋକମାନେ ଅଧିକ ବିଶୃଙ୍ଖଳିତ ହୋଇଥାନ୍ତି ସେମାନଙ୍କ ଜୀବନଚର୍ଯ୍ୟାରେ । ଏମାନଙ୍କ ଭିତରୁ ଅନେକେ ମଦ୍ୟପାନ ମଧ କରିଥାନ୍ତି । ମଦ ଯକୃତକୁ ଅଧିକ କ୍ଷତି ପହଞ୍ଚାଇଥାଏ ବୋଲି ଡାକ୍ତରମାନେ କହନ୍ତି । ଆମେ କହୁନୁ ଯେ ଏ ଯେଉଁ ଦୁଇଜଣ କଳାକାରଙ୍କ ମୃତ୍ୟୁ ହେଲା ଏ ନିକଟରେ ସେମାନେ ଯେ ମଦ୍ୟପାନ କରୁଥିଲେ ଏହାର ପ୍ରମାଣ ନାହିଁ ଆମ ପାଖରେ, କିନ୍ତୁ ସେମାନେ ଯେ ଲୋକପ୍ରିୟତାରେ ବିଭୋର ହୋଇ ନିଜ ପାଇଁ ସମୟ ଦେଇନାହାନ୍ତି ଏକଥାକୁ ଏଡାଇ ଦେଇହେବନି ।

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୨୮ ଜାନୁଆରୀ, ୨୦୨୬ | ବୁଧବାର

# ଓଡ଼ିଶା ଏକ୍ସପ୍ରେସ୍

## କଳାକାରମାନେ ସୁସ୍ଥତାକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍

**ଆ**ଜିର ସମୟରେ ସୁସ୍ଥ ରହିବା ସବୁଠୁ ବଡ଼ ସଫଳତା ଏବଂ ପ୍ରାପ୍ତି ବୋଲି ଧରିବାକୁ ହେବ । ଆମେ ଯାହା ଖାଉଛେ ସବୁ ଭେଜାଲ । ସୁସ୍ଥ ରହିବା ପାଇଁ ଆମକୁ ଡାକ୍ତର, ଯେଉଁସବୁ ପନିପରିବା ଏବଂ ଫଳମୂଳ ଖାଇବାର ପରାମର୍ଶ ଦେଇଥାନ୍ତି ତାହା ଯେ ଖାଇବା ଉପଯୋଗୀ ଏକଥା କହିହେବନି । ଆମେ ଯଦି ପାଚିଲା କଦଳୀ କଥା ଦେଖିବା ତାହା ମଧ ସମ୍ପୂର୍ଣ୍ଣ ଖାଦ୍ୟ ଉପଯୋଗୀ ନୁହେଁ, କାରଣ କଦଳୀ ପଚାଇବା ପାଇଁ ସେଥିରେ ଯେଉଁ ରସାୟନିକ ସିଞ୍ଚନ କରାଯାଉଛି ତାହା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି । ଫଳ-ମୂଳ, ପନିପରିବା କୌଣସିଟା ଏଥିରୁ ବାଦ୍ ଯାଉନି ଆଜିକାଲି। ପୋଟଳରେ ରଙ୍ଗ ଦିଆଯାଉଛି । ହରଡ଼ ଡାଲିରେ ରଙ୍ଗର ପ୍ରୟୋଗ ଅନେକ ଦିନରୁ ଚାଲିଛି । ଖାଣ୍ଟି ସୋରିଷ ତେଲ ବୋଲି ଯାହାକୁ ଆମେ କହୁଛୁ ସେଥିରେ ମଧ ସୋରିଷ ତେଲର ନକଲି ବାସ୍ନା ପ୍ରୟୋଗ କରାଯାଉଛି । ପ୍ରତିଟି ଖାଦ୍ୟକୁ ଅଧିକ ଦିନ ପାଇଁ ସତେଜ ରଖିବା ଉଦ୍ଦେଶ୍ୟରେ ଯେଉଁ 'ପ୍ରିଜରଭେଟିଭ' ମିଶାଯାଉଛି ଆଇନ୍ ସମ୍ମତ ଭାବରେ ତାହା ମଧ ଶରୀର ପାଇଁ ନିରାପଦ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି । ନିର୍ମାତାମାନେ କିନ୍ତୁ ଖୋଲାଖୋଲି ଭାବରେ 'ପ୍ରିଜରଭେଟିଭ୍' ମିଶିଛି ବୋଲି ଲେଖୁଛନ୍ତି । ତେଣୁ ଏହା ନିଶ୍ଚିତ ଭାବରେ ଆଇନ୍ ସମ୍ମିତ ହୋଇଗଲାଣି ।

ଛାଡନ୍ତୁ ଆମେ ଆଉ ସେ ଦିଗରେ ଆଲୋଚନା ନକରି ଅସଲ ପ୍ରସଙ୍ଗକୁ ଆସିବା ।

ସବୁ ଭେଜାଲ ସହିତ ଆମ ଜୀବନଚର୍ଯ୍ୟା ଯଦି ବିଶୃଙ୍ଖଳିତ ହୁଏ, ଯଦି ଆମ ଶରୀର ଉପଯୁକ୍ତ ବିଶ୍ରାମ ନ ପାଏ ତା'ହେଲେ ମଧ ଆମେ ସୁସ୍ଥ ରହିବା ସମ୍ଭବ ହେବନି ।

ଏଇ କିଛିଦିନ ଭିତରେ ଆମ ରାଜ୍ୟର ୨ଜଣ ଯୁବକ କଳାକାରଙ୍କ ମୃତ୍ୟୁ ଘଟଣା ଖୁବ୍ ଦୁଃଖଦାୟକ । ଜଣେ ହେଲେ- ହ୍ୟୁମାନ ସାଗର ଏବଂ ଅନ୍ୟଜଣେ ହେଲେ- ଅଭିଜିତ ମଜୁମଦାର । ଏ ଦୁଇଜଣ ଓଡ଼ିଆ ଶ୍ରୋତାଙ୍କୁ ଅନେକ ଭଲ ଗୀତ ଉପହାର ଦେଇଛନ୍ତି । ଅଭିଜିତ ମଜୁମଦାର ଅନେକ ନୂଆ ନୂଆ ସ୍ୱର କରିଛନ୍ତି, ଯାହା ଶ୍ରୋତାଙ୍କୁ ବିମୋହିତ କରିଛି ।

ଲୋକପ୍ରିୟତାର ଶୀର୍ଷରେ ଥାଇ ଏମାନେ ଚାଲିଗଲେ । ଏମାନଙ୍କୁ ଯୁବ କଳାକାର କୁହାଯାଇପାରେ । ଏମାନେ ଆଗକୁ ନିଶ୍ଚିତ ଭାବରେ ଆହୁରି ଅନେକ ଭଲ ଗୀତ ଉପହାର ଦେଇପାରିଥାନ୍ତେ ଆମକୁ । ସଙ୍ଗୀତ, କଳା ଏବଂ ସାହିତ୍ୟ କ୍ଷେତ୍ରରେ ଅଭିଜ୍ଞତାର ଖୁବ୍ ଗୁରୁତ୍ୱ ରହିଛି । ଅଭିଜ୍ଞତା ହିଁ ସରସା ସର୍ଜନା ସୃଷ୍ଟି କରେ । ତେଣୁ କଳାକାର ଏବଂ ସ୍ରଷ୍ଟାମାନଙ୍କ ଅଳ୍ପ ବୟସରେ ମୃତ୍ୟୁ ହେବା ଖୁବ୍ ବେଦନାଦାୟକ ଏବଂ ସର୍ଜନା କ୍ଷେତ୍ର ପାଇଁ କ୍ଷତିକାରକ ।

କଳାକାର ଏବଂ ସଙ୍ଗୀତ ଜଗତର ଲୋକମାନେ ସୁସ୍ଥତାକୁ ଅଧିକ ଗୁରୁତ୍ୱ ଦେବା ଉଚିତ୍ । ହ୍ୟୁମାନ ସାଗରଙ୍କ ମୃତ୍ୟୁ ପରେ ଜଣାଗଲା- ସେ ବିଶ୍ରାମ ନେବାକୁ ସମୟ ପାଉନଥିଲେ କାମର ଚାପରେ । ଏଇ କାରଣରୁ ଖାଦ୍ୟ ଏବଂ ବିଶ୍ରାମର ଅଭାବରେ ମଧ ତାଙ୍କ ଶରୀର ଅସୁସ୍ଥ ହୋଇଥାଇପାରେ ।

ସାଧାରଣତଃ ଦେଖାଯାଏ କଳାକାର, ସଙ୍ଗୀତ ଜଗତର ଶିଳ୍ପୀ ଏବଂ ସିନେ ଜଗତର ଲୋକମାନେ ଅଧିକ ବିଶୃଙ୍ଖଳିତ ହୋଇଥାନ୍ତି ସେମାନଙ୍କ ଜୀବନଚର୍ଯ୍ୟାରେ । ଏମାନଙ୍କ ଭିତରୁ ଅନେକେ ମଦ୍ୟପାନ ମଧ କରିଥାନ୍ତି । ମଦ ଯକୃତକୁ ଅଧିକ କ୍ଷତି ପହଞ୍ଚାଇଥାଏ ବୋଲି ଡାକ୍ତରମାନେ କହନ୍ତି । ଆମେ କହୁନୁ ଯେ ଏ ଯେଉଁ ଦୁଇଜଣ କଳାକାରଙ୍କ ମୃତ୍ୟୁ ହେଲା ଏ ନିକଟରେ ସେମାନେ ଯେ ମଦ୍ୟପାନ କରୁଥିଲେ ଏହାର ପ୍ରମାଣ ନାହିଁ ଆମ ପାଖରେ, କିନ୍ତୁ ସେମାନେ ଯେ ଲୋକପ୍ରିୟତାରେ ବିଭୋର ହୋଇ ନିଜ ପାଇଁ ସମୟ ଦେଇନାହାନ୍ତି ଏକଥାକୁ ଏଡାଇ ଦେଇହେବନି ।

ଏ କ୍ଷେତ୍ରରେ ଶାସ୍ତ୍ରୀୟ ସଙ୍ଗୀତ ଜଗତର କଳାକାରମାନେ କିନ୍ତୁ ଅଧିକ ସଚେତନ । ବିଶେଷ କରି କଣ୍ଠଶିଳ୍ପୀମାନେ ଖାଦ୍ୟପେୟ ଉପରେ ଖୁବ୍ ସଂଯମୀ । ସେମାନଙ୍କ କଣ୍ଠ ହିଁ ସେମାନଙ୍କର ସମ୍ପଦ, ଏକଥାକୁ ସେମାନେ ବୁଝନ୍ତି ଏବଂ ଗୁରୁତ୍ୱ ଦିଅନ୍ତି । କିନ୍ତୁ ସିନେ ଜଗତର କଳାକାରମାନେ ଏହାକୁ ଗୁରୁତ୍ୱ ଦିଅନ୍ତି ନାହିଁ ।

ବୟସ ବଢ଼ିଲେ ଅଭିଜ୍ଞତା ବଢ଼େ । ତେଣୁ ଶିଳ୍ପୀମାନେ କିଭଳି ଅଧିକ ଦିନ ଯାଏଁ ସୁସ୍ଥ ରହିପାରିବେ ସେ ଦିଗ ପ୍ରତି ଯତ୍ନବାନ ହେବା ଦରକାର ।

# ଢେଙ୍କାଶବର, ଢେଙ୍କାନାଳ: ରାଜତନ୍ତ୍ରରୁ ଗଣତନ୍ତ୍ର



**ଇତିହାସର ଇତି କଥା**

**ସତ୍ୟବାଦୀ ବଳିଆରସିଂହ**

**ଭା**ଷାଭିତ୍ତିରେ ୧୯୩୬ ମସିହା ଏପ୍ରିଲ ପହିଲାରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ପରିଚୟ ପାଇଲା । ତେବେ ଇଂରେଜ ଶାସିତ ଭାରତରେ ତିନୋଟି ଜିଲ୍ଲା ପୁରୀ, କଟକ ଓ ବାଲେଶ୍ୱରକୁ ନେଇ ଓଡ଼ିଶା କୁହାଯାଉଥିଲା । ନୂତନ ଭାବେ ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର ମିଶିବାରୁ ଜିଲ୍ଲା ସଂଖ୍ୟା ଛଅ ହେଲା । ସେତେବେଳେ ଏ ସମସ୍ତ ଅଞ୍ଚଳକୁ ମୋଗଲବନ୍ଦୀ କୁହାଯାଉଥିଲା । ଓଡ଼ିଶା ଡିଭିଜନରେ ଥିବା ୨୬ଟି ଗଡ଼ଜାତ ରାଜ୍ୟ ଓଡ଼ିଶାରେ ମିଶିନଥିଲା । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଆମ ଦେଶ ସ୍ୱାଧୀନ ହେଲା । ଇଂରେଜ ସରକାର ଗଡ଼ଜାତଗୁଡ଼ିକୁ ସାର୍ବଭୌମ କ୍ଷମତାର ଅଧିକାରୀ କରିଦେଲେ । ଫଳରେ ଗଡ଼ଜାତ ମିଶ୍ରଣ ହେବାରେ ବିଳମ୍ବ ଘଟିଲା । ସର୍ଦ୍ଦାର ବଲ୍ଲଭଭାଇ ପଟେଲ ଓ ଡ. ହରେକୃଷ୍ଣ ମହତାବଙ୍କ ଉଦ୍ୟମ ଯୋଗୁଁ ୧୪ ନଭେମ୍ବର ୧୯୪୭ରେ ସର୍ବପ୍ରଥମେ ନୀଳଗିରି ଓଡ଼ିଶାରେ ମିଶିଲା । ନୀଳଗିରି ଗଡ଼ଜାତର କୌଣସି ରାଜ୍ୟରେ ମିଶିବାରେ ଥିଲା ଭାରତରେ ପ୍ରଥମ । ଏହାପରେ ୧୯୪୮ ଜାନୁଆରୀ ୧ ତାରିଖରେ ମୟୁରଭଞ୍ଜକୁ ଛାଡ଼ି ଅନ୍ୟସମସ୍ତ ଗଡ଼ଜାତ ରାଜ୍ୟ ଓଡ଼ିଶାରେ ମିଶିଲେ । ମୟୁରଭଞ୍ଜ ଓଡ଼ିଶାରେ ମିଶିନଥିବାରୁ ଏବଂ ଷଢ଼େଇକଳା ଓ ଖରସୁଆଁକୁ ମୟୁରଭଞ୍ଜ ବ୍ୟତୀତ ଗମନାଗମନର ବିକଳ୍ପ ବ୍ୟବସ୍ଥା ନଥିବାରୁ ବିହାର ସରକାର ଚକ୍ରାନ୍ତ କରି ସେ ଦୁଇଟି ରାଜ୍ୟ ଓଡ଼ିଶାରୁ ନେଇଗଲେ । ୧୯୪୯ ଜାନୁଆରୀ ୧ ତାରିଖରେ ମୟୁରଭଞ୍ଜ ଓଡ଼ିଶାରେ ମିଶିଲା । ଏଣୁ ଓଡ଼ିଶାର ଜିଲ୍ଲା ସଂଖ୍ୟା ପର୍ଯ୍ୟାୟକ୍ରମେ ୬, ୧୨, ୧୩, ୧୭, ୨୭ ହୋଇ ୩୦ରେ ପହଞ୍ଚିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ବେଳେ ରାଜ୍ୟର ଆୟତନ ୮୩, ୩୯୩ ବର୍ଗ କିଲୋମିଟର ଥିବାବେଳେ ଗଡ଼ଜାତଗୁଡ଼ିକର ଆୟତନ ୭୨, ୫୨୦ ବର୍ଗ କି.ମି ଥିଲା । ଓଡ଼ିଶାରେ ମିଶ୍ରଣ ଘଟିଥିବା ୨୪ଟି ଗଡ଼ଜାତମାନଙ୍କ ମଧ୍ୟରୁ ଢେଙ୍କାନାଳ ଗୋଟିଏ । ଏହା ଓଡ଼ିଶାର ମଧ୍ୟଭାଗରେ ଅବସ୍ଥିତ । ଏହି ଗଡ଼ଜାତର କ୍ଷେତ୍ରଫଳ ଥିଲା ୧୪୬୩ ବର୍ଗ ମାଇଲ।

ଢେଙ୍କାନାଳ ଗଡ଼ଜାତ ମାନଚିତ୍ରରେ ନିରକ୍ଷବୃତ୍ତର ୨୦.୩ ରୁ ୨୧.୧୨ ଅକ୍ଷାଂଶ ମଧରେ ଏବଂ ଦ୍ରାଘିମା ଗଣନାର ଗ୍ରୀନ୍ ଉଇଚର ପୂର୍ବରେ ୮୫.୧୫ ରୁ ୮୬.୫ ଡ଼ିଗ୍ରୀ ଦ୍ରାଘିମାନ୍ତର ମଧରେ ରହିଅଛି । ରାଜ୍ୟର ଉତ୍ତର ଦିଗରେ ପାଲଲହଡ଼ା ଓ କେନ୍ଦୁଝର। ପୂର୍ବସୀମାରେ ବଳରାମପୁର, ମଧୁପୁର, ଦର୍ପଣୀ, କଳକଳା ଓ ଡାଳିଯୋଡ଼ା ନାମକ କ୍ଷୁଦ୍ର ଇଷ୍ଟେଟ୍, ପଶ୍ଚିମ ପାର୍ଶ୍ୱରେ ଅନୁଗୋଳ ଓ ତାଳଚେର ଗଡ଼ଜାତ ଏବଂ ଦକ୍ଷିଣ ପାର୍ଶ୍ୱରେ ଆଠଗଡ଼, ତିଗିରିଆ ଓ ବଡ଼ମ୍ବା ରାଜ୍ୟ ଅବସ୍ଥିତ। ଏହାର ଐଶାନ୍ୟ କୋଣରେ ସୁକିନ୍ଦା ଇଷ୍ଟେଟ ଓ ନୈରୃତ କୋଣରେ ହିନ୍ଦୋଳ ରାଜ୍ୟ ଅବସ୍ଥିତ । ଢେଙ୍କାନାଳ ରାଜ୍ୟରେ ଯେଉଁ ରାଜାମାନେ ଶାସନ କରିଛନ୍ତି ସେମାନେ ହେଲେ (୧) ହରିସିଂହ ବିଦ୍ୟାଧର (ଖ୍ରୀ ୧୫୩୧-୧୫୯୪), (୨) ଲୋକନାଥ ରାୟସିଂହ ଭ୍ରମରବର (ଖ୍ରୀ ୧୫୯୪-୧୬୧୫), (୩) ବଳଭଦ୍ର ରାୟସିଂହ ଭ୍ରମରବର (ଖ୍ରୀ.୧୬୧୫-୧୬୪୫), (୪)ନୀଳାମ୍ବର ରାୟସିଂହ ଭ୍ରମରବର ରାୟ (ଖ୍ରୀ ୧୬୪୫-୧୬୮୨), (୫) ନୃସିଂହ ଭ୍ରମରବରରାୟ (ଖ୍ରୀ ୧୬୮୨-୧୭୦୮), (୬) କୁଂଜ ବିହାରୀ ଭ୍ରମରବର ରାୟ (ଖ୍ରୀ ୧୭୦୮-୧୭୨୮), (୭) ବ୍ରଜ ବିହାରୀ ଭ୍ରମରବର ରାୟ (ଖ୍ରୀ.୧୭୨୮-୧୭୪୬), (୮) ଦାମୋଦର ଭ୍ରମରବର ରାୟ (ଖ୍ରୀ ୧୭୪୬-୧୭୪୮), (୯) ତ୍ରିଲୋଚନ ମହୀନ୍ଦ୍ର ବାହାଦୁର (୧୭୪୮-୧୭୮୫), (୧୦) ଦୟାନିଧି ମହୀନ୍ଦ୍ର ବାହାଦୁର (୧୭୮୫-୧୭୯୭), (୧୧) ରାମଚନ୍ଦ୍ର ମହୀନ୍ଦ୍ର ବାହାଦୁର (୧୭୯୭-୧୮୦୭), କୃଷ୍ଣଚନ୍ଦ୍ର ମହୀନ୍ଦ୍ର ବାହାଦୁର (୧୮୦୭-୧୮୨୨), (୧୨) ଶ୍ୟାମ ସୁନ୍ଦର ମହୀନ୍ଦ୍ର ବାହାଦୁର (୧୮୨୨-୧୮୩୦), (୧୩) ଭାଗୀରଥ ମହୀନ୍ଦ୍ର ବାହାଦୁର (୧୮୩୦-୧୮୭୬), (୧୪) ଦୀନବନ୍ଧୁ ମହୀନ୍ଦ୍ର ବାହାଦୁର (୧୮୭୬-୧୮୮୫), (୧୫) ସୁରପ୍ରତାପ ମହୀନ୍ଦ୍ର ବାହାଦୁର (୧୮୮୫-୧୯୧୮), (୧୬) ଶଙ୍କର ପ୍ରତାପ ସିଂହ ଦେବ ମହୀନ୍ଦ୍ର ବାହାଦୁର (୧୯୧୮-୧୯୪୭)- ଗଡ଼ଜାତ ମିଶ୍ରଣ ପର୍ଯ୍ୟନ୍ତ । ସୂଚନାଯୋଗ୍ୟ ଯେ ଶଙ୍କର ପ୍ରତାପସିଂହ ଦେବ ସ୍ୱାଧୀନତା ପରେ ଗଣତନ୍ତ୍ର ପରିଷଦ ଦଳରୁ ବିଧାୟକ, ତାଙ୍କ ପତ୍ନୀ ରତ୍ନପ୍ରଭା ଦେବୀ ବିଧାୟିକା ଏବଂ ପୁତ୍ର କାମାକ୍ଷା ପ୍ରସାଦ ସିଂହଦେବ, ଲୋକ ସଭାରେ ସ୍ୱତନ୍ତ୍ର ଦଳ ତଥା କଂଗ୍ରେସ ଦଳ ପକ୍ଷରୁ ସାଂସଦ ଏବଂ କେନ୍ଦ୍ରମନ୍ତ୍ରୀ ହୋଇଥିଲେ। ସେ ମଧ ଓଡ଼ିଶା ପ୍ରଦେଶ କଂଗ୍ରେସ ଦଳର ସଭାପତି ହୋଇଥିଲେ ।

ଢେଙ୍କାନାଳ ରାଜବଂଶର ପ୍ରଥମ ରାଜା ହରିସିଂହ ବିଦ୍ୟାଧର। ସେ ଭୋଇବଂଶୀୟ ରାଜା । ସେ ଓଡ଼ିଶାର ଭୋଇବଂଶୀୟ ମହାରାଜା ଗୋବିନ୍ଦ ଦେବ ବିଦ୍ୟାଧରଙ୍କ ସାନଭାଇ। ଗୋବିନ୍ଦ ଦେବଙ୍କ ମଝିଆ ଭାଇ ହେଉଛନ୍ତି ଜନାର୍ଦ୍ଦନ ବିଦ୍ୟାଧର ଏବଂ ତାଙ୍କ ପୁତ୍ର ରମେଇ ରାଉତରାୟ ରାମଚନ୍ଦ୍ର ଦେବ ନାମଧାରଣ କରି ଖୋର୍ଦ୍ଧାର ପ୍ରଥମ ରାଜା ହୋଇଥିଲେ । ହରିସିଂହ ବିଦାଧର ଜଗପତି ପ୍ରତାପରୁଦ୍ର ଦେବଙ୍କ ରାଜତ୍ୱରେ ଦାକ୍ଷିଣାତ ଅଭିଯାନରେ ବିଜୟଲାଭ କରିବାରୁ ତାଙ୍କୁ ଅନୁଗ୍ରହ କରି ବ୍ରାହ୍ମଣୀ ନଦୀକୂଳ କରମୂଳ ପାଟଣାରେ ସାତକୋଶ ଭୂମିଦାନ କରି ସେଇ ଝାଡ଼ଖଣ୍ଡରେ ରାଜା କରାଇଲେ। ତାଙ୍କୁ ମୀନକେତନ ଚିହ୍ନ, କଟାରି, ପଗଡ଼ି ମଧ ସନ୍ତକଭାବେ ଦିଆଗଲା। ଏହା ୧୫୩୧ ମସିହାର ଘଟଣା। ହରିସିଂହ ବିଦୟାଧର ରାଜା ହେବାପରେ ନିଜର ଶକ୍ତି ପ୍ରୟୋଗ କରି ଜଣକ ପରେ ଜଣେ ସାମନ୍ତ ଖଣ୍ଡାଧିପତିମାନଙ୍କୁ ପରାସ୍ତ କରି ରାଜ ବୃଦ୍ଧିକଲେ। ଏହି କ୍ରମରେ ଅତିଣ୍ଡା, ନୂଆଗଡ଼, ବଣିଆପଡ଼ା, ଭଂଜଭୂମି, ବିଶାଳିଆ ଆଦି ରାଜ ନିଜ ରାଜରେ ମିଶାଇଲେ। ଶେଷରେ ଦଳପତି ଢେଙ୍କାଶବର ଗଡ଼କୁ ଦଖଲ କଲେ। ଏହି ନୂତନ ରାଜର ନାମ ଢେଙ୍କାଶବର ନାମରେ ଢେଙ୍କାନାଳ ଦେଲେ। ପାଣିଅଁଳା ପର୍ବତର କଟି ଦେଶରେ ନିଜ ରାଜଧାନୀ ପ୍ରସ୍ତୁତ କଲେ ଓ ନିକଟରେ ଢେଙ୍କାଶବରର ଏକ ପାଷାଣ ମୂର୍ତ୍ତି ସ୍ଥାପନ କଲେ। 'ଡିଙ୍କିଶାଳରୁ ଢେଙ୍କାନାଳ' ଆପ୍ତବାକ୍ୟଟି ମଧ ବେଶ୍ ପ୍ରଚଳିତ, ଯାହାକି ଢେଙ୍କାନାଳ ନାମର ଗରିମାକୁ ପ୍ରଦର୍ଶିତ କରୁଛି। ସବୁ ବିଷୟରେ ବିସ୍ତୃତ ଭାବେ ସୂଚନା ପାଇଁ ଏହି ଆପ୍ତବାକ୍ୟଟି ପ୍ରୟୋଗ କରାଯାଏ ବୋଲି କୁହାଯାଏ ।

ଏହି ରାଜବଂଶର ନବମ ରାଜା ତ୍ରିଲୋଚନ ମହୀନ୍ଦ୍ର ବାହାଦୂର ଜଣେ ମହାପରାକ୍ରମଶାଳୀ ରାଜା ଥିଲେ। ସେତେବେଳେ ମରହଟ୍ଟା ଶାସନ ଚାଲିଥାଏ। ମରହଟ୍ଟା ସୈନିକମାନଙ୍କୁ ବର୍ଗୀ ମଧ କୁହାଯାଏ। ଏହି ଶାସନ କେବଳ ଅତାଚାର ଓ ଲୁଣ୍ଠନରେ ଚାଲିଥିଲା। ମରହଟ୍ଟାମାନଙ୍କ ଲୁଣ୍ଠନରେ ଓଡ଼ିଶା ଗଡ଼ଜାତର ସମସ୍ତ ରାଜା, ମହାରାଜା ଓ ଓଡ଼ିଶାର ସମସ୍ତ ଜନସାଧାରଣ ଭୀତତ୍ରସ୍ତ ଥିଲେ। ସେମାନେ ଅଶ୍ୱ ପୃଷ୍ଠରେ ଦଳଦଳ ହୋଇ ଆସି ଯାହା ପାରୁଥିଲେ ଲୁଣ୍ଠନକରି ନେଉଥିଲେ। ମରହଟ୍ଟା ସୁବେଦାର ରାଜାରାମ ପଣ୍ଡିତ ଓ ରାଜକର୍ମଚାରୀଙ୍କ ନେତୃତ୍ୱରେ ଢେଙ୍କାନାଳ ଆକ୍ରମଣ କରି ପରାଭବ ପାଇବା ପରେ ନାଗପୁର ଭୋଁସଲାଙ୍କୁ ଅବଗତ କରାଇଲେ। ସେଠାରୁ ରାଜପୁତ ରୋହିଲା, ମୋଗଲ, ଚୌହାନ, ତେଲେଙ୍ଗା ସୈନବଳ ଆଣି ଢେଙ୍କାନାଳ ଅବରୁଦ୍ଧ କଲେ ଓ ତିନିପଟୁ ଆକ୍ରମଣ କଲେ। ଏଥିରେ ବହୁ ମରହଟ୍ଟା ସୈନ ନିହତ ହେବାରୁ ଦୁଇକୋଶ ପଛକୁ ଫେରିଆସିଲେ। ଏହି ଯୁଦ୍ଧ ଅଭିଯାନରେ ଭୋଁସଲାଙ୍କ ସାନଭାଇ ଚିମନ ଶାହ ବା ଚିମଣି ବାବୁ ଥିଲେ। ତା'ପରଦିନ ଯୁଦ୍ଧ ହେବାକୁ ସ୍ଥିର ହେଲା। ଏଥିରେ ମରହଟ୍ଟାଙ୍କ ପକ୍ଷରୁ ଭବାନୀ ପଣ୍ଡିତ ଯୁକ୍ତି କଲେ ଯେ, ଆଉ ଯୁଦ୍ଧ କଲେ ବହୁସଂଖ୍ୟାରେ ମରହଟ୍ଟା ସୈନ ନିହତ ହେବେ। ଏଣୁ ସେ ଶାନ୍ତିଚୁକ୍ତି ପାଇଁ ସନ୍ଧି ପ୍ରସ୍ତାବ ଦେଲେ। ଏଥିରେ କିଛି ମରହଟ୍ଟା ସୈନ୍ୟ ଗଡ଼ଭିତରେ ପଶିବେ ଏବଂ ରାଜା କର ନେବାକୁ ରାଜିହେବେ। ଫଳରେ ମରହଟ୍ଟାଙ୍କ ସମ୍ମାନ ରହିବ। ଏହି ପ୍ରସ୍ତାବରେ ରାଜି ନହେଲେ ବିପୁଳ ସଂଖ୍ୟକ ସୈନ ନାଗପୁରରୁ ଆସି ଗଡ଼ ଧ୍ୱଂସ କରିବେ। ଶେଷରେ ସନ୍ଧି ପ୍ରସ୍ତାବ ଗୃହୀତ ହୋଇଥିଲା ଏବଂ ରାଜା ତ୍ରିଲୋଚନଙ୍କ ବୀରତ୍ୱର ପ୍ରଶଂସା କରାଯାଇଥିଲା। କବି ବ୍ରଜନାଥ ବଡ଼ଜେନା 'ସମର ତରଙ୍ଗ'ରେ ଏହା ଅତି ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି । ଏହା ୧୭୮୧ ମସିହା ଫେବୃୟାରୀ ମାସରେ ଘଟିଥିଲା ।

*ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା*
*ମୋ. ୯୨୩୭୦୮୯୫୦୯*

# ଓଡ଼ିଶାକୁ ପଦ୍ମ ସମ୍ମାନ : ସ୍ୱୀକୃତିରେ ଅନାଲୋଚିତ ନାୟକ

■ ଡ. ଅରୁନ୍ଧତୀ ଦେବୀ ■

**ଭା**ରତର ଗଣତନ୍ତ୍ର ଦିବସ ଅବସରରେ କେନ୍ଦ୍ର ସରକାରଙ୍କ ଠାରୁ ସବୁଠାରୁ ସମ୍ମାନଜନକ ସମ୍ମାନ ପଦ୍ମ ପୁରଷ୍କାର ପ୍ରଦାନ କରାଯାଇଥାଏ । କହିବାକୁଗଲେ ଅନାଲୋଚିତ ଅସାଧାରଣ ପ୍ରତିଭାମାନଙ୍କୁ ଏହା ଜାତୀୟ ସ୍ୱୀକୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରୁ ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ଚରଣ ହେମ୍ବ୍ରମ ଓ ମହେନ୍ଦ୍ର କୁମାର ମିଶ୍ର ଓ କଳା କ୍ଷେତ୍ରରେ ଶରତ କୁମାର ପାତ୍ର ଓ ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହେବା ଗର୍ବ ଓ ଗୌରବର ବିଷୟ । କେବଳ ସେତିକି ନୁହେଁ ଏହି ଉପଲବ୍ଧି ଓଡ଼ିଶାର କଳା ଓ ସଂସ୍କୃତିକୁ ଜାତୀୟ ସ୍ତରରେ ନୂଆ ପରିଚୟ ଦେଇପାରିଛି । ଓଡ଼ିଶାର ଗରିମା ଓ ପ୍ରତିଭାକୁ ନିରନ୍ତର ବିଶ୍ୱଦରବାରରେ ପରିଚିତ ହୋଇପାରୁଛନ୍ତି ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ।

**ନାଟ୍ୟଗୁରୁ ସୀମାଞ୍ଚଳ** : ଓଡ଼ିଶାର ନାଟକ କ୍ଷେତ୍ରରେ ବେଶ ପରିଚିତ ନାଟ୍ୟଗୁରୁ ତଥା ବର୍ଷିଆନ ଅଭିନେତା ସୀମାଞ୍ଚଳ ପାତ୍ର ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ ହୋଇଛନ୍ତି । ଏଥିପୂର୍ବରୁ କେନ୍ଦ୍ର ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିବା ଶ୍ରୀ ପାତ୍ର ଗଞ୍ଜାମ ଦିଗପହଣ୍ଡି ବ୍ଲକ ବୋମକେଇ ଗାଁରେ ୧୯୨୭ ଜୁଲାଇ ୭ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ଆସନ୍ତା ବର୍ଷରେ ସେ ଶହେ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି ।ଦୀର୍ଘ ବର୍ଷ ଧରି ସେ 'ପ୍ରହ୍ଲାଦ' ନାଟକରେ ଅଭିନୟ ସହ ନିର୍ଦ୍ଦେଶନା ଦେଇ ଆସୁଛନ୍ତି । ପିଲାଟି ଦିନରୁ ମହାପ୍ରଭୁ ନୃସିଂହ ଉପାସନା ପ୍ରତି ଇଛା ପ୍ରକଟ କରିଥିଲେ ସୀମାଞ୍ଚଳ । ତାଙ୍କ ବାପା ସ୍ୱର୍ଗତଃ ସୁର ପାତ୍ର ମଧ ନାଟ୍ୟଗୁରୁ ଓ କଳାକାର ଥିଲେ । ବାପାଙ୍କୁ ପ୍ରଥମ ଗୁରୁ ଭାବେ ଗ୍ରହଣ କରି ସେ ଥିଏଟର ଜୟଯାତ୍ରା ଆରମ୍ଭ କରିଥିଲେ। ପ୍ରାୟ ୬/୭ ବର୍ଷ ବୟସରେ ଶ୍ରୀ ପାତ୍ର ପ୍ରଥମେ ସଖୀ ନାଟ ଗୁରୁ ନରସିଂହ ପ୍ରଧାନଙ୍କ ଠାରୁ ସଖୀ ନାଟ ଶିଖିଥିଲେ। ପରେ 'ପ୍ରହ୍ଲାଦ' ନାଟକର ପ୍ରହ୍ଲାଦ ଭୂମିକାରେ ଅଭିନୟ କରିଥିଲେ। ଗୁରୁ ଲକ୍ଷ୍ମଣ ଶତପଥୀ ଓ ତ୍ରିନାଥ ପ୍ରଧାନଙ୍କ ଠାରୁ ଦୀର୍ଘ ୨୦ ବର୍ଷ କାଳ 'ପ୍ରହ୍ଲାଦ' ନାଟକର ବିଭିନ୍ନ ଶୈଳୀ, ନୃତ୍ୟ, ଅଙ୍ଗଭଙ୍ଗୀ, ସଂଳାପ ଆଦି ପରିବେଷଣ ଶିଖିବାସହ ନିଜକୁ ଏହି କ୍ଷେତ୍ରରେ ପ୍ରସିଦ୍ଧ କରାଇ ପାରିଥିଲେ । ୨୦ ବର୍ଷ ବୟସରେ ବୋମକେଇ ଗ୍ରାମରେ ଆୟୋଜିତ 'ପ୍ରହ୍ଲାଦ' ନାଟକର ମୁଖ୍ୟ ଭୂମିକାରେ ଅଭିନୟ କରି ସମସ୍ତଙ୍କୁ ଚମକାଇ ଦେଇଥିଲେ ।

**ଆଦିବାସୀ ସମୁଦାୟଙ୍କ ସ୍ୱର, ମହେନ୍ଦ୍ର** : ଆମ ରାଜ୍ୟରେ ଅନାଲୋଚିତ ଆଦିବାସୀ ପୁରାଣ ଠାରୁ ଲୋକକଥା, ମହାକାବ୍ୟ ଠାରୁ ଆଦିବାସୀ ସମ୍ପ୍ରଦାୟର ମୌଖିକ ପରମ୍ପରା ଅନୁସୃତ ଦସ୍ତାବିଜର ସଂଗ୍ରହ ଓ ସଂରକ୍ଷଣ ସହ ଶିକ୍ଷା, ସାହିତ୍ୟ କ୍ଷେତ୍ରରେ ଉତ୍କର୍ଷତା ନିମିତ୍ତ ଆଦିବାସୀ ସମୁଦାୟଙ୍କ ସ୍ୱରର ସଂରକ୍ଷକ କୁହାଯାଉଥିବା ମହେନ୍ଦ୍ର କୁମାର ମିଶ୍ର ଚଳିତ ବର୍ଷ ପଦ୍ମଶ୍ରୀ ସମ୍ମାନ ପାଇଁ ମନୋନୀତ ହୋଇଛନ୍ତି । ଅବହେଳିତ ଆଦିବାସୀ ଗୋଷ୍ଠୀ ମଧ୍ୟରେ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିବାରେ ତାଙ୍କର ତୃଣମୂଳସ୍ତରର ଉଦ୍ୟମ ଆଜି ତାଙ୍କୁ ଏହି ସ୍ୱୀକୃତି ଦେଇଛି । ନୂଆପଡ଼ା ଜିଲ୍ଲାର ସିନା ପାଲି ଗାଁ ନିବାସୀ ଶ୍ରୀ ମିଶ୍ର ଓଡ଼ିଆ ଓ ଆଦିବାସୀ ଲୋକସାହିତ୍ୟ ଉପରେ ତାଙ୍କର ୨୫ରୁ ଅଧିକ ପୁସ୍ତକ ତାଙ୍କୁ ଭାରତର ଆଦିବାସୀ ସାହିତ୍ୟ ଐତିହ୍ୟର ଗୁରୁତ୍ୱପୂର୍ଣ୍ଣ ସଂରକ୍ଷକଙ୍କ ମଧ୍ୟରେ ଏକ ଅଗ୍ରଣୀ ସ୍ଥାନ ଦେଇଛି । ପୁସ୍ତକ ଗୁଡ଼ିକରେ ଓଡ଼ିଶାର ଜୁଆଙ୍ଗ, ମୁଣ୍ଡା ଓ ସାନ୍ତାଳ ଜନଜାତିଙ୍କ କାବ୍ୟ, କାହାଣୀ ଓ ଲୋକକଥା ସଂଗୃହୀତ ହୋଇଛି। ୨୦୧୮ରେ ସେ ତାଙ୍କ ପୁସ୍ତକ 'କଥା ଓ କାହାଣୀ' ପାଇଁ 'କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର' ପାଇଥିଲେ। ଆଦିବାସୀ ଲୋକକଳା ଉପରେ ଗବେଷଣା ପାଇଁ ତାଙ୍କୁ ଓଡ଼ିଶା ସାହିତ୍ୟ ଏକାଡ଼େମୀ ପୁରସ୍କାର ଏବଂ ଇନଷ୍ଟିଚ୍ୟୁଟ ଅଫ ଆଡଭାନ୍ସଡ଼ ଷ୍ଟଡି ଭଳି ଅନୁଷ୍ଠାନରୁ ଫେଲୋସିପ ପ୍ରଦାନ କରାଯାଇଛି। ତାଙ୍କ କାର୍ଯ୍ୟ ଆଦିବାସୀ ଜ୍ଞାନ ପ୍ରଣାଳୀ ଓ ମୁଖ୍ୟଧାରା ସାହିତ୍ୟ ମଧ୍ୟରେ ଏକ ମଜଭୁତ ସେତୁ ଭାବେ କାମ କରୁଛି। ସାହିତ୍ୟ କ୍ଷେତ୍ରରେ ୟୁନେସ୍କୋ ପୁରସ୍କାର ପାଇଥିବା ସେ ଏକମାତ୍ର ଭାରତୀୟ, ଯାହା ତାଙ୍କର ସାଂସ୍କୃତିକ ସଂରକ୍ଷଣ ପ୍ରତି ଅସାଧାରଣ ଅବଦାନକୁ ବିଶ୍ୱସ୍ତରୀୟ ସ୍ୱୀକୃତି ଦେଇଛି । ସେ ତାଙ୍କର ପୌରାଣିକ କଥା, ମହାକାବ୍ୟ, ପ୍ରବଚନ ଓ ଲୋକଗୀତକୁ ସଂଗ୍ରହ କରି ପିଢ଼ିରୁ ପିଢ଼ିକୁ ଚାଲି ଆସୁଥିବା ମୌଖିକ ପରମ୍ପରାକୁ ବିଲୁପ୍ତରୁ ରକ୍ଷା କରିଛନ୍ତି । ଏବେ ଛତିଶଗଡ଼, ରାୟପୁରରେ ରହୁଥିବା ଛତିଶଗଡ଼ ସରକାରରେ ଆଦିବାସୀ ଉନ୍ନୟନ ଉପରେ କାମ କରୁଛନ୍ତି । ଓଡ଼ିଶାର ଗଣଶିକ୍ଷା ବିଭାଗରେ ବି ସେ କିଛି ବର୍ଷ କାମ କରିଛନ୍ତି ।

**ଗୀତଗୋବିନ୍ଦ ଖଣ୍ଡୁଆପାଟର ବିନ୍ଧାଣୀ ଶରତ** : ମହାପ୍ରଭୁଙ୍କ ନୀତିରୀତିକାନ୍ତି ଓ ମହାର୍ଘ ବେଶ ପରିପାଟୀ ଭିତରେ ଗୀତଗୋବିନ୍ଦ ଖଣ୍ଡୁଆ ପାଟର ଅପୂର୍ବ ଆକର୍ଷଣ ରହିଛି । ହସ୍ତତନ୍ତ ପାଇଁ ପ୍ରସିଦ୍ଧ ତିଗିରିଆ ବ୍ଲକ ଅନ୍ତର୍ଗତ ନୂଆପାଟଣା ଗ୍ରାମର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବୁଣାକାର ଶରତ କୁମାର ପାତ୍ରଙ୍କୁ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ବୟନ ସହ ବୟନ କାର୍ଯ୍ୟରେ ଉଲ୍ଲେଖଯୋଗ୍ୟ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାର ପାଇଁ ମନୋନୀତ କରାଯାଇଛି । ସୂଚନାଥାଉକି ଶ୍ରୀ ପାତ୍ରଙ୍କ ପରିବାର ପକ୍ଷରୁ ପୁରୁଷାନୁକ୍ରମେ ପୁରୀ ଶ୍ରୀମନ୍ଦିରକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଭିନ୍ନ ଅଙ୍ଗବସ୍ତ୍ର ସହ ଗୀତଗୋବିନ୍ଦ ଖଣ୍ଡୁଆ ପାଟ ଯୋଗାଇ ଆସୁଛନ୍ତି । ଶରତଙ୍କ ବାପା ସୁନାମଧନ୍ୟ ବୁଣାକାର ସ୍ୱର୍ଗତ ଗୋପାଳ ପାତ୍ରଙ୍କ ସମେତ ତାଙ୍କ ଜେଜେବାପା, ଜେଜେଙ୍କ ବାପା ଏହି କାର୍ଯ୍ୟ ସମ୍ପାଦନ କରି ଆସୁଥିଲେ। ଶରତ ୭/୮ ବର୍ଷ ବୟସରୁ ଏହି ବୟନ କାର୍ଯ୍ୟ ଆରମ୍ଭ କରିଥିଲେ । ଦଶାବତାର ଗୀତଗୋବିନ୍ଦ ବୟନ କାର୍ଯ୍ୟ ପାଇଁ ଶତର ଓ ତାଙ୍କ ବଡ଼ଭାଇ ସୁରେନ୍ଦ୍ର କୁମାର ପାତ୍ରଙ୍କୁ ଯୁଗ୍ମ ଭାବେ ୧୯୯୩ ମସିହାରେ ଜାତୀୟ ପୁରସ୍କାର ଓ ବୁଦ୍ଧଦେବଙ୍କ ଜୀବନଚକ୍ର ବୟନ ପାଇଁ ୨୦୧୫ ମସିହାରେ ଶରତଙ୍କୁ ସନ୍ଥ କବୀର ପୁରସ୍କାର ପ୍ରଦାନ କରାଯାଇଥିଲା । ଶରତ ବର୍ତ୍ତମାନ ସମୟରେ ମୁଖ୍ୟତଃ ଗବେଷଣାଭିକ ବୟନ କାର୍ଯ୍ୟରେ ଲିପ୍ତ ରହିଛନ୍ତି । ବୟନରେ ରାସାୟନିକ ରଙ୍ଗ ବଦଳରେ ପ୍ରାକୃତିକ ରଙ୍ଗର ବହୁଳ ବ୍ୟବହାର ଓ ନୂତନ ଢ଼ାଞ୍ଚାରେ ବୟନ କାର୍ଯ୍ୟ ସମ୍ପାଦିତ କରିବା ନେଇ ସେ ଗବେଷଣା କରୁଛନ୍ତି । ଏଥି ସହିତ ସେ ଉପେନ୍ଦ୍ର ଭଞ୍ଜଙ୍କ ବିଭିନ୍ନ କାବ୍ୟ, ହନୁମାନ ଚାଳିଶା, କାଳିଦାସଙ୍କ ମେଘଦୂତ କାବ୍ୟ, ସନ୍ଥ କବି ଭୀମଭୋଇଙ୍କ ପାଦ ବନ୍ଦନା, ଅମ୍ବିକା ବିଳାସ କାବ୍ୟରେ ଥିବା ବାହାଘର ବର୍ଣ୍ଣନା ଉପରେ ଲେଖା ଓ ଚିତ୍ର, କବିଚନ୍ଦ୍ର କାଳିଚରଣ ପଟ୍ଟନାୟକଙ୍କ ବସନ୍ତ ବର୍ଣ୍ଣନା ଉପରେ ଲେଖା, ଗଙ୍ଗାଧର ମେହେରଙ୍କ ତପସ୍ୱିନୀ କାବ୍ୟର ବର୍ଷା ଋତୁର ବର୍ଣ୍ଣନା, ମହାବୀର ଜୈନଙ୍କ ଜୀବନୀ, ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧଙ୍କ ଜୀବନୀ ସମେତ ବିଭିନ୍ନ ପ୍ରାକୃତିକ ଚିତ୍ର କପଡ଼ା ଉପରେ ଦର ଭାବେ ନିଜର ନିପୁଣ ବୟନ କଳା ମାଧମରେ ପ୍ରଦର୍ଶିତ କରି ଉଚ୍ଚ ପ୍ରଶଂସିତ ହୋଇଛନ୍ତି ।

**ଆଦିବାସୀଙ୍କ ପାଇଁ ସମର୍ପିତ ସେବକ ଚରଣ** : ଓଡ଼ିଶାର ପ୍ରାଚୀନତମ ଜନଜାତି ଆଦିବାସୀ ମାନଙ୍କ ଜ୍ଞାନ ବିଜ୍ଞାନ ଓ ବିକାଶ ପାଇଁ ବର୍ଷ ବର୍ଷ ଧରି ଲେଖନୀ ମୁନରେ ସମୃଦ୍ଧ କରୁଥିବା ଆଦିବାସୀ ଜନଜାତି ସାହିତ୍ୟ ସ୍ରଷ୍ଟା ଚରଣ ହେମ୍ବ୍ରମ ଚଳିତ ବର୍ଷ ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି। ଆଦିବାସୀ ପିଲାଙ୍କ ପାଇଁ ଶିକ୍ଷା ନିମିତ୍ତ ଏକାଧିକ ଶିକ୍ଷାନୁଷ୍ଠାନ ଗଢ଼ିଥିବା ଚରଣ ବାବୁଙ୍କ ଶାନ୍ତ ସରଳ, ନିରାଡ଼ମ୍ବର ଓ ପ୍ରଫୁଲ୍ଲିତ ଜୀବନ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କ ପାଇଁ ପ୍ରେରଣା । ୧୯୫୨ ମସିହାରେ ଚରଣ ହେମ୍ବ୍ରମ ଜନ୍ମ ଗ୍ରହଣ କରିଥିଲେ। ତାଙ୍କ ବାପା ହେଉଛନ୍ତି ଶାଙ୍ଖ ହେମ୍ବ୍ରମ ଓ ମାଆ କାର୍ମୀ ହେମ୍ବ୍ରମ । ଶ୍ରୀ ହେମ୍ବ୍ରମଙ୍କ ପତ୍ନୀ ଶୁକୁରମଣି ହେମ୍ବ୍ରମ୍ ସହ ଚାରି ପୁଅ ସଞ୍ଜୀବ କୁମାର ମାଝୀ, ଲକ୍ଷ୍ମଣ କୁମାର ମାଝୀ, ପ୍ରଶାନ୍ତ କୁମାର ମାଝୀ, କାଞ୍ଚନ କୁମାର ହେମ୍ବ୍ରମ ଏବଂ ଝିଅ କାମିନୀ ମାଝୀ ଅଛନ୍ତି। ଅଲଚିକି ଭାଷାର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଶ୍ରୀ ହେମ୍ବ୍ରମ୍ ୩୦ ବର୍ଷ ହେଲା ଆଦିବାସୀ ସମ୍ପ୍ରଦାୟର ବିକାଶ ପାଇଁ ଲେଖନୀ ଚାଳନା କରୁଛନ୍ତି । ବିଶେଷକରି ଭାଷା, ଗୀତ, ନୃତ୍ୟ, ପରମ୍ପରା ଆଦିର ସୁରକ୍ଷା ଦିଗରେ ଉଦ୍ୟମ ଜାରି ରଖିଛନ୍ତି । ଏ ଯାଏଁ ହେମ୍ବ୍ରମ ସାନ୍ତାଳୀ ଓ ଓଡ଼ିଆ ଭାଷାରେ ମୋଟ ଆଠଟି ପୁସ୍ତକ ରଚନା କରିଛନ୍ତି । ଯେଉଁଥିପାଇଁ ତାଙ୍କୁ ଅନେକ ଜିଲ୍ଲା, ରାଜ୍ୟ ଓ ଜାତୀୟସ୍ତରୀୟ ପୁରସ୍କାର ମିଳିଛି ।

ଦେଶ ତଥା ଆମ ମହାନ ଓଡ଼ିଶା ମାଟିକୁ ସମୃଦ୍ଧ ଓ ଗୌରବାନ୍ୱିତ କରିବାରେ ଏହି ସାଧାରଣ ଗରିମାମୟ ନାଗରିକଙ୍କ ଅସାଧାରଣ କାର୍ଯ୍ୟକୁ ପଦ୍ମ ସମ୍ମାନ ସ୍ୱୀକୃତି ନିଶ୍ଚିନ୍ତ ଭାବରେ ଏକ ବଡ଼ ସମ୍ମାନ ଯାହାକି ଆଗାମୀ ପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ।

ମୋ. ୯୯୩୭୧୭୨୮୧୦

# ଚିରସ୍ମରଣୀୟ ଭକ୍ତକବି ମଧୁସୂଦନ

■ ରାମ ନାରାୟଣ ମିଶ୍ର ■

**ଏ**ପରି ଜଣେ ଦିବ୍ୟ ପୁରୁଷ, ଯିଏ ଉଭୟ ଜୀବ ଓ ଜଡରେ ଈଶ୍ୱରଙ୍କ ସତ୍ତା ଉପଲବ୍ଧି କରୁଥିଲେ, ଭାଷାରେ ପ୍ରକାଶ କରୁଥିଲେ ଏବଂ କଥା କଥାରେ ତାଙ୍କ ଚରଣାରବିନ୍ଦରେ ନିଜକୁ ସମର୍ପଣ କରୁଥିଲେ । ସେଥିପାଇଁ ତ ସେ ହୋଇ ପାରିଲେ ଭକ୍ତକବି ।

୧୭୫୧ରୁ ୧୮୦୩- ଏଇ ସମୟରେ ଓଡିଶାରେ ନାଗପୁରର ଭୋଂସଲା ବଂଶୀୟ ମହାରାଷ୍ଟ୍ରୀୟମାନେ ଶାସନ କରୁଥିଲେ । ସେଇ ୧୮୦୩ ମସିହାରେ ଇଂରେଜମାନେ ଓଡିଶା ଦଖଲ କଲାପରେ ଅଧିକାଂଶ ମହାରାଷ୍ଟ୍ରୀୟ ସ୍ୱଦେଶକୁ ଫେରି ଯାଇଥିଲେ । କେତେକ ଧର୍ମୀୟ ମରହଟ୍ଟା ପରିବାର ଓଡିଶାର ଇଷ୍ଟ ପ୍ରଭୁ ଜଗନ୍ନାଥଙ୍କୁ ନିଜର ଇଷ୍ଟଭାବ ନେଇ ତାଙ୍କ ଶରଣରେ ରହିବା ନିମନ୍ତେ ଓଡ଼ିଶାରେ ଘରଦ୍ୱାର, ସମ୍ପତ୍ତିବାଡି କରି ରହି ଯାଇଥିଲେ । ସେମାନଙ୍କ ମଧ୍ୟରେ ଗୋଟିଏ ପରିବାର ଥିଲା ଭାଗୀରଥି ରାଓଙ୍କର । ପୁରୀ ସହରର ପଥୁରିଆ ସାହିରେ ବାସକରି ସସ୍ତ୍ରୀକ ପ୍ରତିଦିନ ଶ୍ରୀମନ୍ଦିରରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନକରି ନିଜକୁ ଧନ୍ୟ ମନେ କରୁଥିଲେ । ସେଇ କରୁଣାମୟଙ୍କ କରୁଣାରୁ ଭାଗୀରଥି ଓ ପତ୍ନୀ ଅମ୍ବିକାଦେବୀ ପବିତ୍ର ଶ୍ରୀପଞ୍ଚମୀ ତିଥି, ମାଆ ସରସ୍ୱତୀଙ୍କ ପାର୍ବଣ ଅବସରରେ ଗୋଟିଏ ପୁତ୍ର ସନ୍ତାନ ଲାଭ କରିଥିଲେ । ଦିନଟି ଥିଲା ୧୮୫୩ ମସିହା ଜାନୁଆରୀ ୨୯ ତାରିଖ । ସେଇ ଶାରଦାପୁତ୍ର ହେଉଛନ୍ତି ଆମର ଭକ୍ତକବି ମଧୁସୂଦନ ।

ମଧୁସୂଦନ ପୁରୀ ସହରର ଗୋଟିଏ ଅବଧାନ ଚାଟଶାଳୀରେ ବାଲ୍ୟଶିକ୍ଷା ଶେଷକଲା ବେଳକୁ ସରକାରୀ ଚାକିରିଆ ବାପାଙ୍କର ଭୁବନେଶ୍ୱର ବଦଳି ହୋଇ ଯିବାରୁ ବାପା ଗୋଟିଏ ଭର୍ଣ୍ଣାକୁଲାର ସ୍କୁଲରେ ତାଙ୍କର ନାଁ ଲେଖାଇଦେଲେ । ସେଠାରେ ପଢା ଶେଷ ହେଲାବେଳକୁ ପୁଣି ତାଙ୍କୁ ପୁରୀ ଜିଲ୍ଲା ସ୍କୁଲରେ ପଢିବାକୁ ହୋଇଥିଲା । ତୁଳସୀ ଦୁଇ ପତ୍ରରୁ ବାସିଲା ପରି ଏଇ ଛାତ୍ରାବସ୍ଥାରୁ ମଧୁସୂଦନଙ୍କର ପଢାପଢି ପ୍ରତି ଗଭୀର ଆସକ୍ତି, ବିଚକ୍ଷଣ ବୁଦ୍ଧି, ସରଳ ଅମାୟିକ ବ୍ୟବହାର ନିମନ୍ତେ ସେ ଉଭୟେ ଶିକ୍ଷକ ଓ ସହପାଠୀମାନଙ୍କ ଦ୍ୱାରା ବିଶେଷ ଭାବେ ଆଦୃତ ହେଉଥିଲେ । ଶିକ୍ଷକମାନେ କହୁଥିଲେ, ଏ ପିଲା ଅସାଧାରଣ, ଦିନେ ଉଚ୍ଚଶିକ୍ଷା ଲାଭକରି ଜ୍ଞାନର ଆଲୋକରେ ମାତୃଭୂମିର ମୁଖ ଉଜ୍ଜ୍ୱଳ କରିବ ।

ପୁରୀ ଜିଲ୍ଲା ସ୍କୁଲରେ ପଢିବା ସମୟରେ ସ୍କୁଲର ସ୍ୱନାମଧନ୍ୟ ଶିକ୍ଷକ ତଥା ଓଡିଶାର ଅନ୍ୟତମ ବରପୁତ୍ର କବିବର ରାଧାନାଥ ରାୟଙ୍କ ସହ ମଧୁସୂଦନଙ୍କର ପରିଚୟ ଘଟିଥିଲା । 'ଗୁଣ ଚିହ୍ନେ ଗୁଣିଆ' ପରି ରାଧାନାଥ ମଧୁସୂଦନଙ୍କର ଅନ୍ତର୍ନିହିତ ପ୍ରତିଭାର ସନ୍ଧାନ ପାଇ ତା'ର ପ୍ରକୃଷ୍ଟ ବିନିଯୋଗର ଉପାୟ ଖୋଜିଥିଲେ । 'କୁସୁମ ପରଶେ ପଟ ନିସ୍ତରେ' ପରି ମଧୁସୂଦନଙ୍କ ଅନ୍ତରରୁ କବି ପ୍ରତିଭାର ଉନ୍ମେଷ ଘଟିଥିଲା ଓ ରାଧାନାଥଙ୍କ ସହାୟତାରେ ସେ ଲେଖନୀ ଚାଳନା ଆରମ୍ଭ କରିଥିଲେ ।

ପ୍ରବେଶିକା ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେବାପରେ ମଧୁସୂଦନ ଏଫ ଏ ପଢିବାପାଇଁ କଟକ ଆସିଥିଲେ ଯେଉଁଠାରେ ତାଙ୍କ ଜୀବନରେ ତ୍ରିବେଣୀ ସଙ୍ଗମର ଅନୁଭବ ତାଙ୍କୁ ମିଳିଥିଲା । ରାଧାନାଥଙ୍କ ସହ ଦ୍ୱ ପ୍ୟାରୀମୋହନ ଆଚାର୍ଯ୍ୟଙ୍କର ସାନ୍ନିଧ ତାଙ୍କୁ ଗୋଟିଏ ନୂତନ ଦିଶାର ସୂଚନା ଦେଇଥିଲା, ସେ ବ୍ରାହ୍ମଧର୍ମରେ ନିଜକୁ ଦୀକ୍ଷିତ କରିଥିଲେ ଏବଂ ଭାଷା ପ୍ରୀତି, ଜାତିପ୍ରୀତିର ଶିଖା ତାଙ୍କ ହୃଦୟକୁ ଆଲୋକିତ କରିବାରେ ଲାଗିଲା । ଏଫଏ ପରେ ସୁଦୂର କଲିକତା ଯାଇ ବି ଏ ପଢିବାର ଇଛା ତାଙ୍କର ମଉଳି ଯାଇଥିଲା ଘରର ଆର୍ଥିକ ଦୂରାବସ୍ଥା ଆଉ ବାପାଙ୍କର ଏତେ ଦୂରକୁ ଛାଡିବାର ଅନିଛାଭାବକୁ ନେଇ । ତେବେ ଏଇଠାରୁ ତାଙ୍କ ଜୀବନରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଥିଲା । ସେ ଶିକ୍ଷକବୃତ୍ତିକୁ ଆପଣେଇ ସସ୍ତ୍ରୀକ ଜାଜପୁରରେ ହେଡ୍‌ମାଷ୍ଟ୍ର ଭାବେ ଚାକିରି ଆରମ୍ଭ କରିଥିଲେ । ପରେ ତାଙ୍କର ବାଲେଶ୍ୱର ଜିଲ୍ଲା ସ୍କୁଲକୁ ଦ୍ୱିତୀୟ ଶିକ୍ଷକ ଭାବେ ବଦଳି ହୋଇଥିଲା । ସେଠାରେ ମଣି କାଞ୍ଚନ ସଂଯୋଗ ପରି ସେ ବ୍ୟାସକବି ଫକୀର ମୋହନଙ୍କ ସାନ୍ନିଧ ଲାଭ କରିଥିଲେ । ରାଧାନାଥ ଓ ଫକୀରମୋହନଙ୍କ ସହ ନିବିଡତା ଲାଭରୁ ତାଙ୍କ କବିପ୍ରାଣର ସବୁ ଅକୁହା କଥା ଯେପରି କାଳି କଲମରେ ଝରି ପଡିଥିଲା ।

ଏମାନେ ସମସ୍ତେ ଥିଲେ ମାତୃଭାଷା ଓଡିଆ, ଉତ୍କଳ ଜନନୀ ଓ ମାଆ ସରସ୍ୱତୀଙ୍କର ସତ୍ୟନିଷ୍ଠ ଉପାସକ । ଫକୀରମୋହନ ଯେତେବେଳେ ଓଡିଆ ଭାଷାକୁ ମୃତ୍ୟୁ ଗହ୍ୱରରୁ ଟାଣିଆଣି ଗଳ୍ପ, ଉପନ୍ୟାସ, ପ୍ରବନ୍ଧ, ପୁରାଣ ପରି ବହୁବିଧ ରଚନା ଦ୍ୱାରା ପୃଷ୍ଟ କରିଥିଲେ, ରାଧାନାଥ ତାଙ୍କର କାବ୍ୟ କବିତା ଓ ଅଗଣିତ ଆଲେଖ୍ୟ ଦ୍ୱାରା ଉତ୍କଳ ସାରସ୍ୱତ ଭଣ୍ଡାରକୁ ରସାଣିତ କରିଦେଲେ ଏବଂ ଭକ୍ତକବି ତାଙ୍କର ବଳିଷ୍ଠ ଲେଖନୀ ଚାଳନାକରି ଶିଶୁ ସାହିତ୍ୟ ଠାରୁ ଆରମ୍ଭ କରି ଜୀବନଧର୍ମୀ ଅନେକ କବିତା, ରାଗ ସଙ୍ଗୀତ, ପ୍ରବନ୍ଧ ମାଧମରେ ଓଡିଆ ସାହିତ୍ୟକୁ ବଳିଷ୍ଠ କରିବା ସହ ପଡୋଶୀ ଭାଷା ସାହିତ୍ୟ ତୁଳନାରେ ଯଥେଷ୍ଟ ଉଚ୍ଚସ୍ଥାନରେ ପହୁଞ୍ଚାଇ ଥିଲେ ।

କୋମଳମତି ଶିଶୁମାନଙ୍କୁ ମାତୃଭାଷା ପ୍ରତି ଆକୃଷ୍ଟ କରିବା ସହ ଉତ୍କୃଷ୍ଟ ଶିକ୍ଷା ପ୍ରଦାନ ନିମନ୍ତେ ତାଙ୍କର ବୌଦ୍ଧିକ, ମନସ୍ତାତ୍ୱିକ ଓ ଧାର୍ମିକ ଚିନ୍ତାଧାରାରୁ ଆବିଷ୍କୃତ 'ବର୍ଣ୍ଣବୋଧ' ଓଡିଆ ଭାଷା ସମ୍ଭାରର ଏକ ଅନନ୍ୟ ସୃଷ୍ଟି ବୋଲି ଯେ କେହି ସ୍ୱୀକାର କରିବେ ।

ଶିକ୍ଷକତା ଓ ଶିକ୍ଷା ବିଭାଗର ଜଣେ ସଚ୍ଚୋଟ, ନିଷ୍ଠାପର ଓ କର୍ତ୍ତବ୍ୟନିଷ୍ଠ କର୍ମୀ ଭାବେ ମଧୁସୂଦନ ଓଡିଆ ଭାଷାର ବିକାଶ ନିମନ୍ତେ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ ଯାହା ପରବର୍ତ୍ତୀ ସମୟରେ ବେଶ୍ ଫଳପ୍ରଦ ହୋଇଥିଲା ।

ଭକ୍ତକବିଙ୍କର ବିଶାଳ ସାହିତ୍ୟ ସାମ୍ରାଜ୍ୟରେ ବିଚରଣ କରିବାକୁ ଶରୀରରେ ବଳ ଓ ମନରେ ଯଥେଷ୍ଟ ଧୌର୍ଯ୍ୟର ଆବଶ୍ୟକ ହୁଏ । କବିତା, ଗଳ୍ପ, ପ୍ରବନ୍ଧ, ରାଗ ସଙ୍ଗୀତ ଆଦି ଅନେକ ସଫଳ ଲେଖାର ଲେଖକ ଭକ୍ତକବି ମଧୁସୂଦନ ରାଓ । ସେ ଥିଲେ ଅନେକ ଓଡିଆ ରାଗ ସଙ୍ଗୀତର ରଚୟିତା ଓ ଉପାସକ ଯାହା ତାଙ୍କ ଲେଖାରୁ ପ୍ରତୀୟମାନ ହୁଏ । ତାଙ୍କର ନାଟକୀୟ ଢଙ୍ଗରେ ଅନୁଦିତ ଉତ୍ତର ରାମ ଚରିତ, ଛାନ୍ଦମାଳା, ବସନ୍ତ ଗାଥା, କୁସୁମାଳୀ, ଉତ୍କଳ ଗାଥା ପରି ପୁସ୍ତକମାନ ଦୁଷ୍ପ୍ରାପ୍ୟ ହେବା ପରେ ଏବେ ଏସବୁର ସଙ୍କଳନ ଗ୍ରନ୍ଥାବଳୀ ଆକାରରେ ପାଠକମାନଙ୍କ ପାଇଁ ଉପଲବ୍ଧ ।

ଶିକ୍ଷାରମ୍ଭରୁ ଶିକ୍ଷାଶେଷ ଯାଏ ପ୍ରତ୍ୟେକ ସୋପାନରେ ଭକ୍ତକବିଙ୍କ ଅନେକ ସୁମିଷ୍ଟ ଲେଖାର ସ୍ୱାଦ କେବଳ ମୁଁ କାହିଁକି, ପ୍ରତ୍ୟେକ ଓଡିଆ ଛାତ୍ର ଛାତ୍ରୀ ନିଶ୍ଚୟ ଆସ୍ୱାଦନ କରିଥିବେ ଓ ଏବେ ବି କରୁଛନ୍ତି । କବିଙ୍କର ଭକ୍ତି ରସାଣିତ ଶିଶୁ କବିତା 'କି ସୁନ୍ଦର ଆହା କି ଆନନ୍ଦମୟ..' ବିଦ୍ୟାଳୟ ମାନଙ୍କର ପ୍ରାର୍ଥନା ନିର୍ଘଣ୍ଟରେ ଗୁରିତ ହୋଇ ଉଠେ । କବିତା ଆକାଶ ପ୍ରତି, ପୃଥିବୀ ପ୍ରତି, ସୀତା ବନବାସ, ପଦ୍ମ, ନୀତି ରତ୍ନମାଳା, ଜୀବନ ଚିନ୍ତାର ପଂକ୍ତିମାନ ଏବେ ବି ମାନସ ପଟରେ ଦିକ୍ ଦିକ୍ କରେ ।

ଦୀର୍ଘ ଅଣଷଠୀ ବର୍ଷର କର୍ମମୟ ଜୀବନ ପରେ ଓଡ଼ିଶା ମାଟିର ଏହି ମହାନ୍ ସାରସ୍ୱତ ସାଧକ ତା.୨୮ ଡିସେମ୍ବର ୨୦୧୨ ମସିହାରେ ଇହଲୀଳା ସମ୍ବରଣ କରିଥିଲେ ।

*ଭୀମଟାଙ୍ଗି, ଭୁବନେଶ୍ୱର-୨*
*ମୋ- ୭୯୭୮୪୬୬୪୧୫*

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ଧର୍ମୀୟ ପର୍ଯ୍ୟଟନରେ ନେପାଳ



ଉଚ୍ଚ ପାହାଡ଼ ଏବଂ ଘନ ବଣଜଙ୍ଗଲ ପାଇଁ ବିଖ୍ୟାତ ନେପାଳ ଯେତିକି ସୁନ୍ଦର, ଧାର୍ମିକ ଆସ୍ଥା ଦୃଷ୍ଟିରୁ ସେତିକି ମହତ୍ତ୍ୱପୂର୍ଣ୍ଣ । ଏହାର ଦୁର୍ଗମ ପାହାଡ଼ର ଗୁମ୍ଫାମାନଙ୍କରେ ଯୁଗ ଯୁଗ ଧରି ଋଷିମୁନିମାନେ ତପସ୍ୟା କରୁଛନ୍ତି । ହିନ୍ଦୁ ଦେବଦେବୀଙ୍କ ଗାଥାରେ ନେପାଳର ବର୍ଣ୍ଣନା ରହିଛି । ନେପାଳ ସହ ଭାରତର ସାଂସ୍କୃତିକ ସମ୍ପର୍କ ଯେତିକି ମଜଭୁତ ସେତିକି ମଜଭୁତ ଏହାର ଧାର୍ମିକ ସମ୍ପର୍କ । ଆମର ସମସ୍ତ ପୌରାଣିକ ଗାଥା ସିଧାସଳଖ ହିମାଳୟ, ଏଭରେଷ୍ଟ ଏବଂ ନେପାଳ ସହ ଜଡିତ । ଅନେକ ପୁରାଣରେ ନେପାଳ ସମ୍ପର୍କରେ ବର୍ଣ୍ଣନା ରହିଛି । ରାମାୟଣ, ମହାଭାରତ, ପଦ୍ମପୁରାଣ ପରି ଲୋକପ୍ରିୟ ପୁରାଣରେ ନେପାଳ ବିଷୟରେ ଆଲୋଚନା କରାଯାଇଛି । ହିନ୍ଦୁ ଧର୍ମର ମହତ୍ତ୍ୱପୂର୍ଣ୍ଣ ତୀର୍ଥସ୍ଥଳ ମଧ୍ୟରୁ ଅନ୍ୟତମ ପଶୁପତିନାଥ ନେପାଳରେ ଅଛନ୍ତି, ଗୌତମ ବୁଦ୍ଧଙ୍କ ଜନ୍ମସ୍ଥଳୀ ଲୁମ୍ବିନୀକାନନ ମଧ୍ୟ ନେପାଳରେ ଅଛି । ତା'ହେଲେ ଆସନ୍ତୁ



**ଯେଉଁଠିକୁ ବୁଲିବାକୁ ଆସିଥିଲେ ଶିବ :** ନେପାଳ ରାଜଧାନୀ କାଠମାଣ୍ଡୁରେ ବାଗମତୀ ନଦୀତଟରେ ଥିବା ପଶୁପତିନାଥ ମନ୍ଦିର ଶିବଙ୍କ ପାଇଁ ସମର୍ପିତ । ଅଳ୍ପ କିଛି ମାସ ପୂର୍ବେ ଧର୍ମ ନିରପେକ୍ଷ ରାଷ୍ଟ୍ର ଘୋଷିତ ହେବା ପୂର୍ବରୁ ପଶୁପତିନାଥ ହିନ୍ଦୁ ରାଷ୍ଟ୍ର ନେପାଳର ରାଷ୍ଟ୍ରଦେବତା ଥିଲେ । ପାଗୋଡା ଶୈଳୀରେ ନିର୍ମିତ ତାଙ୍କର ଏହି ମନ୍ଦିର ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳୀ ମଧ୍ୟରେ ସାମିଲ । ଏହି ମନ୍ଦିରର ସ୍ଥାପନା କେବେ ହୋଇଥିଲା ଏ ସମ୍ପର୍କରେ କୌଣସି ଔପଚାରିକ ତଥ୍ୟ ନାହିଁ । କିମ୍ବଦନ୍ତୀ କୁହେ- ଭଗବାନ ଶିବଙ୍କ ପାଇଁ ସ୍ୱୟଂ ଭଗବାନ ବିଷ୍ଣୁ ଏହି ମନ୍ଦିର ସ୍ଥାପନା କରିଥିଲେ । ମୂଳ ମନ୍ଦିର ସମୟକ୍ରମେ ନଷ୍ଟ ହୋଇଗଲା । ଏବେ ଯେଉଁ ମନ୍ଦିର ଅଛି ତାହାର ନିର୍ମାଣ ସପ୍ତଦଶ ଶତାବ୍ଦୀରେ କରାଯାଇଥିଲା । ନେପାଳ ମାହାତ୍ମ୍ୟ ଏବଂ ହିମବତ୍‌ଖଣ୍ଡ ପୁରାଣ ଅନୁଯାୟୀ- ହିମାଳୟର ଗୋଟିଏ ସ୍ଥାନରେ ରହି ରହି ଶିବ ବିରକ୍ତ ହୋଇଗଲେ । ସେଥିପାଇଁ ସେ କିଛିଦିନ ଅନ୍ୟ କୌଣସି ସ୍ଥାନକୁ ଯିବାକୁ ଚାହିଁଲେ । ନୂଆ ସ୍ଥାନ ଖୋଜି ଖୋଜି ଶିବ ଏଠାରେ ପହଞ୍ଚିଲେ । ଏହି ସ୍ଥାନ ତାଙ୍କୁ ଖୁବ୍ ପସନ୍ଦ ହେଲା । ସେ ଏହିଠାରେ ଅଟକିଗଲେ ।

**ସୀତାଙ୍କ ଜନ୍ମ ସ୍ଥାନ :** ମର୍ଯ୍ୟାଦାପୁରୁଷ ଭଗବାନ ରାମଙ୍କ ଧର୍ମପତ୍ନୀ ସୀତାଙ୍କ ଜନ୍ମସ୍ଥଳ ଜନକପୁର ମଧ୍ୟ ନେପାଳରେ ରହିଛି । ସୀତାଙ୍କ ପିତା ରାଜା ଜନକଙ୍କ ରାଜଧାନୀ ଥିଲା ଏହା । ଏହି କାରଣରୁ ସୀତାଙ୍କୁ ଜାନକୀ କୁହାଯାଏ । ଏଠାରେ ଜାନକୀଙ୍କର ଏକ ସୁନ୍ଦର ମନ୍ଦିର ରହିଛି ।



ଟିକମ୍‌ଗଡ ବଂଶର ମହାରାଣୀ ବୃଷଭାନୁ ବିଂଶ ଶତାବ୍ଦୀର ଆରମ୍ଭରେ ଏହି ମନ୍ଦିର ନିର୍ମାଣ କରିଥିଲେ । ସେ ସମୟରେ ଏହି ମନ୍ଦିର ନିର୍ମାଣରେ ୯ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିଲା । ତେଣୁ ଏହାକୁ ନୌଲଖା ମନ୍ଦିର ମଧ୍ୟ କୁହାଯାଏ । ଏହା ପାଖରେ ଭଗବାନ ରାମଙ୍କର ଏକ ପୁରୁଣା ମନ୍ଦିର ରହିଛି । ପ୍ରତିଦିନ ହଜାର ହଜାର ଲୋକ ଏହି ମନ୍ଦିର ଦର୍ଶନରେ ଆସନ୍ତି । ସୀତା ନବମୀ ଏବଂ ସୀତା ବିବାହ ତିଥିରେ ଏଠାରେ ବଡ ଉତ୍ସବ ହୁଏ ।

**ଯେଉଁଠି ପଡ଼ିଥିଲା ଶିବ ଧନୁ :** ମହାରାଜା ଜନକ ନିଜ ଝିଅ ସୀତାଙ୍କ ବିବାହ ପାଇଁ ସ୍ୱୟମ୍ବର ଆୟୋଜନ କରିଥିଲେ । ଏହାର ସର୍ତ୍ତ ଥିଲା ଯେ ଯିଏ ଶିବଧନୁ ଭାଙ୍ଗିପାରିବ ସେହି ବ୍ୟକ୍ତି ସହ ରାଜକୁମାରୀଙ୍କର ବିବାହ ହେବ । ଏହି ସ୍ୱୟମ୍ବରରେ ବିଭିନ୍ନ ରାଜବଂଶର ରାଜକୁମାରମାନେ ଯୋଗ ଦେଇଥିଲେ । ରାମ ଏବଂ ଲକ୍ଷ୍ମଣ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ରାମ ଶିବଧନୁ ଉଠାଇ ଏଥିରେ ଗୁଣ ଦେବାବେଳେ ଏହାର ଗୋଟିଏ ଅଂଶ ଭାଙ୍ଗି ଦୂରରେ ପଡିଗଲା । ଯେଉଁଠାରେ ଧନୁର ଏହି ଭଙ୍ଗା ଅଂଶଟି ପଡିଥିଲା ସେହି ସ୍ଥାନକୁ କୁହାଯାଏ ଧନୁଷଧାମ । ଏହା ଜନକପୁର ଠାରୁ ପ୍ରାୟ ୨୦ କିଲୋମିଟର ଦୂରରେ ରହିଛି ।



**ଜଲେଶ୍ୱର ମହାଦେବ :** ପଦ୍ମପୁରାଣରେ ବର୍ଣ୍ଣନା ଥିବା ଜଲେଶ୍ୱର ମହାଦେବଙ୍କ ମନ୍ଦିର ରହିଛି ଜନକପୁର ଠାରୁ ୧୮ କିଲୋମିଟର ଦୂର ଜଲେଶ୍ୱର ସହରରେ । କିମ୍ବଦନ୍ତୀ କୁହେ ଜଗଦୀଶ ନାମକ ଜଣେ ସନ୍ନ୍ୟାସୀ ଧ୍ୟାନ-ତପସ୍ୟା ପାଇଁ ଏକ ନିରବ ସ୍ଥାନର ସନ୍ଧାନରେ ଏଠାରେ ପହଞ୍ଚିଥିଲେ । ସେ ଧ୍ୟାନରେ ବସିବା ସମୟରେ ଭଗବାନ ଶିବ ତାଙ୍କୁ କହିଲେ, ଏହି ସ୍ଥାନକୁ ଖୋଳ । ସନ୍ନ୍ୟାସୀ ଧ୍ୟାନରୁ ଉଠି ସେହି ସ୍ଥାନ ଖୋଳିବା ପରେ ସେଠାରୁ ବୃହତ ଆକାରର ଶିବଲିଙ୍ଗ ପାଇଥିଲେ । ସେଠାରେ ମନ୍ଦିର ନିର୍ମାଣ ହୋଇଥିଲା । ପ୍ରତିବର୍ଷ ରାମନବମୀ ଏବଂ ଭୀମପଞ୍ଚମୀରେ ଏଠାରେ ବଡ଼ ଧରଣର ଯଜ୍ଞ ଏବଂ ଉତ୍ସବର ଆୟୋଜନ କରାଯାଏ ।

**ଭଗବାନ ବୁଦ୍ଧଙ୍କ ଜନ୍ମଭୂମି :** ନେପାଳର ତରାଇ ଅଞ୍ଚଳରେ ଥିବା ଭୈରହବା ଉଭୟ ହିନ୍ଦୁ ଏବଂ ବୌଦ୍ଧ ଧର୍ମାବଲମ୍ବୀଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ଧାର୍ମିକ ସ୍ଥଳ । ଭୈରହବାର ସାକ୍ୟ କ୍ଷେତ୍ର ଭଗବାନ ବୁଦ୍ଧଙ୍କ ସହ ଜଡିତ । ଏଠାରେ ଥିବା ଲୁମ୍ବିନୀ ଉଦ୍ୟାନରେ ଗୌତମ ବୁଦ୍ଧ ଜନ୍ମଗ୍ରହଣ କରିଥିଲେ । ମହାରାଣୀ ମାୟାଦେବୀ ନିଜ ପିତ୍ରାଳୟକୁ ଯିବା ସମୟରେ ଏହି ସ୍ଥାନରେ ରାଜକୁମାର ସିଦ୍ଧାର୍ଥଙ୍କୁ ଜନ୍ମ ଦେଇଥିଲେ । ଖ୍ରୀଷ୍ଟପୂର୍ବ ୨୫୦ ମସିହାରେ ସମ୍ରାଟ ଅଶୋକ ନେପାଳ ଭ୍ରମଣରେ ଆସିବା ସମୟରେ ଏହି ସ୍ଥାନକୁ ଚିହ୍ନଟ କରି ଏଠାରେ ପୂଜା ନିମନ୍ତେ ମନ୍ଦିର ଏବଂ ସ୍ତମ୍ଭ ନିର୍ମାଣ କରାଇଥିଲେ । ଏହାପରେ ଭଗବାନ ବୁଦ୍ଧଙ୍କ ମା' ମାୟାଦେବୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏଠାରେ ଏକ ମନ୍ଦିର ନିର୍ମାଣ କରାଯାଇଥିଲା ।

ଏସବୁ କ୍ଷେତ୍ର ବ୍ୟତୀତ ନେପାଳରେ ଶକ୍ତିକ୍ଷେତ୍ର ମଧ୍ୟ ରହିଛି । ଏଠାରେ ପାର୍ବତୀଙ୍କ ହାତ ପଡିଥିଲା । ଏହା ବ୍ୟତୀତ ବିଖ୍ୟାତ କୁମାରୀ ମନ୍ଦିର, ସ୍ୱୟମ୍ଭୁନାଥ ମନ୍ଦିର ଇତ୍ୟାଦି ରହିଛି ନେପାଳରେ ।




---

# ଆହାରରେ ସଞ୍ଜମତା

**ବା**ର୍ଦ୍ଧକ୍ୟରେ ଖାଦ୍ୟ ପ୍ରତି ଟିକେ ଅଧିକ ଆସକ୍ତି ଆସିଯାଏ । ଯେଉଁ ସବୁ ଖାଦ୍ୟକୁ ଏ ବୟସରେ ବାରଣ କରାଯାଏ ଠିକ୍ ସେଇସବୁ ଖାଦ୍ୟ ଖାଇବାକୁ ମନବଳେ । ତେଣୁ ଜିଭର ଲାଳସାରେ ଟିକେ ଲଗାମ ଲଗାନ୍ତୁ ।

ଏବେ ପ୍ରତ୍ୟେକ ମଣିଷ ଖାଦ୍ୟକୁ ମଧ୍ୟ ଫ୍ୟାସନ୍ ପରିସରଭୁକ୍ତ କରିସାରିଲେଣି । ଖାଦ୍ୟକୁ ମଧ୍ୟ ଆମେ ଅନୁକରଣ କଲେଣି । ପାଶ୍ଚତ୍ୟ ଖାଦ୍ୟ ପ୍ରେମରେ ଏବେ ଆମେ ସମସ୍ତେ ପଡ଼ିଗଲେଣି । ଫାଷ୍ଟଫୁଡ୍, ଡ୍ରାଏଫୁଡ୍ ଓ ପ୍ୟାକେଟ୍‌ଫୁଡ୍ ଖାଇବାରେ ଆମେ ଖୁବ୍ ଅଭ୍ୟସ୍ତ ହୋଇ ପଡ଼ିଲେଣି ଏବେ । ଏହାଛଡ଼ା ଆମେ ସନ୍ତୁଳିତ ଖାଦ୍ୟ ମଧ୍ୟ ଖାଇନଥାଉ । ଯାହା ଖାଉ ତାହା ମଧ୍ୟ ଠିକ୍ ସମୟରେ ଖାଇ ନଥାଉ । ଏଇସବୁ କାରଣରୁ ଶରୀର ବେଳେ ବେଳେ ଅସୁସ୍ଥ ହୋଇପଡ଼େ । ଆମ ଶରୀର ଯାହା ଚାହେଁ, ଶରୀରକୁ ସୁସ୍ଥ ରଖିବାକୁ ଯେଉଁସବୁ ଉପାଦାନ ଆବଶ୍ୟକ କରେ ତାହା ଠିକ୍ ଭାବରେ ଏବଂ ଠିକ୍ ସମୟରେ ପାଇନଥାଏ । ବଦଳରେ ସିଏ ଯାହା ନଚାହେଁ ସେସବୁ ଅଧିକ ମାତ୍ରାରେ ପାଇଥାଏ ଆଉ ଏଥିପାଇଁ ବିଭିନ୍ନ ଶାରୀରିକ ସମସ୍ୟା ସୃଷ୍ଟି ହୋଇଥାଏ ।



ଆମେ ଭାବୁ କେବଳ ଭଲ ଭଲ ପୁଷ୍ଟିକର ଖାଦ୍ୟ ଖାଇଲେ ଶରୀର ସୁସ୍ଥ ରହିବ । ତାହା ସବୁବେଳେ ଠିକ୍ ନୁହେଁ । ପାଖରେ ପଇସା ଅଛି ବୋଲି ମାଛ, ମାଂସ ଆଉ କ୍ଷୀର, ଘିଅରେ ଭାସିଲେ ଯେ ଶରୀରକୁ ଅଧିକ ସୁସ୍ଥ ରଖିହେବ ଏ କଥା ଭୁଲ୍ । ବରଂ ଏହା ଶରୀରକୁ ଅଧିକ ସମସ୍ୟା ପହଞ୍ଚାଇଥାଏ ।

ଅସନ୍ତୁଳିତ ଖାଦ୍ୟ ଖାଇବା ଫଳରେ, ଖାଦ୍ୟ ରୁଚି ବଦଳିଯିବା ଦ୍ୱାରା ଆମେ ଆଜିକାଲି କେଉଁସବୁ ସମସ୍ୟାରେ ପଡୁଛେ ଆସନ୍ତୁ ଦେଖିବା-

ଦିନେ ଭାରତ ଭାରାକ୍ରାନ୍ତ ଥିଲା ବିଭିନ୍ନ ସଂକ୍ରାମକ ରୋଗରେ । ଏବେ କିନ୍ତୁ ଏ ସମସ୍ୟା କମିଲାବେଳକୁ ଅନେକ ବଡ଼ଧରଣର ଶାରୀରିକ ସମସ୍ୟା ଆସି ପହଞ୍ଚିଯାଇଛି ।

ଡାୟାବିଟିସ୍, ଉଚ୍ଚ ରକ୍ତଚାପ ଏବଂ ହୃଦରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବଢ଼ି ବଢ଼ି ଚାଲିଛି । ଏହାର ଏକମାତ୍ର କାରଣ ହେଲା ଅଧିକ ମୋଟା ହେବା । ଏସବୁ କାରଣରୁ ଭାରତର ଆର୍ଥିକ ମାନଦଣ୍ଡ ପରୋକ୍ଷରେ ନଷ୍ଟ ହେଉଛି । ଲଗାମଛଡ଼ା ଖାଦ୍ୟ ଗ୍ରହଣ ପାଇଁ ଏହା ହୋଇଥାଏ (ଅତ୍ୟଧିକ ମୋଟା ହେବା, ଶରୀରରେ ଚର୍ବି ଜମିବା ।)

- ଶରୀର ଓଜନ ଅତ୍ୟଧିକ ବଢ଼ିଲେ ଏହା ହୃଦରୋଗକୁ ଆମନ୍ତ୍ରଣ କରିଥାଏ ।
- **ରକ୍ତଚାପ :** ବିଶେଷଜ୍ଞମାନେ କହନ୍ତି, ସହରରେ ବାସ କରୁଥିବା ୮୦ ପ୍ରତିଶତ ଲୋକ ଖାଇବା ତେଲ ଅତ୍ୟଧିକ ପରିମାଣରେ ବ୍ୟବହାର କରିଥାନ୍ତି । ରକ୍ତଚାପର ଏହା ମଧ୍ୟ ଏକ ମୁଖ୍ୟ କାରଣ ।
- ଭାରତରେ ୭୦ ପ୍ରତିଶତ ମଧୁମେହ ରୋଗୀ ଅତ୍ୟଧିକ ମୋଟା । ସେମାନଙ୍କ ଓଜନ ୯୦ରୁ ୧୦୦ କିଗ୍ରା ପର୍ଯ୍ୟନ୍ତ ଏବଂ ତା'ଠାରୁ ମଧ୍ୟ ବେଶୀ ହୋଇଥାଏ । ମଧୁମେହ ରୋଗୀମାନେ କେବଳ ୬ ପ୍ରକାର ଖାଦ୍ୟ, ଯେଉଁଟା ସେମାନଙ୍କ ପାଇଁ ନିର୍ଦ୍ଧାରିତ ତାହା ହିଁ ଜୀବନସାରା ଖାଇବା ଉଚିତ୍ ।
- **ଆଥ୍ରାଇଟିସ୍** (ଆଣ୍ଠୁଗଣ୍ଠିବାତ ଏବଂ ଯକୃତ ସମସ୍ୟା)

ଅତ୍ୟଧିକ ମୋଟା ହେବା ଏବଂ ଓଜନ ବଢ଼ିବା ଫଳରେ ଏହିସବୁ ସମସ୍ୟା ଦେଖାଦେଇଥାଏ । ବିଭିନ୍ନ ପ୍ରକାର ଅଖାଦ୍ୟକୁ ହଜମ କରେଇବାକୁ ଯାଇ ଯକୃତ ହାଲିଆ ହୋଇପଡ଼େ ।

ଜୀବନକୁ ଆହୁରି ହାଲ୍‌କା ଏବଂ ସହଜ କରିବାକୁ ଯାଇ ଆମେ ଯେଉଁ ଉପକରଣ ସବୁ ବ୍ୟବହାର କରିଥାଉ ସେଇଥିପାଇଁ ବଢୁଥିବା ଓଜନ ହେଲା ପ୍ରାୟ ୮ କିଲୋ । ଗ୍ରାଇଣ୍ଡର, କୁକିଂରେଞ୍ଜ, ୱାସିଂ ମେସିନ୍, ଭ୍ୟାକୁମ୍ କ୍ଲିନ୍‌ର ବ୍ୟବହାର କରୁଥିବା ମହିଳାମାନେ ଏସବୁଠାରୁ ଦୂରେଇ ରହିଥିବା ମହିଳାମାନଙ୍କ ଠାରୁ ଅଧିକ ପୃଥୁଳ ଏବଂ ମଧୁମେହରେ ଅଧିକ ଆକ୍ରାନ୍ତ ହେଉଥିବାର ଏକ ସର୍ବେକ୍ଷଣରୁ ଜଣାଯାଏ । ଅତ୍ୟଧିକ ଟିଭି ଦେଖିବା, ଏସି କାର୍ ବ୍ୟବହାର କରୁଥିବା ଲୋକମାନଙ୍କ ଓଜନ ଆହୁରି ୪ କିଲୋ ଅଧିକ ହୋଇଥାଏ ।



## ଆପଣ କ'ଣ ଖାଉଛନ୍ତି ଜାଣନ୍ତି ?

**ରୋଡ଼ାମିନ୍ ବି :**
କେଉଁଥିରୁ ମିଳେ- ଗୋଲାପଜାମ୍, ଜେଲି, ପେଷ୍ଟ୍ରି ।
ଏହାର ଅସଲ ବ୍ୟବହାର- ଅଏଲ୍ ପେଣ୍ଟିଂ ଏବଂ ରଙ୍ଗକାରଖାନାରେ ବ୍ୟବହାର କରାଯାଏ ।
**ପରିଣତି-** ଯକୃତ, କିଡ୍‌ନି ଏବଂ ସ୍ନାୟୁରୋଗ ।

**ନାଇଟ୍ରାଇଟ୍ ଜେଗ୍ :**
କେଉଁଥିରୁ ମିଳେ- କଞ୍ଚା ମାଂସ, ମାଛ, ଚିଙ୍ଗୁଡ଼ି ମାଛ ।
ଏହାର ଅସଲ ବ୍ୟବହାର- ଟେକ୍ସଟାଇଲ୍ ମିଲ୍ ଏବଂ ରଙ୍ଗ କାରଖାନାରେ ଏ ରାସାୟନିକ ବ୍ୟବହୃତ ହୁଏ ।
**ପରିଣତି-** ପାକସ୍ଥଳୀରେ କ୍ୟାନସର ହୋଇପାରେ ।

**ମେଟାନିଲ୍ ୟେଲୋ :**
କେଉଁଥିରୁ ମିଳେ ଆମକୁ- ବିରିୟାନି, ବୁନ୍ଦିଆ, ଫଳରସ ।
ଏହାର ଅସଲ ବ୍ୟବହାର- ଟେକ୍ସଟାଇଲ୍ ଏବଂ ରଙ୍ଗ କାରଖାନାରେ ।
**ପରିଣତି-** ଯକୃତ ଏବଂ କିଡ୍‌ନି କ୍ୟାନସର ।



### ୪ ପ୍ରକାର ଖାଦ୍ୟ

**ଫଳ ଓ ପରିବା :** ପ୍ରତିଦିନ ଯଥେଷ୍ଟ ପରିମାଣର ତଟକା ଫଳ ଏବଂ ପନିପରିବା ଖା'ନ୍ତୁ ।
**ଶର୍କରା ଜାତୀୟ ଖାଦ୍ୟ :** ଭାତ, ରୁଟି, ମିଠା, ଆଳୁ, ପାଉଁରୁଟି (ବେଶୀ ଖା'ନ୍ତୁ)
**ଦୁଗ୍ଧଜାତ ଖାଦ୍ୟ :** ଛେନା, ଦହି (ଏଥିରେ ଅଳ୍ପ ଚର୍ବିଥାଏ କ୍ଷୀର ଅପେକ୍ଷା) ।
**ଆମୀଷ :** ସନ୍ତୁଳିତ ପରିମାଣର ଅଣ୍ଡା, ଚିକେନ୍ ମାଂସ, ମଟନ ଏବଂ ମାଛ । (ଅଳ୍ପ ପରିମାଣର ଖାଆନ୍ତୁ) ।

### ବର୍ଜନୀୟ ଖାଦ୍ୟ

- ପୋଡ଼ା ତେଲରେ ଛଣାଯାଇଥିବା ଖାଦ୍ୟ ଖାଇବା ଫଳରେ ଧମନୀର ପଥରୋଧ ହେବାର ସମ୍ଭାବନା ଅଧିକ ହୋଇଥାଏ । ଏଇ ସବୁ ଉଚ୍ଚ କ୍ୟାଲୋରିଯୁକ୍ତ ଖାଦ୍ୟ ବର୍ଜନ କରିବା ଉଚିତ୍ ।
- ଘିଅ ଏବଂ ତେଲରେ ଛଣାଯାଇଥିବା (ଡ୍ରାଏଫୁଡ୍) ଗୁଡ଼ିକରେ କୌଣସି ପୁଷ୍ଟିସାର ନଥାଏ । ୨୦୦ ଗ୍ରାମ ଏହିପରି ଖାଦ୍ୟରେ ୬୦୦ କ୍ୟାଲୋରି ମଧ୍ୟରୁ ୨୮୦ କେବଳ ଚର୍ବି ଜାତୀୟ ଦ୍ରବ୍ୟ ଥାଏ । ଏଗୁଡ଼ିକ ଧମନୀର ପଥକୁ ସଂକୁଚିତ କରିଥାଏ ।
- **ଗୋଲାପଜାମୁ :** ଏହି ମିଠାଟି ଭଲଭାବରେ ଛଣାଯାଇଥାଏ ଏବଂ ଶର୍କରାକୁ ଖୁବ୍ ଭଲ ଭାବରେ ଗ୍ରହଣ କରିଥାଏ । ଏହା ଶରୀର ପାଇଁ ଖୁବ୍ କ୍ଷତିକାରକ ଏହା ଶରୀରକୁ ଅଧିକ ୩୨୦ କ୍ୟାଲୋରି ଯୋଗାଇଥାଏ ।
- **ସିଙ୍ଗଡ଼ା :** ଘିଅ ଏବଂ ତେଲଛଣା ସିଙ୍ଗଡ଼ା ଆହୁରି କ୍ଷତି ପହଞ୍ଚାଇଥାଏ ଶରୀରକୁ । ଏଥିରେ ୪୦୦ କ୍ୟାଲୋରି ଥାଏ ।
- **ବର୍ଗର :** ମଇଦା ପ୍ରସ୍ତୁତ ଏ ଖାଦ୍ୟଟି ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଖୁବ୍ କ୍ଷତିକାରକ ।

---

**ଜୀବନରେ ନିଜର ସୁଖର ସଂସାର ସହିତ ସୁନ୍ଦର ଘରଟିଏର ସ୍ୱପ୍ନ ସମସ୍ତେ ଦେଖିଥା'ନ୍ତି । ଘରର ସ୍ୱପ୍ନ ପୂରଣ ହୋଇଗଲା ପରେ ମଧ୍ୟ ଆଉ କିଛି ଅସ୍ୱସ୍ତି ରହିଯାଏ । ବେଳେ ବେଳେ ନିଜର ସେ ଘରେ ସବୁ ବିଳାସବ୍ୟସନ ସତ୍ତ୍ୱେ ମଧ୍ୟ ସୁଖରେ କେମିତି ଟିକେ ନିଅଣ୍ଟ ଥିଲା ଭଳି ଲାଗେ । ଜୀବନର ଅସଲ ସୁଖକୁ ଆପଣ ସେ ଘରେ ପାଇବେ କେମିତି ?**

# କିଛି ବାସ୍ତୁ କିଛି ବାସ୍ତବତା




ଏବେ ସମସ୍ତେ ସହର ମୁହାଁ । ସହରର ସୁବିଧା ସୁଯୋଗ ଗାଁରେ ନାହିଁ । ପିଲାଙ୍କର ପାଠପଢ଼ା, ହାତପାଆନ୍ତାରେ ଡାକ୍ତର, ଏସବୁ ପାଇଁ ସମସ୍ତେ ଏବେ ଚାହୁଁଛନ୍ତି ସହରରେ ରହିବାକୁ । ସହରର କିଛି ଆକର୍ଷଣ ମଧ୍ୟ ରହିଛି । ଆଧୁନିକ ମଣିଷର ଏଇ ଇଚ୍ଛା ଏବଂ ସ୍ୱପ୍ନକୁ ଆଖିଆଗରେ ରଖି ଆରମ୍ଭ ହୋଇଛି ଆପାର୍ଟମେଣ୍ଟ ବେପାର । ଆପଣ ଖାଲି ସ୍ୱପ୍ନ ଦେଖନ୍ତୁ, ତା'କୁ ସାକାର କରିବାର ଦାୟିତ୍ୱ ବିଲ୍‌ଡର୍‌ମାନଙ୍କର । ଏବେ ସହର ବଢୁଛି ଉପର ଆଡ଼କୁ । ସହରର ଛାତି ଉପରେ ମିଳିଯାଉଛି ଆପଣଙ୍କ ସ୍ୱପ୍ନର ଝୁଲନ୍ତା ଘର ।



ବେଳେ ବେଳେ ଦେଖିବେ ଆପଣଙ୍କ ଘରର ସବୁ ସ୍ୱପ୍ନ ସାକାର ହୋଇଯିବା ପରେ ମଧ୍ୟ ଘରେ ସୁଖ ନାହିଁ, ଆନନ୍ଦ ନାହିଁ । ଧନସମ୍ପତ୍ତି ସବୁ ଥାଇ ବି କେମିତି ଗୋଟେ ନିଅଣ୍ଟିଆ ଭାବ, ସବୁଥିରେ ବିଫଳତା, ହତାଶା, ଦେହ ଅସୁସ୍ଥ, ମନରେ ଫୁର୍ତ୍ତି ନାହିଁ । ଏତିକିବେଳେ ଯଦି କେହି ବାସ୍ତୁଶାସ୍ତ୍ରବିତ୍ ଆସିଯା'ନ୍ତି କଥା ସରିଗଲା । ସିଏ ବଖାଣି ବସନ୍ତି ଘରର ବିଭିନ୍ନ ବାସ୍ତୁଦୋଷ, ଗୋଟାକ ପରେ ଗୋଟେ । ସେତେବେଳକୁ ସବୁ ସରିଥାଏ । ଖାଲି ମନସ୍ତାପ ଛଡ଼ା ଆଉ କିଛି କରିବାର ନଥାଏ । କିଛି କିଛି ଏପଟସେପଟ କରି ହୁଏ, କିନ୍ତୁ ସଠିକ୍ ଭାବେ କ'ଣ ସଜାଡ଼ି ହୁଏ ସବୁ ?

କିନ୍ତୁ ଗୋଟେକଥା ମନେରଖନ୍ତୁ, ବାସ୍ତୁଶାସ୍ତ୍ରର ସବୁତକ ନିୟମକୁ ମାନି ନିର୍ମାଣ କରାଯାଇଥିବା ଘରେ କ'ଣ ଅଶାନ୍ତି, ଅସନ୍ତୋଷ, ରୋଗ, ବ୍ୟାଧି ଇତ୍ୟାଦି ନଥାଏ ? ଏସବୁ ତ ଅବଶ୍ୟମ୍ଭାବୀ । ତେଣୁ ପ୍ରଥମେ ମନଖୁସିରେ ବଞ୍ଚିବାକୁ ଶିଖନ୍ତୁ । ଆମର ଯାହା ଅଛି ଯଥେଷ୍ଟ ଅଛି, ଆମେ ଯେମିତି ଅଛୁ ଭଲରେ ଅଛୁ, ଏଇଥିରେ ଖୁସି ହେଲେ ସବୁ ଅବସାଦ ଦୂର ହୋଇଯିବ । ସବୁଠାରୁ ବଡ଼ କଥା ହେଲା ମନୋବୃତ୍ତି, ଆପଣଙ୍କ ଦୃଷ୍ଟିଭଙ୍ଗୀ ବା ଭାବନା । ଆପଣ ଯଦି ନିଜ ଦୃଷ୍ଟିଭଙ୍ଗୀକୁ ବଦଳାଇ ଦେଇ ପାରିବେ ସବୁ ସମସ୍ୟାର ସମାଧାନ ହୋଇଯିବ । ଘରର ଶାନ୍ତି, ସେ ଘରେ ବାସକରୁଥିବା ସଦସ୍ୟଙ୍କ ଦୃଷ୍ଟିଭଙ୍ଗୀ ଉପରେ ନିର୍ଭର କରେ । ତା'ମାନେ ନୁହେଁ ଯେ ଆମେ ବାସ୍ତୁଶାସ୍ତ୍ରକୁ ଗୁରୁତ୍ୱ ଦେବାନି ।

ଭାରତୀୟ ପ୍ରତିଟି ଶାସ୍ତ୍ର ପଛରେ କିଛି ବିଜ୍ଞାନସମ୍ମତ କାରଣ ରହିଛି । ବାସ୍ତୁଶାସ୍ତ୍ର ମଧ୍ୟ ଏକ ପୁରାତନ ବିଜ୍ଞାନ । ବୈଦିକ ଯୁଗରୁ ଏହା ମଣିଷର ସୁଖ-ସ୍ୱାଚ୍ଛନ୍ଦ୍ୟ ପାଇଁ ସବୁବେଳେ ମୁଣ୍ଡଖେଳେଇ ଆସିଛି । ଆପଣଙ୍କର ଯଦି ବାସ୍ତୁଶାସ୍ତ୍ର ପ୍ରତି କୌଣସି ଦୁର୍ବଳତା ନାହିଁ, ତା'ହେଲେ ଆପଣ ଏହାର ବୈଜ୍ଞାନିକ ଯୁକ୍ତିକୁ ଟିକେ ଅନୁଧ୍ୟାନ କରନ୍ତୁ !

ସୁସ୍ଥ ଭାବରେ ବଞ୍ଚିବା ପାଇଁ ପ୍ରଥମେ ଦର୍କାର ପ୍ରଚୁର ଅମ୍ଳଜାନ, ତେଣୁ ଆପଣଙ୍କ ଘର ଭିତରକୁ ଯେମିତି ବିଶୁଦ୍ଧ ବାୟୁ ଠିକ୍‌ସେ ଆସିପାରେ ଏବଂ ବାହାରି ଯାଇପାରେ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ । ଦ୍ୱିତୀୟତଃ, ଆଲୋକ ମଧ୍ୟ ସୁସ୍ଥ ମଣିଷ ପାଇଁ ଖୁବ୍ ଜରୁରୀ । ପର୍ଯ୍ୟାପ୍ତ ପରିମାଣର ସୂର୍ଯ୍ୟକିରଣ ଘର ଭିତରେ ପଡ଼ିଲେ ଘରଟି ଆଲୋକିତ ହେବା ସଂଗେ ସଂଗେ ବିଭିନ୍ନ ପ୍ରକାର କୀଟପତଙ୍ଗ ମରିଯାଆନ୍ତି । ଅନ୍ଧାରିଆ ଘରେ ରହିଲେ ମାନସିକ ଅବସାଦ ବଢ଼େ ! ପର୍ଯ୍ୟାପ୍ତ ପରିମାଣରେ ବାୟୁ ଚଳାଚଳ କରୁଥିବା ଏବଂ ଆଲୋକ ଆସୁଥିବା ଘରେ ରହିଲେ ମନରେ ଫୁର୍ତ୍ତି ଆସେ । ସୂର୍ଯ୍ୟକିରଣ ମଣିଷକୁ ଶକ୍ତି ଯୋଗାଏ । ତେଣୁ ବିଜ୍ଞାନସମ୍ମତ କାରଣରୁ ଘରର ମୁହଁ ପୂର୍ବକୁ କରାଯିବାର ବ୍ୟବସ୍ଥା କରାଯାଇଛି । ଆଉ ଗୋଟେ ସବୁଠୁ ବଡ଼ କଥା ହେଲା, ଆପଣଙ୍କ ଘରର ଦୂଷିତ ଅଦରକାରୀ ପାଣିର ଉପଯୁକ୍ତ ନିଷ୍କାସନ । ଘର ଚାରିପଟେ କିମ୍ବା ଘର ଭିତରେ ପାଣି ଜମି ରହିଲେ ପରିବେଶ ପ୍ରଦୂଷିତ ହେବା ସଂଗେ ସଂଗେ ମଶାମାଛିମାନେ ବଂଶବୃଦ୍ଧି କରିଥା'ନ୍ତି । ଘରର ଅବସ୍ଥିତି ଏମିତି କରନ୍ତୁ, ଯେପରି ଘରର ଅଦରକାରୀ ପାଣି ଖୁବ୍ ଭଲଭାବେ ବାହାରକୁ ଚାଲିଯାଇପାରିବ ।



## କିଞ୍ଚିତ୍ ବାସ୍ତୁ

- ଆପଣ ଗୃହ ନିର୍ମାଣ କରିବାକୁ ଯାଉଥିବା ଜାଗାଟି ବର୍ଗାକାର କିମ୍ବା ଆୟତାକାର ହେଲେ ଖୁବ୍ ଭଲ ।
- ଜାଗାଟି ପୂର୍ବ କିମ୍ବା ଉତ୍ତରମୁହାଁହେବା ବାଞ୍ଛନୀୟ ।
- କୂଅ, ବୋର୍‌ୱେଲ୍, ପାଣିସମ୍ପ ଉତ୍ତର- ପୂର୍ବ କୋଣରେ ଅର୍ଥାତ୍ ଐଶାନ୍ୟ କୋଣରେ ରହିବା ଜରୁରୀ ।
- ଘରକୁ ଆପଣଙ୍କ ଜାଗାର ଏମିତି ସ୍ଥାନରେ କରନ୍ତୁ, ଯେମିତି କି ପୂର୍ବ ଏବଂ ଉତ୍ତରପଟେ ଅଧିକ ଖାଲିସ୍ଥାନ ରହେ ।
- ଘର ଚାରିପଟେ ଥିବା ପାଚେରିର ଉଚ୍ଚତା ଦକ୍ଷିଣ ଏବଂ ପଶ୍ଚିମ ପଟେ ଅଧିକ ହେଲେ ଭଲ । ଏହାର ମୋଟେଇ ଅନ୍ୟ ଦୁଇପଟର ପାଚେରି ଠାରୁ ଅଧିକ ହେଲେ ଆହୁରି ଭଲ । କାରଣ ସବୁପ୍ରକାର ପ୍ରାକୃତିକ ଝଡ଼ତୋଫାନ ଦକ୍ଷିଣ ଏବଂ ପଶ୍ଚିମପଟୁ ହିଁ ଆସିଥାଏ ।
- ଦକ୍ଷିଣ ଏବଂ ପଶ୍ଚିମପଟ ଭୂମିର ଉଚ୍ଚତା ମଧ୍ୟ ଉତ୍ତର ଏବଂ ପୂର୍ବପଟ ଠାରୁ ଉଚ୍ଚ ହେବା ଉଚିତ୍ ।
- ଛାତ ଉପରେ ଥିବା ପାଣିଟାଙ୍କି ପଶ୍ଚିମପଟ କାନ୍ଥ ଉପରେ ଦକ୍ଷିଣ ଆଡ଼କୁ ମାଡ଼ି ରହିଲେ ଖୁବ୍ ଭଲ ।
- ଗୃହିଣୀମାନେ ପୂର୍ବକୁ ମୁହଁକରି ରୋଷେଇ କରିବା ଉଚିତ୍ । କାରଣ ସୂର୍ଯ୍ୟଙ୍କଠାରୁ ସବୁପ୍ରକାର ଶକ୍ତି ମିଳିଥାଏ । ସୂର୍ଯ୍ୟଙ୍କ ଆଡ଼କୁ ପଛକରି କୌଣସି ଗଠନମୂଳକ କାମ କରିବା ଉଚିତ୍ ନୁହେଁ ।
- ମୁଖ୍ୟ ଶୟନକକ୍ଷ ଦକ୍ଷିଣ-ପଶ୍ଚିମପଟେ ଅର୍ଥାତ୍ ନୈରୁତ କୋଣରେ ହେଲେ ଖୁବ୍ ଭଲ ।
- ଅତିଥିଙ୍କ ଘର ଉତ୍ତର-ପୂର୍ବରେ ହେଲେ ଘରେ ଶାନ୍ତି ରକ୍ଷାହୁଏ ଏବଂ ଅତିଥିଙ୍କ ସହିତ ଉତ୍ତମ ସମ୍ପର୍କ ସ୍ଥାପିତ ହୁଏ ।
- ପିଲାଙ୍କ କୋଠରି ଉତ୍ତର-ପୂର୍ବ ପଟେ ରଖନ୍ତୁ ।
- ପୂଜାଘର ଐଶାନ୍ୟ କୋଣରେ କରିବାକୁ ଭୁଲନ୍ତୁ ନାହିଁ ।
- ଅନ୍ୟାନ୍ୟ ବଖରାଗୁଡ଼ିକ ଏବଂ ଡାଇନିଂ ପାଇଁ ବ୍ୟବହୃତ ସ୍ଥାନ ରୋଷେଇ ଘର ପାଖାପାଖି ରହିବା ଉଚିତ୍ ।
- ରୋଷେଇ ଘର ଅଗ୍ନିକୋଣରେ ନହୋଇପାରିଲେ ବାୟୁ କୋଣରେ କରାଯାଇପାରେ, ମାନେ ଉତ୍ତର-ପଶ୍ଚିମ କୋଣରେ ।
- ରୋଷେଇ ଘର ଦକ୍ଷିଣ-ପୂର୍ବ କୋଣ ଅର୍ଥାତ୍ ଅଗ୍ନି କୋଣରେ ହେବା ସବୁଠୁ ଭଲ ।
- ଗାଧୁଆଘର, ଶୌଚାଳୟ ଇତ୍ୟାଦି ବାୟୁ କୋଣରେ କରନ୍ତୁ । ପାଇଖାନା ଟାଙ୍କି ଆପଣଙ୍କ ଜାଗାର ବାୟୁ କୋଣରେ ହେବା ସବୁଠାରୁ ନିରାପଦ ।



# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୮ ଜାନୁଆରୀ ୨୦୨୬ । ବୁଧବାର


## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ବ୍ରହ୍ମପୁର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



୭୭ତମ ସାଧାରଣତନ୍ତ୍ର ଦିବସ ବ୍ରହ୍ମପୁର ସ୍ଥିତ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରିସରର ଷ୍ଟାଡିୟମ୍ ଠାରେ ଦକ୍ଷିଣାଞ୍ଚଳ ରାଜସ୍ୱ ଆୟୁକ୍ତ ସଂଗ୍ରାମ କେଶରୀ ମହାପାତ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ମିଳିତ ପ୍ୟାରେଡ୍‌ର ଅଭିବାଦନ ଗ୍ରହଣ କରି ସମବେତ ଜନତାଙ୍କୁ ଉଦବୋଧନ ପ୍ରଦାନ କରିଥିଲେ।

ଗଣତନ୍ତ୍ର ଓ ସମ୍ବିଧାନର ସୁରକ୍ଷା ଆମ ସମସ୍ତଙ୍କର ଦାୟିତ୍ୱ। ସ୍ୱାଧୀନତା ପରେ ସବୁଠାରୁ ବଡ଼ ଆହ୍ୱାନ ଥିଲା ଦେଶରେ ଏକ ଗଣତାନ୍ତ୍ରିକ ପଦ୍ଧତିରେ ଶାସନ ପ୍ରତିଷ୍ଠା କରିବା। ଏଥିପାଇଁ ଦେଶର ପ୍ରତ୍ୟେକ ଅଞ୍ଚଳରୁ ନିର୍ବାଚିତ ହୋଇଥିବା ପ୍ରତିନିଧିମାନେ ଭୀମ ରାଓ ଆମ୍ବେଦକରଙ୍କ ନେତୃତ୍ୱରେ ବିଶ୍ୱର ସର୍ବବୃହତ ଲିଖିତ ସମ୍ବିଧାନ ଦେଶକୁ ଅର୍ପଣ କରିଥିଲେ। ଏହି ସମ୍ବିଧାନ ହେଉଛି ଆମ ଦେଶର ମୂଳପିଣ୍ଡ। ଜାତି, ଧର୍ମ, ବର୍ଣ୍ଣ ଓ ଲିଙ୍ଗ ନିର୍ବିଶେଷରେ ଏହା ନାଗରିକମାନଙ୍କୁ ସମାନ ଅଧିକାର ପ୍ରଦାନ କରିଛି। ସରକାରଙ୍କ ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ଯୋଜନା ଓ ଡିଜିଟାଲ ବିପ୍ଳବ ଯୋଗୁଁ ଯୁବ ଶକ୍ତିର କଳ୍ପନା ଓ ସରକାରୀ ସହଯୋଗ ଓଡ଼ିଶା ପାଇଁ ସୁଫଳ ଆଣିଦେବ ବୋଲି ନିଜ ବକ୍ତବ୍ୟରେ କହିଥିଲେ। ୨୦୩୬ ମସିହା ସୁଦ୍ଧା ଓଡ଼ିଶାକୁ ଏକ ବିକଶିତ ତଥା ସମୃଦ୍ଧ ରାଜ୍ୟ ଭାବରେ ଗଢି ତୋଳିବା। ଏଥିପାଇଁ ରାଜ୍ୟବାସୀ ଏହି ପରିକଳ୍ପନାର ଜଣେ ଜଣେ ହେବେ ବୋଲି କହିଥିଲେ। ଏହି ସମାରୋହରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଆରକ୍ଷୀ ଅଧିକ୍ଷକ ଶ୍ରବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପ୍ରମୁଖ ଉପସ୍ଥିତ ରହିଥିଲେ।

**କଳିଙ୍ଗନଗର:** କଳିଙ୍ଗନଗର ଶିଳ୍ପାଞ୍ଚଳରେ ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଭବ୍ୟ ଓ ଗର୍ବମୟ ପରିବେଶରେ ଉତ୍ସବ ପାଳିତ ହୋଇଛି। ସମଗ୍ର ଅଞ୍ଚଳ ତ୍ରିରଙ୍ଗାରେ ସଜିଉଠିଥିବାବେଳେ, ଦେଶପ୍ରେମ ଓ ଏକତାର ଆବେଗ ସବୁଠି ଦେଖାଯାଇଛି। ଦିଲ୍ଲୀର କର୍ତ୍ତବ୍ୟ ପଥରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ ସହିତ ଦେଶର ଶୌର୍ଯ୍ୟ, ସାମର୍ଥ୍ୟ ଓ ସଂସ୍କୃତିକ ଐତିହ୍ୟ ବିଶ୍ୱମଞ୍ଚରେ ପ୍ରଦର୍ଶିତ ହୋଇଥିଲା।

ଏହି ଦିନ ଗଣତନ୍ତ୍ର, ସମ୍ବିଧାନ ଓ ଲୋକତାନ୍ତ୍ରିକ ମୂଲ୍ୟବୋଧର ପ୍ରତୀକ ଭାବେ ସମଗ୍ର ଦେଶକୁ ଏକତ୍ର କରିଥାଏ। ଏହା ନାଗରିକମାନଙ୍କୁ ଦେଶସେବା ଓ ରାଷ୍ଟ୍ର ଗଠନରେ ଅବଦାନ ଦେବା ପାଇଁ ନୂତନ ପ୍ରେରଣା ଯୋଗାଇଥାଏ। କଳିଙ୍ଗନଗର ଅଞ୍ଚଳର ଶିକ୍ଷାନୁଷ୍ଠାନ, ଶିଳ୍ପ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ରାଜନୈତିକ ସଂଗଠନମାନଙ୍କ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଦାନଗଦି ବ୍ଲକ, ସୁକିନ୍ଦା ତହସିଲ, ବିଜେପି, କଂଗ୍ରେସ ଓ ବିଜେଡି ପାର୍ଟି କାର୍ଯ୍ୟାଳୟ ସହିତ ଶ୍ରମିକ ସଂଘମାନଙ୍କ ମଧ୍ୟରେ ଉତ୍ସାହପୂର୍ଣ୍ଣ ଭାବେ ଗଣତନ୍ତ୍ର ଦିବସ ପାଳିତ ହୋଇଥିଲା। ଏସ୍‌ଟି ଜାଭିଅର ଉଚ୍ଚବିଦ୍ୟାଳୟ, ଯଖପୁରା ଉଚ୍ଚ ବିଦ୍ୟାଳୟ, ମାନତିରା, ହରିପୁର ଓ ଟୋଲକାନି ମହାବିଦ୍ୟାଳୟ ସହିତ ବୁଦ୍ଧଦେବ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଜାତୀୟ ପତାକା ଉତ୍ତୋଳନ କରାଯାଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଓ ସମ୍ବିଧାନ ପ୍ରତି ସମ୍ମାନ ବଢ଼ାଇଥିଲା। ଭିସା ଷ୍ଟିଲ, ଟାଟା ଷ୍ଟିଲ ଲିମିଟେଡ୍,କେଜ ଇସ୍ପାତ ଲିମିଟେଡ୍ ଜିନ୍ଦଲ ଷ୍ଟିଲ, ଇମ୍ଫା, ଜଟିଆ ଷ୍ଟିଲ ଓ ଯାଜଧାନୀ ଷ୍ଟିଲ ପରି ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ଆଡମ୍ବରପୂର୍ଣ୍ଣ ଭାବେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସମଗ୍ର କଳିଙ୍ଗନଗର ଅଞ୍ଚଳ ଏହି ଜାତୀୟ ପର୍ବ ଅବସରରେ ଦେଶପ୍ରେମ, ଏକତା ଓ ଗର୍ବରେ ଝଲସୁଥିବା ଦୃଶ୍ୟ ଦେଖାଯାଇଥିଲା।

**ମାହାଙ୍ଗା:** ମାହାଙ୍ଗା ବ୍ଲକ ଅଞ୍ଚଳରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ପକ୍ଷରୁ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଜଳେଶ୍ୱରପୁର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟଠାରେ ସମାଜସେବୀ ସୁବାଷ ଜେନାଙ୍କ ଅଧ୍ୟକ୍ଷତାରେ ସରପଞ୍ଚ ସୁଜାତା ମଲିକ ପତାକା ଉତ୍ତୋଳନ କରିଥିବାବେଳେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ। ସେହିପରି ଶ୍ରୀକୃଷ୍ଣପୁର ପଞ୍ଚାୟତରେ ସରପଞ୍ଚ ରାଜେଶ କୁମାର ବଳ ପତାକା ଉତୋଳନ କରିଥିବାବେଳେ ବହୁ ପଞ୍ଚାୟତ ବାସୀ ଉପସ୍ଥିତ ଥିଲେ । ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ଧଉଳିଆରେ ପ୍ରାକ୍ତନ ଶିକ୍ଷକ ସୁକାନ୍ତ ବେହୁରାଙ୍କ ଅଧ୍ୟକ୍ଷତାରେ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ମନୋରମା ଦାସ ଯୋଗଦେଇ ପତାକା ଉତୋଳନ କରିଥିବାବେଳେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧରଣୀଧର ନାୟକ, ଭାରତୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ମେରୀପୁରରେ ପ୍ରଧାନଶିକ୍ଷକ ସୁବାଷ ଚନ୍ଦ୍ର ଦେହୁରୀଙ୍କ ଅଧ୍ୟକ୍ଷତାରେ ପୂର୍ବତନ ପରିଚାଳନା କମିଟି ସଭାପତି ବିକାଶ ରଞ୍ଜନ ସୁବୁଦ୍ଧି ପତାକା ଉତୋଳନ କରିଥିବାବେଳେ ଶିକ୍ଷୟିତ୍ରୀ କଳ୍ପନା ପରିଡା ଓ ପରିଚାଳନା କମିଟି ସଭାପତି ସୁଜିତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ସେହିପରି ସାମନ୍ତରାୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅୟେସକାନ୍ତ ସାମଲଙ୍କ ଅଧ୍ୟକ୍ଷତାରେ ପ୍ରଧାନଶିକ୍ଷକ ଦିବାକର ସଏ ପତାକା ଉତୋଳନ କରିଥିବାବେଳେ ଶିକ୍ଷକ ପରିକ୍ଷିତ ନାୟକଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

**ତିହିଡି/ଭଦ୍ରକ:** ଦେଶର ଏକତା, ଭାଇଚାରା, ଅଖଣ୍ଡତା ଓ ସମ୍ବିଧାନର ସୁରକ୍ଷା ଦାବି କରି ୭୭ତମ ସାଧାରଣତନ୍ତ୍ର ଦିବସ ପାଳନ ପରିପ୍ରେକ୍ଷୀରେ ଓଡିଶା କୃଷକ ସଭା ପକ୍ଷରୁ କାଁପଡା ଠାରେ ଆୟୋଜିତ ସାଧାରଣତନ୍ତ୍ର ଦିବସ ପାଳନ ସମାରୋହରେ ଓଡିଶା କୃଷକ ସଭା ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭା ଓଡିଶା କୃଷକ ସଭା ତିହିଡି ବ୍ଲକ ସଭାପତି ଭାଗବତ ସେନାପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ସଭାରେ ସଂଗଠନର ରାଜ୍ୟ ଯୁଗ୍ମ ସଂପାଦକ ବିକାଶ ନାଥ ଯୋଗଦେଇ କେନ୍ଦ୍ର ସରକାର ଗ୍ରହଣ କରୁଥିବା ସମ୍ବିଧାନ ବିରୋଧୀ କାର୍ଯ୍ୟକ୍ରମ ସଂପର୍କରେ ଆଲୋଚନା କରିବା ସହ ଭାରତର ନିର୍ବାଚନ କମିଶନରଙ୍କୁ ହାତବାରିସି କରି ଭାରତର ଗଣତନ୍ତ୍ରକୁ ଧ୍ୱଂସ କରିବାର ଚକ୍ରାନ୍ତ ବିରୋଧରେ ସାଧାରଣ ଚାଷୀ ମୂଲିଆ ଏକଜୁଟ ହୋଇ ଲଢେଇ କରିବାକୁ ଆହ୍ୱାନ ଜଣାଇଥିଲେ। ଭାରତର ଆଜାଦୀ ଆନ୍ଦୋଳନରେ ନେତୃତ୍ୱ ନେଇଥିବା ମହାନ କ୍ରାନ୍ତିକାରୀ ସହୀଦ ଭଗତ୍ ସିଂ, ସହୀଦ୍ ଶୁଖଦେବ, ସହୀଦ୍ ରାଜଗୁରୁ, ବିପ୍ଳବୀ ଚନ୍ଦ୍ରଶେଖର ଆଜାଦ୍, ବିପ୍ଳବୀ ଉଦ୍ଧାମ ସିଂହ, ନେତାଜୀ ସୁଭାଷଚନ୍ଦ୍ର ବୋଷ, ବିପ୍ଳବୀ ସୂର୍ଯ୍ୟସେନ୍, ବିପ୍ଳବୀ ବାଘାଜତିନ, ସମ୍ବିଧାନ ପ୍ରଣେତା ଡଃ ବାବା ସାହେବ ଆମ୍ବେଦକର, ଭାରତର ପ୍ରଥମ ରାଷ୍ଟ୍ରପତି ଡଃ ରାଜେନ୍ଦ୍ର ପ୍ରସାଦ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ, ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦ୍, ଝାନ୍ସୀରାଣୀ ଲକ୍ଷ୍ମୀ ବାଈ, ଉତ୍କଳମଣି ଗୋପବନ୍ଧୁ ଦାସ, ବିପ୍ଳବୀ ଏ କେ ଗୋପାଳନ, ବିପ୍ଳବୀ ବିଟି ରଣଦିବେ, ବିପ୍ଳବୀ ପ୍ରମୋଦ ଦାସଗୁପ୍ତା, ବିପ୍ଳବୀ ହରକିଶନ୍ ସିଂ ସୁରଜିତ୍, ବିପ୍ଳବୀ ଇଏମ୍ଏସ୍ ନମ୍ବୁଦ୍ରିପଦ, ବିପ୍ଳବୀ ପି ସୁନ୍ଦରାୟା, ବିପ୍ଳବୀ ପି ରାମମୂର୍ତ୍ତି, ବିପ୍ଳବୀ ଜ୍ୟୋତି ବସୁ, ବିପ୍ଳବୀ ଭଗବତୀ ଚରଣ ପାଣିଗ୍ରାହୀ, ବିପ୍ଳବୀ ଗଙ୍ଗାଧର ପାଇକରାୟ, ବିପ୍ଳବୀ ପ୍ରାଣନାଥ ପଟ୍ଟନାୟକ, ବିପ୍ଳବୀ ଅବନୀ ମୁଖାର୍ଜୀ, ବିପ୍ଳବୀ ରୋଜା ଫିଟିଂଅଫ୍, ବିପ୍ଳବୀ ହସରତ ମୋହାନି, ବିପ୍ଳବୀ ଏନ୍ ଟିପି ଆଚାର୍ଯ୍ୟା, ବିପ୍ଳବୀ ବାଜି ରାଉତ, ବିପ୍ଳବୀ ରଘୁ ଦିବାକରଙ୍କ ସମେତ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ, ଇରମ ଗୁଳିକାଣ୍ଡ, ସହୀଦନଗର ଗୁଳିକାଣ୍ଡ, ନୀଳଗିରି ଗଡଜାତ ମିଶ୍ରଣ ଆନ୍ଦୋଳନ, ରଣପୁର ପ୍ରଜା ଆନ୍ଦୋଳନ, ଢେଙ୍କାନାଳ ପ୍ରଜାଆନ୍ଦୋଳନ, ତେଭାଗା ଚାଷୀ ଆନ୍ଦୋଳନ, ଐତିହାସିକ ତେଲେଙ୍ଗାନା କୃଷକ ବିଦ୍ରୋହ, ମିରଟ ଷଡଯନ୍ତ୍ର ମାମଲା, କାନପୁର ଷଡଯନ୍ତ୍ର ମାମଲା, ପେଶୱାର ଷଡଯନ୍ତ୍ର ମାମଲା ଆଦି ସଂପର୍କରେ ଆଲୋଚନା କରିବା ସହ ଆମ ଦେଶରେ ବର୍ତ୍ତମାନ ବୃଦ୍ଧି ପାଉଥିବା ସାଂପ୍ରଦାୟିକ ଭିଡ ହିଂସା ଓ ଭିଡହତ୍ୟା ବଂଦ କରିବା ପାଇଁ ଏହି ସଭା ମାଧ୍ୟମରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଥିଲେ ।

**ନିମାପଡ଼ା:** ସମ୍ବିଧାନର ମୂଲ୍ୟବୋଧକୁ ଆଧାର କରି ଦେଶର ଶକ୍ତି, ସାମର୍ଥ୍ୟ, ସମ୍ମାନ ତଥା ଗର୍ବ, ଗୌରବ ଓ ସଂକଳ୍ପର ପ୍ରତୀକ ୭୭ତମ ସାଧାରଣତନ୍ତ୍ର ଦିବସ ଦେଶସାରା ମହାଆଡମ୍ବରରେ ପାଳିତ ହୋଇଥିବା ବେଳେ ନିମାପଡ଼ା ପ୍ରେସକ୍ଲବ ପକ୍ଷରୁ ଏହି ଉତ୍ସବକୁ ଆନନ୍ଦ ଉଲ୍ଲାସ ସହକାରେ ପାଳିତ ହୋଇଯାଇଛି। ସ୍ଥାନୀୟ ପୁରୁଣା ବସଷ୍ଟାଣ୍ଡ ନିକଟସ୍ଥ ପ୍ରେସକ୍ଲବର ନିଜସ୍ୱ ଯାଗାରେ ସକାଳ ୮ଟା ସମୟରେ ପ୍ରେସ କ୍ଲବର ସମସ୍ତ ସଭ୍ୟ ଏବଂ ସ୍ୱେଚ୍ଛାସେବୀ ସଂଗଠନ ଏଟିଏଚ୍ ଗ୍ରୁପର ସଦସ୍ୟମାନଙ୍କ ଉପସ୍ଥିତିରେ ସଭାପତି ଅକ୍ଷୟ କୁମାର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଜାତୀୟ ସଂଗୀତ ଗାନପରେ ଭାରତମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ସାରା ଅଞ୍ଚଳ ପ୍ରକମ୍ପିତ ହୋଇଥିଲା। ପ୍ରେସକ୍ଲବର ଉପଦେଷ୍ଟା ଶରତ କୁମାର ସେନାପତି, ସଂପାଦକ ରମାକାନ୍ତ ବେହେରା, ସହ ସଂପାଦକ ଅଶୋକ ବେହେରା, ସଂଗଠନ ସଂପାଦକ ସୁଦର୍ଶନ ବେହେରା, କୋଷାଧ୍ୟକ୍ଷ ପ୍ରଦ୍ୟୁମ୍ନ ବେହେରା, ସଭ୍ୟ ତପନ ପଣ୍ଡା, ଅରୁଣ ମହାପାତ୍ର, ଶାନ୍ତନୁ ମହାନ୍ତି, ନଳିନୀକାନ୍ତ ପରିଡ଼ା ଏବଂ ଏଟିଏଚ୍ ଗ୍ରୁପର ରଘୁନାଥ ପଣ୍ଡା, ସରିତା ମହାପାତ୍ର, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଏହି ମହାନ କାର୍ଯ୍ୟରେ ସାମିଲ ହୋଇଥିଲେ।



**ବୈଶିଙ୍ଗା:** ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭାରତର ୭୭ତମ ସାଧାରଣତନ୍ତ୍ର ଦିବସ ଅତ୍ୟନ୍ତ ଗର୍ବ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି ପବିତ୍ର ଅବସରରେ ଆମ ବିଦ୍ୟାଳୟର ମାନ୍ୟବର ଅଧ୍ୟକ୍ଷ ବୀରେନ୍ଦ୍ର କୁମାର ବେହେରା ମହୋଦୟ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ସଭାକୁ ସମ୍ବୋଧନ କରିଥିଲେ। ସେ ଗଣତନ୍ତ୍ରର ମୂଲ୍ୟ, ସଂବିଧାନର ମହତ୍ତ୍ୱ ଏବଂ ଦେଶପ୍ରେମର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣାଦାୟକ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ସହିତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ସମସ୍ତେ ମିଶି ଦେଶର ସଂବିଧାନକୁ ସମ୍ମାନ ଦେବା ଓ ଭାରତକୁ ଏକ ସଶକ୍ତ, ସଂଘଟିତ ରାଷ୍ଟ୍ର ଭାବେ ଗଢ଼ି ତୋଳିବାର ସଙ୍କଳ୍ପ ନେଇଥିଲେ।

**କଟକ:** ୭୭ତମ ଗଣତନ୍ତ୍ର ଦିବସ ୨୦୨୬ ର ଶୁଭ ଅବସରରେ, ସିଆରଆରଆଇ-କେନ୍ଦ୍ରୀୟ ଧାନ ଗବେଷଣା ଅନୁଷ୍ଠାନ (ସିଆରଆରଆଇ), କଟକ ଦେଶପ୍ରେମ, ମର୍ଯ୍ୟାଦା ଏବଂ ଜାତୀୟ ଗର୍ବର ଗଭୀର ଭାବନାରେ ପ୍ରତିଧ୍ୱନିତ ହୋଇଥିଲା। ଅନୁଷ୍ଠାନର ନିର୍ଦ୍ଦେଶକ ଡକ୍ଟର ଜିଏକେ. କୁମାର ପୂଜ୍ୟ ସ୍ୱାଧୀନତା ସଂଗ୍ରାମୀ ଏବଂ ଜାତୀୟ ନେତାମାନଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ, ଆନୁଷ୍ଠାନିକ ଭାବରେ ଜାତୀୟ ତ୍ରିରଙ୍ଗା ଉତ୍ତୋଳନ କରିଥିଲେ ଏବଂ ଏକ ପ୍ରେରଣାଦାୟକ ଭାଷଣ ଦେଇଥିଲେ, ପ୍ରତିଷ୍ଠାନର ଐତିହାସିକ ସଫଳତାଗୁଡ଼ିକୁ ଆଲୋକପାତ କରିବା ସହିତ ଗଣତନ୍ତ୍ର ଦିବସର ଗୌରବମୟ ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ। ସେ ବୈଜ୍ଞାନିକମାନଙ୍କୁ ପରିବର୍ତ୍ତିତ ଜଳବାୟୁ ପରିସ୍ଥିତିରେ ଉଦୀୟମାନ ଆହ୍ୱାନର ମୁକାବିଲା କରିବା ପାଇଁ ଜଳବାୟୁ-ପ୍ରତିରୋଧୀ ଧାନ କିସମ ବିକଶିତ କରି ଏବଂ ଚାଷୀ-କୈନ୍ଦ୍ରିକ ପ୍ରଯୁକ୍ତିବିଦ୍ୟାକୁ ଅଗ୍ରଣୀ କରି ସଂକଳ୍ପ ଏବଂ ନବସୃଜନ ସହିତ ଭବିଷ୍ୟତ କଳ୍ପନା କରିବାକୁ ଆହ୍ୱାନ କରିଥିଲେ। ଏହି ଅବସରକୁ ଅଧିକ ସମ୍ମାନ ଓ ସ୍ମୃତିମୟ କରିବା ପାଇଁ ଭାରତରେ ଧାନର ମାର୍କର-ଏସିଷ୍ଟେଡ୍ ପ୍ରଜନନର ପ୍ରବର୍ତ୍ତକ ଡା. ଶୈଳଜା ହିତଲମଣି ଏବଂ ଧାନର ଡବଲ୍ଡ ହାପ୍ଲଏଡ୍ ପ୍ରଜନନର ମୁଖ୍ୟ ଶିଳ୍ପୀ ଡା. ସଂଘମିତ୍ରା ସାମନ୍ତରାୟଙ୍କ ଫଟୋ ଫ୍ରେମଗୁଡ଼ିକୁ ସିଆରଆରଆଇ ସମ୍ମିଳନୀ ହଲ୍‌ରେ ସ୍ଥାପନ କରାଯାଇଥିଲା, ଯାହା ତାଙ୍କର ଧାନ ଗବେଷଣାକ୍ଷେତ୍ରରେ ଅସାଧାରଣ ଅବଦାନକୁ ସ୍ମରଣ କରେ। ସିଆରଆରଆଇର କର୍ମଚାରୀମାନେ ତାଙ୍କ ପରିବାର ସଦସ୍ୟମାନଙ୍କ ସହିତ ଏବଂ ସିଆରଆରଆଇ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କର ଆନନ୍ଦମୟ ଉପସ୍ଥିତି ଏହି ଉତ୍ସବକୁ ଅଧିକ ଉଜ୍ଜ୍ୱଳ, ସ୍ନିଗ୍ଧ ଓ ସ୍ମରଣୀୟ କରିଥିଲା।



**ପୁରୁଷୋତ୍ତମପୁର:** ପୁରୁଷୋତ୍ତମପୁର ଅଞ୍ଚଳରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ଏହି ଅବସରରେ ଏଏସଜେ ଅଦାଲତରେ ଆସିଷ୍ଟାଣ୍ଟ ସେସନ୍ ଜଜ୍ ଶରତ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ବିଚାରପତି ଅନନ୍ୟା ଅପରମିତା ଉପସ୍ଥିତ ଥିଲେ। ତାଲୁକା ଆଇନ ସେବା କମିଟି ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଚେତନତା ସାଇକେଲ ରାଲି କରିବା ସହ ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ କରିବା ପାଇଁ ଆହ୍ୱାନ ଦେଇଥିଲେ। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ପତାକା ଉତ୍ତୋଳନ କରିଥିବା ବେଳେ ବିଡିଓ ଶରତ କୁମାର ବେହେରାଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଏସଡିପିଓ କାର୍ଯ୍ୟାଳୟରେ ଏସଡିପିଓ ସୁଜିତ କୁମାର ନାୟକ, ଥାନାରେ ଥାନା ଅଧିକାରୀ ରାଜେଶ କୁମାର ନାୟକ, ପ୍ରେସ କ୍ଲବ ରେ ପୂର୍ବତନ ନଗରପାଳ ବାସୁଦେବ ମହାପାତ୍ର, ହିନ୍ଦୀ ପ୍ରଚାର ସଭାରେ ଏ ରାଜ ଗୋପାଳ ରାଓ ପତାକା ଉତ୍ତୋଳନ କରିଥିଲେ।

## ଗୁଟଖା ନିଷେଧ ଆଦେଶର ସଂଶୋଧନ

**ଜଗତସିଂହପୁର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଓଡିଶା ସରକାର ୨୧ ଜାନୁଆରୀ ୨୦୨୬ ତାରିଖରେ ଏକ ଗେଜେଟ୍ ବିଜ୍ଞପ୍ତି ମାଧ୍ୟମରେ ବିଦ୍ୟମାନ ଗୁଟଖା ନିଷେଧରେ ଏକ ସଂଶୋଧନ ଜାରି କରିଛନ୍ତି, ଯାହା ଜନସ୍ୱାସ୍ଥ୍ୟ ସୁରକ୍ଷା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଛି। ଏହି ବିଜ୍ଞପ୍ତି ଖାଦ୍ୟ ସୁରକ୍ଷା ଏବଂ ମାନକ ଆଇନ, ୨୦୦୬ ଅନ୍ତର୍ଗତ ବ୍ୟବସ୍ଥାଗୁଡ଼ିକୁ ସ୍ପଷ୍ଟ ଏବଂ ସୁଦୃଢ଼ କରିଥାଏ, ଗୁଟଖା ଏବଂ ତମାଖୁ ଅଥବା ନିକୋଟିନ୍ ଯୁକ୍ତ ସମସ୍ତ ଖାଦ୍ୟ ଉତ୍ପାଦର ଉତ୍ପାଦନ, ସଂରକ୍ଷଣ, ବଣ୍ଟନ, ବିକ୍ରୟ ଏବଂ ବ୍ୟବହାରକୁ ସ୍ପଷ୍ଟ ଭାବରେ ନିଷିଦ୍ଧ କରିଥାଏ। ୨୦୧୩ରେ କରାଯାଇଥିବା ପୂର୍ବ ନିଷେଧକୁ ଅତିକ୍ରମ କରି ପରିବର୍ତ୍ତିତ ଗୁଟଖା ନିଷେଧ ଅସ୍ପଷ୍ଟତା ଦୂର କରିବ, ଆଇନଗତ ସ୍ପଷ୍ଟତା ସୁନିଶ୍ଚିତ କରିବ ଏବଂ ସାରା ରାଜ୍ୟରେ ସମାନ କାର୍ଯ୍ୟକାରିତାକୁ ସକ୍ଷମ କରିବ। ଏହା ପୁନର୍ବାର ଉଲ୍ଲେଖ କରେ ଯେ ତମାଖୁ ଏବଂ ନିକୋଟିନ୍ କୌଣସି ଖାଦ୍ୟ ଉତ୍ପାଦରେ ଉପାଦାନ ଭାବରେ ବ୍ୟବହାର କରାଯାଇପାରିବ ନାହିଁ ଏବଂ ଉଲ୍ଲଂଘନ କଲେ ପ୍ରଯୁଜ୍ୟ ଆଇନ ଅନୁଯାୟୀ କଠୋର ଦଣ୍ଡନୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସଂଶୋଧିତ ଗୁଟଖା ନିଷେଧ ଆଦେଶରେ, ଓଡ଼ିଶା ରାଜ୍ୟରେ ତମାଖୁ କିମ୍ବା ନିକୋଟିନ ଥିବା ସମସ୍ତ ଖାଦ୍ୟ ଉତ୍ପାଦର ଉତ୍ପାଦନ, ପ୍ରକ୍ରିୟାକରଣ, ପ୍ୟାକେଜିଂ, ସଂରକ୍ଷଣ, ପରିବହନ, ବିକ୍ରୟ ନିଷେଧ। ଏହି ଆଦେଶ ସମସ୍ତ ଖାଦ୍ୟ ଉତ୍ପାଦ ପାଇଁ ବ୍ୟାପ୍ତ, ଯାହା ଗୁରଖା, ପାନ ମସଲା, ସ୍ୱାଦଯୁକ୍ତ କିମ୍ବା ସୁଗନ୍ଧିତ ଖାଦ୍ୟ ଉତ୍ପାଦ କିମ୍ବା ଯେକୌଣସି ନାମରେ ଚୋବାଇବା ଖାଦ୍ୟ ଉତ୍ପାଦ ନାମରେ ବ୍ୟାପ୍ତ।

ଏହି ବ୍ୟବସ୍ଥା ସମସ୍ତ ଖାଦ୍ୟ ଉତ୍ପାଦ ପାଇଁ ମଧ୍ୟ ବ୍ୟାପ୍ତ, ଯାହା ପ୍ୟାକେଜିଂ କିମ୍ବା ପ୍ୟାକେଜିଂ କରାଯାଇଥିବ ଏବଂ ଗୋଟିଏ କିମ୍ବା ପୃଥକ ଉତ୍ପାଦ ଭାବରେ ପ୍ୟାକେଜିଂ କରାଯାଇଥିବ ଯାହା ଏପରି ଭାବରେ ବିକ୍ରୟ କିମ୍ବା ବଣ୍ଟନ କରାଯାଇଥିବ ଯାହା ଦ୍ୱାରା ଗ୍ରାହକ ଏବଂ ତମାଖୁ କିମ୍ବା ନିକୋଟିନ ଥିବା ଅନ୍ୟ ଯେକୌଣସି ଖାଦ୍ୟ ଉତ୍ପାଦ ସହିତ ମିଶ୍ରଣ ସହଜ ହୋଇପାରିବ।

ସମସ୍ତ ପ୍ରବର୍ତ୍ତନ କର୍ତ୍ତୃପକ୍ଷଙ୍କୁ କଡ଼ା ଅନୁପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଦ୍ୱାରା ତମାଖୁ ନିୟନ୍ତ୍ରଣ, କର୍କଟ ରୋଗ ନିବାରଣ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସରକାରଙ୍କ ନିରନ୍ତର ପ୍ରୟାସକୁ ଅଧିକ ମଜବୁତ କରାଯିବ। ବିଶେଷକରି ଯୁବପିଢ଼ି ଏବଂ ଦୁର୍ବଳ ଜନସଂଖ୍ୟା ମଧ୍ୟରେ। ଏହି ଆଦେଶ ଦୃଢ଼ କରେ ଯେ ଖାଦ୍ୟ ସୁରକ୍ଷା ନିୟମାବଳୀ ଅନୁଯାୟୀ, କୌଣସି ଖାଦ୍ୟ ଉତ୍ପାଦରେ ତମାଖୁ ଏବଂ ନିକୋଟିନକୁ ଉପାଦାନ ଭାବରେ ଅନୁମତି ଦିଆଯାଇ ନାହିଁ। ଏହି ଆଦେଶର ଯେକୌଣସି ଉଲ୍ଲଂଘନ କଲେ କଠୋର ଦଣ୍ଡବିଧାନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, ଯେଉଁଥିରେ ଉତ୍ପାଦ ଜବତ, ଲାଇସେନ୍ସ ବାତିଲ ଏବଂ ପ୍ରଯୁଜ୍ୟ ଆଇନ ଅନୁଯାୟୀ ମାମଲା ରୁଜୁ କରାଯିବ।

ସମସ୍ତ ଜିଲ୍ଲା କଲେକ୍ଟର, ଖାଦ୍ୟ ସୁରକ୍ଷା ଅଧିକାରୀ, ପୋଲିସ କର୍ତ୍ତୃପକ୍ଷ ଏବଂ ଅନ୍ୟାନ୍ୟ ପ୍ରବର୍ତ୍ତନ ସଂସ୍ଥାଗୁଡ଼ିକୁ ପରିବର୍ତ୍ତିତ ଆଦେଶର କଠୋର ପାଳନ ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ନିଷିଦ୍ଧ ଉତ୍ପାଦଗୁଡ଼ିକର ବେଆଇନ ବିକ୍ରୟ ଏବଂ ପ୍ରସାରଣକୁ ରୋକିବା ପାଇଁ ସ୍ୱତନ୍ତ୍ର ଅଭିଯାନ କରାଯିବ।

ସରକାର ଜନସାଧାରଣ, ବ୍ୟବସାୟୀ ଏବଂ ବିକ୍ରେତାମାନଙ୍କୁ କର୍ତ୍ତୃପକ୍ଷଙ୍କ ସହିତ ପୂର୍ଣ୍ଣ ସହଯୋଗ କରିବାକୁ ଏବଂ ଜନସ୍ୱାସ୍ଥ୍ୟ, ବିଶେଷକରି ଯୁବପିଢ଼ି ଏବଂ ଦୁର୍ବଳ ଜନସଂଖ୍ୟାର ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ସାମୂହିକ ପ୍ରୟାସକୁ ସମର୍ଥନ କରିବାକୁ ନିବେଦନ କରନ୍ତି। ଏହି ପରିବର୍ତ୍ତନ ତମାଖୁ ନିୟନ୍ତ୍ରଣ, କର୍କଟ ରୋଗ ନିବାରଣ ଏବଂ ଏକ ସୁସ୍ଥ ସମାଜ ଗଠନ ପ୍ରତି ସରକାରଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ।

## ଆଇଆଇଟି ଖଡଗପୁର ପୂର୍ବତନ ଛାତ୍ର ସଂଘ ଓଡ଼ିଶା ଋପଟେରର ବାର୍ଷିକ ସମ୍ମିଳନୀ



**ଭୁବନେଶ୍ୱର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥାନ ଖଡ଼ଗପୁର ଆଲୁମିନି ଓଡ଼ିଶା ଋପଟେରର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସଂଘର ଅଧ୍ୟକ୍ଷ ତଥା ଆଇଆଇଟି ଖଡଗପୁରର ପୂର୍ବତନ ନିର୍ଦ୍ଦେଶକ ପ୍ର.ଦାମୋଦର ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଏକ ବୈଷୟିକ କର୍ମଶାଳା ଆୟୋଜିତ ହୋଇଥିଲା। ଏହି କର୍ମଶାଳାର ବିଷୟବସ୍ତୁ ଥିଲା 'ଓଡ଼ିଶାରେ ଖଣିଜ ପଦାର୍ଥର ମୂଲ୍ୟ ବୃଦ୍ଧି ହ୍ରାସ ପାଇଛି'। ଏହି କର୍ମଶାଳାର ସଂଯୋଜକ ଥିଲେ ଟିଆଇଆଇଟି-ଆଇଏସଏମର ପୂର୍ବତନ ବିଓଜି ଚ୍ୟାୟାରମ୍ୟାନ ପ୍ରଫେସର ଡ. ମିଶ୍ର, ଉଦ୍ଦିଷ୍ଟ ବକ୍ତାମାନେ ହେଲେ, ପ୍ରଫେସର ବିକେ ମିଶ୍ର, ପ୍ରଫେସର ବ୍ରହ୍ମା ଦେଓ, ଡ.ଆରକେ ପରାଙ୍ଗୁରୁ, ପ୍ରଫେସର ମହାନ୍ତି, ଡ.ୟୁଏନ ବେହେରା ଓ ଡ.ଏସକେ ବିଶ୍ୱାଳ. ଖଣି ପ୍ରାଚୁର୍ଯ୍ୟର ରାଜ୍ୟ ଓଡ଼ିଶାର ଖଣିଜ ସମ୍ପଦର କିପରି ସଦୁପଯୋଗ ହୋଇପାରିବ ଓ ଓଡ଼ିଶାର ଅର୍ଥନୈତିକ ମାନଦଣ୍ଡ ବୃଦ୍ଧିରେ ସହାୟକ ହୋଇପାରିବ ସେ ବିଷୟରେ ବକ୍ତାମାନେ ନିଜ ନିଜର ମତବ୍ୟକ୍ତ କରିଥିଲେ। ଦେଶର ପ୍ରଥମ ଆଇଆଇଟି ପ୍ରତିଷ୍ଠାର ୭୫ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି ସମ୍ମିଳନୀରେ ଆଇଆଇଟି ଖଡଗପୁରର ଅଭିବୃଦ୍ଧି ପାଇଁ ପୁରାତନ ଛାତ୍ରଛାତ୍ରୀମାନେ କିପରି ଆର୍ଥିକ ଓ ଟେକ୍ନିକାଲ୍ ସପୋର୍ଟ ପ୍ରଦାନ କରିପାରିବେ ସେ ବିଷୟରେ ପ୍ରତିଷ୍ଠାନର ଅଧ୍ୟକ୍ଷ, ପ୍ର.ଦାମୋଦର ଆଚାର୍ଯ୍ୟ, ପ୍ରାଞ୍ଜଳ ଭାବରେ ବ୍ୟାଖ୍ୟା କରିଥିଲେ।

କାର୍ଯ୍ୟକ୍ରମର ସଂଯୋଜକ ପ୍ର.ପ୍ରଭାତ କୁମାର ପାଢୀଙ୍କ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ପ୍ର.ସୁନିଲ ଷଡଙ୍ଗୀ, ପ୍ର. ପିକେଜେ ମହାପାତ୍ର, ପ୍ର.ନିତାଇ ସୁନ୍ଦର ଦାସ, ପ୍ର.ସଦାନନ୍ଦ ସାହୁ, ପ୍ର.ଏସଏନ ପଣ୍ଡା, ବିଜୟ ମିଶ୍ର, ଡ.ଆଦିତ୍ୟ ପରିଡା, ଡ.ସରୋଜ କୁଶିଙ୍ଗ, ସିଡିଆର ଯଦୁମଣି ଜେନା, ପ୍ର.ଲୋକନାଥ ପଣ୍ଡା, ପ୍ର.ଜିବି ନନ୍ଦ, ସୌମ୍ୟରଞ୍ଜନ ପଟ୍ଟନାୟକ, ସୁରେଶ ଖାଟୋଇ, ପ୍ର.କେସି ପାତ୍ର, ସିର୍ଦ୍ଧାଥ ଦାଶ, ପ୍ର.ଶରତ ପାଣିଗ୍ରାହୀ ଆଦି ଶହେରୁ ଊର୍ଦ୍ଧ୍ୱ ସଭ୍ୟ ଯୋଗଦେଇଥିଲେ। ସଭାଶେଷରେ ଉପସ୍ଥିତ ସଭ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଚାଷୀ ଓ କ୍ଷୁଦ୍ର ବିକ୍ରେତା ସମ୍ମିଳନୀ



**ଗୋପ,୨୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସମଗ୍ର ଓଡିଶାରେ ପଶୁ ଖାଦ୍ୟ ବିତରକ ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ସଂସ୍ଥାଟି ହେଉଛି ମିଲ୍କିୟାନା ପଶୁ ଆହାର କମ୍ପାନୀ। ପୁରୀ ଜିଲ୍ଲାର ଗୋପ ବ୍ଲକରେ ତାର ନୂତନ ଶାଖା ଉଦଘାଟନ ଅବସରରେ ଓଡିଶା ହେଡ୍ ଦେବବ୍ରତ ଦାସ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଘନଶ୍ୟାମ ବେହେରା ଏବଂ ଗୋପ ବ୍ଲକର ବିତରକ ରାଜେଶ କୁମାର ସେନାପତି ଉପସ୍ଥିତରେ ଆନୁଷ୍ଠାନିକ ଭାବେ ଗୋପ ବ୍ଲକ ଛକରେ ଉଦଘାଟିତ ହୋଇଯାଇଛି। ସେଥିପାଇଁ ଗୋପ ଅଞ୍ଚଳ ସମସ୍ତ ଦୁଗ୍ଧ ଚାଷୀ ଓ କ୍ଷୁଦ୍ର ବିକ୍ରେତାମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଥଲା। ଯୋଉଥିରେ ବହୁତ ସଂଖ୍ୟାରେ ଚାଷୀ ଯୋଗଦାନ କରିଥିଲେ। ଏଥିରେ ବିତରକମାନେ କିପରି ଭଲ ବ୍ୟବସାୟ କରିବା ଆଉ ଚାଷୀଙ୍କୁ କିପରି ଲାଭବାନ କରାଯାଇପାରିବ ସେଥିପାଇଁ ଆୟୋଜନ କରାଯାଇଥିଲା। ଏହାଦ୍ୱାରା ଚାଷୀମାନେ କିପରି ଅଧିକ ଦୁଗ୍ଧ ଉତ୍ପାଦନ କରିପାରିବେ ସେ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଏଥିଲା। ଟୁଲୁ ବେହେରା, ସନାତନ ସ୍ୱାଇଁ, ବଳରାମ ପରିଡା,ସମୀର ରଞ୍ଜନ ଗୁରୁ, ବିକାଶ ପ୍ରଧାନ, ଆଲୋକ ସ୍ୱାଇଁ, କିଶୋର ମହାପାତ୍ର, ରାଜା ଦିକ୍ଷୀତି, ବେଣୁଧର ସାହୁ, ପ୍ରକାଶ ଚନ୍ଦ୍ର ଜେନା, ପୁରୁଷତମ ସ୍ୱାଇଁ, ପ୍ରକାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ଯୋଗ ଦେଇଥିଲେ।

## ଅଙ୍ଗନବାଡି ପ୍ରିସ୍କୁଲ ପିଲାଙ୍କୁ ଚାଉଳ ଯୋଗାଣରେ ଅନିୟମିତତା

**ମୁଖୀଗୁଡା,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକର ଅଙ୍ଗନବାଡି କେନ୍ଦ୍ରମାନଙ୍କୁ ଚାଉଳ ଯୋଗାଣରେ ଅନିୟମିତତା କରାଯାଉଥିବା ଅଭିଯୋଗ ହେଉଛି। ବ୍ଲକରେ ଥିବା କେନ୍ଦ୍ରମାନଙ୍କରେ ଚଳିତ ୨୫-୨୬ ଅର୍ଥକ ବର୍ଷର ଥାର୍ଡ଼ କ୍ୱାଟର ଅର୍ଥାତ ଗତ ଅକ୍ଟୋବରରୁ କେନ୍ଦ୍ରମାନଙ୍କୁ ଚାଉଳ ଯୋଗାଣ ହୋଇନଥିବାରୁ ବ୍ଲକର ଅଧିକାଂଶ କେନ୍ଦ୍ରରେ ମାସ ମାସ ଧରି ଉଦ୍ଧାରରେ ଚାଉଳ ଆଣି ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବା ଅଭିଯୋଗ ହେଉଛି । ରେଙ୍ଗାଲପାଲି ପଞ୍ଚାୟତର ଏକ ଅଙ୍ଗନବାଡି କେନ୍ଦ୍ରରୁ ମିଳିଥିବା ସୂଚନାରୁ ଜଣାପଡେ ସେହି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୫୭ ପିଲା ରହିଛନ୍ତି ହେଲେ ଅକ୍ଟୋବର ମାସରୁ ଚାଉଳ ଯୋଗାଣ ହୋଇନଥିବାରୁ ପ୍ରାୟ ୪ କ୍ୟୁଣ୍ଟାଲ ଚାଉଳ ଉଧାର ଆଣି ଶିଶୁମାନଙ୍କୁ ରନ୍ଧା ଖାଦ୍ୟ ଦେଉଥିବା କହିଛନ୍ତି। ସେହିପରି ଅନେକ ସେଣ୍ଟରରେ ଚାଉଳ ନଥିବାରୁ ଉଦ୍ଧାରରେ ଚାଲିଥିଲେ ହେଁ କେହି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ଅନୁସାରେ ଜୟପାଟଣା ଆଇସିଡ଼ିଏସ ଅଧିନରେ ୨୨ଟି ଗ୍ରାମ ପଞ୍ଚାୟତରେ ୧୭୨ଟି ଅଙ୍ଗନବାଡି କେନ୍ଦ୍ରରେ ପ୍ରାୟ ୫୦୫୨ ପ୍ରିସ୍କୁଲ ପିଲା ରହିଛନ୍ତି। ପ୍ରତ୍ୟକ ତିନିମାସରେ ୩ ଶହ କ୍ୟୁଣ୍ଟାଲ ଚାଉଳ ଉଠାଣ ହୋଇ ଥାଏ। ହେଲେ ଅଙ୍ଗନବାଡି କେନ୍ଦ୍ରକୁ ପ୍ରତି ତିନିମାସର ଆଗୁଆ ଚାଉଳ ଯୋଗାଣ ହେବା ନିୟମ ରହିଛି ହେଲେ। ଅକ୍ଟୋବର ନଭେମ୍ବର ଡିସେମ୍ବର ମାସର ଚାଉଳ ଜାନୁଆରୀ ମାସ ଶେଷ ହେବାକୁ ଥିଲେ ହେଁ କେଉଁଥିପାଇଁ ଶିଶୁମାନଙ୍କ ଚାଉଳ କେନ୍ଦ୍ରମାନଙ୍କୁ ପହଞ୍ଚି ପାରିନି ନା ଚାଉଳ ଉଠାଣ ହୋଇ ବାଟ ମାରଣ ହୋଇଛି ତାହାର ତଦନ୍ତ ଜରୁରୀ ହୋଇ ପଡିଛି ଏ ସମ୍ପର୍କରେ ଜୟପାଟଣା ସିଡ଼ିପିଓଙ୍କୁ ପଚାରିବାରୁ ସେ ନୂଆରେ ଆସିଥିବା କହିଥିଲେ ଚାଉଳ ଯୋଗାଣ ନହେବା କଥା ସ୍ୱୀକାର କରିଥିବା ବେଳେ ଏବିଷୟରେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିବା କହିଥିଲେ।

## ଅନୁକୂଳ ଚନ୍ଦ୍ରଙ୍କ ଶୁଭ ଆଗମନୀ ଯାତ୍ରା

**ସାକ୍ଷୀଗୋପାଳ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ବ୍ଲକ ଛକ ନିକଟ ସତସଙ୍ଗ ବିହାର ପରିସରରେ ପରମ ପ୍ରେମମୟ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ଅଷ୍ଟଦଶ ସ୍ମୃତି ମହୋତ୍ସବ ଯାତ୍ରା ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ଘଣ୍ଟ, ଘଣ୍ଟା, ଶଙ୍ଖ, ସଂକୀର୍ତ୍ତନ, ହରିବୋଲ ହୁଳହୁଳି ମଧ୍ୟରେ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ରଥାରୂଢ଼ ଶ୍ରୀ ଠାକୁରଙ୍କ ବିଗ୍ରହକୁ ନଗର ପରିକ୍ରମା କରାଯାଇ ଥିଲା। ଏହି ଅବସରରେ ସତସଙ୍ଗ ବିହାରରେ ସତସଙ୍ଗ ଅନୁଷ୍ଠିତ ହୋଇଥିଲା। ଆୟୋଜିତ ଆଧାତ୍ମିକ ସଭାରେ ଭକ୍ତ ମାନେ ନିଜକୁ ଅଭିଷିକ୍ତ କରିବା ପାଇଁ ପରିବାର ପରିଜନଙ୍କ ସହିତ ଶାନ୍ତି ଓ ସ୍ୱସ୍ତି ସହ ପ୍ରଭୁଙ୍କ ଦିବ୍ୟ ଭାବାଦର୍ଶରେ ଅନୁପ୍ରାଣିତ ହେବାକୁ ଋତ୍ୱିକ ରାଧାଶ୍ୟାମ ମିଶ୍ର, ଗୋପୀନାଥ ତ୍ରିପାଠୀ, ନିରଞ୍ଜନ ବେହେରା, ଉଦୟନାଥ ମିଶ୍ର ସୁବ୍ରତ ଦାସ, ନଗେନ ମହାନ୍ତି, ସଞ୍ଜୟ କୁମାର ଆଚାର୍ଯ୍ୟ, ହରେକୃଷ୍ଣ ମହାନ୍ତି, କୃତ୍ତିବାସ ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଠାକୁରଙ୍କ ବାଣୀ ଆଜି ମଧ୍ୟ ଷଡବିଂଶ ଶତାବ୍ଦୀରେ ସମସ୍ତଙ୍କୁ ଅନୁପ୍ରାଣିତ କରୁଥିବା ବେଳେ ଭଲ ମଣିଷ ତିଆରି କରିବା ଲାଗି ଶ୍ରୀ ଶ୍ରୀ ଠାକୁରଙ୍କ ବାଣୀ ପ୍ରେରଣାଦାୟୀ ହୋଇ ରହିଛି ବୋଲି ଆଲୋକପାତ କରିଥିଲେ। ସତସଙ୍ଗ ସହ ଜଡ଼ିତ ହଜାର ହଜାର ଶ୍ରଦ୍ଧାଳୁମାନେ ଏହି ଉତ୍ସବରେ ସାମିଲ ହୋଇଥିଲେ। ସାକ୍ଷୀଗୋପାଳ ଆଗମନୀ ସ୍ମୃତି ମହୋତ୍ସବ କମିଟିର ସଭାପତି ପ୍ରହ୍ଲାଦ ଘଟୁଆରୀଙ୍କ ସହିତ ବଳଭଦ୍ର ମହାପାତ୍ର, ଭ୍ରମରବର ସ୍ୱାଇଁ, ନିରଞ୍ଜନ ମହାପାତ୍ର, ଶିଶିର କୁମାର ପରିଡା, ବିଜୟ କୁମାର ବିଶ୍ୱାଳ, ସୁରଞ୍ଜନ ମହାପାତ୍ର, ଶିଶିର କୁମାର ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ୫୦୦୦ ହଜାର ଭକ୍ତଙ୍କ ସମାଗମ ହୋଇଥିଲା।

## ମେଗା ସ୍ୱାସ୍ଥ୍ୟ ସେବା ଶିବିର

**କେନ୍ଦ୍ରାପଡ଼ା,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗୁଲନଗର ଛକସ୍ଥିତ ପୁପୁଲ ମେଡିସିନ ଷ୍ଟୋର ପକ୍ଷରୁ ଏକ ମେଗା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜଛକରେ ଥିବା ଅଇଆଇଏଫ୍ଏଲ ଫାଇନାନ୍ସ ଶାଖା, ବିପି ଲ୍ୟାବ୍ ଓ ପୁପୁଲ ମେଡିସିନ ଷ୍ଟୋରର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ମେଗା ସ୍ୱାସ୍ଥ୍ୟସେବା ଶିବିରରେ ରକ୍ତଚାପ, ରକ୍ତସର୍କରା, ଆଣ୍ଠୁଗଣ୍ଠି, ବାର୍ଦ୍ଧକ୍ୟଜନିତ ରୋଗ ସମେତ ବହୁ ପୁରାତନ ତଥା ଦୂରାରୋଗ୍ୟ ରେରୋଗୀମାନଙ୍କ ବିଭିନ୍ନ ପ୍ରକାର ରକ୍ତ, ମଳ, ମୁତ୍ର ପ୍ରଭୃତି ପରୀକ୍ଷା କରାଯାଇ ସେମାନଙ୍କୁ ବହୁମୂଲ୍ୟ ଉପାଦେୟ ପରାମର୍ଶ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଶତାଧିକ ରୋଗୀ ଯୋଗଦେଇ ସେମାନଙ୍କ ସ୍ୱାସ୍ଥ୍ୟ, ରକ୍ତ, ମଳ, ମୁତ୍ର ପ୍ରଭୃତି ପରୀକ୍ଷା କରିବା ସହ ଆବଶ୍ୟକ ପରାମର୍ଶ ଗ୍ରହଣ କରିଥିଲେ।

## ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ମାହାଙ୍ଗା,୨୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋତରା ପଞ୍ଚାୟତସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୋତରାର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବରେ ଉଦ୍‌ଘାଟକ ଭାବେ ଯୁବ ସମାଜସେବୀ ତଥା ସୂର୍ଣ୍ଣଗୁରୁ ଫାଉଣ୍ଡେସନର ଅଧ୍ୟକ୍ଷ ଆଶୁତୋଷ ପାତ୍ର ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋଜ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥିଭାବେ ନବ ପ୍ରଭାତ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ଇଂ ମାନଗୋବିନ୍ଦ ପଣ୍ଡା, ସମ୍ମାନିତ ଅତିଥିଭାବେ କାନାଡା ବ୍ୟାଙ୍କ ଶାଖା ପରିଚାଳକ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ପୂର୍ବତନ ପ୍ରଧାନଶିକ୍ଷକ ବସନ୍ତ କୁମାର ବେହେରା, ସରପଞ୍ଚ ସୂର୍ଯ୍ୟକାନ୍ତ ପଣ୍ଡା, ସିଆରସିସି ଭାଗବତ ବେହେରା, ଶିକ୍ଷକ ପ୍ରମୋଦ କୁମାର ବେହେରା, ପୁରାତନ ଛାତ୍ର ସଂସଦ ସଭାପତି ପ୍ରଦ୍ୟୁମ୍ନ ବାରିକ, ସାମ୍ବାଦିକ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ କ୍ରୀଡା ହେଉଛି ଶିକ୍ଷାର ଏକ ଅଙ୍ଗ । ତେଣୁ ପ୍ରତ୍ୟେକ ଛାତ୍ରଛାତ୍ରୀମାନେ କ୍ରୀଡାରେ ଭାଗ ନେବା ଉଚିତ । ଏହାଦ୍ୱାରା ପ୍ରତିଯୋଗୀମାନଙ୍କର ଅର୍ନ୍ତନିହିତ ଗୁଣାବଳୀର ପରିପ୍ରକାଶ ହୋଇଥାଏ ବୋଲି କହି ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିକ୍ଷକ ରାକେଶ ରଞ୍ଜନ ପଣ୍ଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ଜୟଶ୍ରୀ ବେହେରା ବିବରଣୀ ପାଠ କରିଥିବାବେଳେ ଶିକ୍ଷୟିତ୍ରୀ ମିନତୀ କୁମାରୀ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ମୋହନ ଚରଣ ସିଂହ, ମାଧବ ବେହେରା, ହରପ୍ରିୟା ମହତାବ, ଉର୍ମିଳା ମାଢେଇ, ରାଜକିଶୋର ଦାସଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧନା କରାଯାଇଥିବେଳେ ବାର୍ଷିକ କ୍ରୀଡା ପ୍ରତିଯୋଗିତାରେ ବରିଷ୍ଠ ବିଭାଗରେ ଆକାଶ କୁମାର ଦାସ ଓ ଶୁଭଲକ୍ଷ୍ମୀ ସାମଲ ଚମ୍ପିଆନ ହୋଇଥିବା ବେଳେ କନିଷ୍ଠ ବିଭାଗରେ ସାଇ ସେନାପତି ଓ ବିନୋଦା ଦାସ ଚମ୍ପିଆନ ଏବଂ ବିଦ୍ୟାଳୟର ଶ୍ରେଷ୍ଠ ଛାତ୍ର ଭାବେ ଅମ୍ରିତା ବେହେରାଙ୍କୁ ପ୍ରମାଣପତ୍ର ଓ ଟ୍ରଫି ଦିଆଯାଇ ପୁରସ୍କୃତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ କ୍ଷିପ୍ରମୟୀ ସାହୁ, ପଦାୟିନୀ ବାରିକ, ସୂର୍ଣ୍ଣମୟୀ ସାହୁଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସଂଗୀତ ଓ ନୃତ୍ୟ ପରବେଷଣ କରାଯାଇଥିଲା।

## ଓଷ୍ଟା ବ୍ଲକ୍ ସମ୍ପାଦକଙ୍କ ଦୁଇଦିନିଆ କର୍ମଶାଳା

**କଟକ,୨୭।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ଦ୍ୱାରା ଆହୂତ ହୋଇଥିବା ଦୁଇଦିନିଆ ବ୍ଲକ୍ ସମ୍ପାଦକ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇଦିନିଆ ବ୍ଲକ୍ ସଂପାଦକ କର୍ମଶାଳା ଓ ଆଲୋଚନା ଚକ୍ର ଓଷ୍ଟା ପରିସରରେ ଥିବା କୈଳାସ ଚନ୍ଦ୍ର ମହାପାତ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇ ସଂଗଠନର ସମୃଦ୍ଧି ପାଇଁ ବ୍ଲକ ସଂପାଦକମାନଙ୍କର ଆଲୋଚନାର ଲିଖିତ ଅନେକ ଗଠନ ମୂଳକ ନିର୍ଯ୍ୟାସ ରାଜ୍ୟ ସଂଗଠନକୁ ହସ୍ତାନ୍ତର କରାଯାଇଥିବା କଥା ସଂଗଠନର ସାଧାରଣ ସଂପାଦକ ରନ କୁମାର ଦାଶ ଏକ ପ୍ରେସ୍ ବିବୃତ୍ତି ମାଧ୍ୟମରେ ଜଣାଇଛନ୍ତି।

ପ୍ରକାଶଥାଉକି, ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଆନୁକୂଲ୍ୟରେ, ସଭାପତି ଅକ୍ଷୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବ୍ଲକ୍ ସମ୍ପାଦକ କର୍ମଶାଳା ଓ ଆଲୋଚନା ଚକ୍ରର ଅନ୍ତିମ ଦିବସରେ ସଂଗଠନର ବିଭିନ୍ନ ଦିଗ ଉପରେ ଏକ ଦଳଗତ ଆଲୋଚନା ହୋଇଥିଲା। ରାଜ୍ୟରେ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନର ସୁରକ୍ଷା ଓ ସୁସ୍ଥ ସାଂଗଠନିକ ବ୍ୟବସ୍ଥାର ପ୍ରସାର ପାଇଁ ଓଷ୍ଟା ତା'ର ଜନ୍ମଲଗ୍ନରୁ ଲଢ଼େଇ ଜାରି ରଖି ଆସିଛି। ସାଂପ୍ରତିକ ସ୍ଥିତିରେ ସରକାର ଯେଉଁ ନୂତନ ଶିକ୍ଷାନୀତି ଆଣିଛନ୍ତି, ଆଜିର କର୍ମଶାଳାରେ ତା'ର ବିଭିନ୍ନ ଦିଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସଭାପତି ଅକ୍ଷୟ କୁମାର ମିଶ୍ର ଆମେ ଓ ଆମ ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ରଖିବା ସହିତ ଉଦ୍‌ବେଗ ଏବଂ ବ୍ୟବସ୍ଥାର ପରିଭାଷା ଆଲୋଚନା ମାଧ୍ୟମରେ ରଖିଥିଲେ। ଆଜିର ସଭାରେ ବିଶ୍ୱ ଶିକ୍ଷକ ସଂଗଠନର ସଭାପତି ପ୍ରଫେସର ଅମୀୟ କୁମାର ମହାନ୍ତି, ମୁଖ୍ୟଅତିଥି ଭାବେ ଯୋଗଦେଇ ବ୍ଲକ ସମ୍ପାଦକମାନଙ୍କୁ ଓଷ୍ଟାର ଆତ୍ମା ବୋଲି ସମ୍ବୋଧିତ କରିବା ସହିତ ସାଂଗଠନିକ ଓ ବୌଦ୍ଧିକ ବିକାଶରେ ବ୍ଲକ ସମ୍ପାଦକମାନଙ୍କର ଭାଗିଦାରିତା ଆଲୋଚନା କରିଥିଲେ। ୧୯୮୦ ମସିହାରୁ ସେ ଲଗାତର ଭାବେ ଓଷ୍ଟା ସହିତ ରହିଛନ୍ତି କହିବା ସହ ଓଷ୍ଟା ସମଗ୍ର ଓଡ଼ିଶାରେ ଏକ ଗଣତାନ୍ତ୍ରିକ ଓ ସାମ୍ବିଧାନିକ ସଂଗଠନ ଭାବରେ ଏକ ନମ୍ବର ସଂଗଠନର ପରିଚୟ ହାସଲ କରିଥିବା କଥା ମତବ୍ୟକ୍ତ କରିଥିଲେ। ସଂଗଠନର ସାଧାରଣ ସଂପାଦକ ରନ କୁମାର ଦାଶ କର୍ମଶାଳାର ଉଦ୍ଦେଶ୍ୟ ଜ୍ଞାପନ କରିବା ସହିତ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷାୟତନରେ ଉପୁଜିଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ବିଷୟ ଆଲୋଚନା କରିଥିଲେ। ଚଳିତ ୨୦୨୬ ମସିହା ସମସ୍ତଙ୍କ ପାଇଁ ଶୁଭପ୍ରଦ ହେଉ ବୋଲି କାମନା କରିଥିଲେ। ଏହି ଅବସରରେ ସଂଗଠନର କୋଷାଧ୍ୟକ୍ଷ ଅଶୋକ କୁମାର ମହାପାତ୍ର କର୍ମଶାଳାରେ ଉପସ୍ଥିତ ସମସ୍ତଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିବା ସହିତ ଏ ସଂଗଠନର ନୀତି ଆଦର୍ଶକୁ ପ୍ରାଧାନ୍ୟ ଦେଇ ଏହାର ଟେକ ବଜାୟ ରଖିବାକୁ ପରାମର୍ଶ ପ୍ରଦାନ କରିଥିଲେ। ବ୍ଲକ ସମ୍ପାଦକମାନଙ୍କୁ ସଂଗଠନର ମୂଳଦୁଆ ବୋଲି ଅଭିହିତ କରିବା ସହିତ ସମସ୍ତଙ୍କ ସହିତ ସୁସମ୍ପର୍କ ରଖିଲେ ସଂଗଠନ ସୁଦୃଢ଼ ହେବ ବୋଲି ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଶିକ୍ଷାପ୍ରଦୀପ ସମ୍ପାଦକ ଶଙ୍କର କୁମାର ସୁବୁଦ୍ଧି ବିପ୍ଳବୀ ସଂଗୀତ ମାଧ୍ୟମରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ସହିତ ବ୍ଲକ ସମ୍ପାଦକମାନେ ଓଷ୍ଟାର ମେରୁଦଣ୍ଡ ବୋଲି ଅଭିହିତ କରିଥିଲେ। ଶୈକ୍ଷିକ କମିଟି ସମ୍ପାଦକ ପ୍ରଣବ କୁମାର ଜେନା ଅତିଥି ମାନଙ୍କୁ ମଞ୍ଚକୁ ଆହ୍ୱାନ ପୂର୍ବକ ପରିଚୟ ପ୍ରଦାନ କରିଥିଲେ। ଯୁଗ୍ମ ସାଧାରଣ ସଂପାଦକ ବ୍ରଜକିଶୋର ବିଶ୍ୱାଳ ବୌଦ୍ଧିକ ଓ ସାଂଗଠନିକ ବ୍ୟାକରଣ ଆଲୋଚନା କରିବା ସହିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଦୁଇଦିନିଆ କର୍ମଶାଳାକୁ ଓଷ୍ଟାର ଉଚ୍ଚ ପଦାଧିକାରୀ ଏବଂ ଜିଲ୍ଲାସମ୍ପାଦକ ନେତୃତ୍ୱବୃନ୍ଦ ପରିଚାଳନା କରିଥିଲେ।

## ଝାଡ଼ଖଣ୍ଡରେ ସାଧାରଣତନ୍ତ୍ର ଦିବସ

**ଚମ୍ପୁଆ,୨୭।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମି ଜିଲ୍ଲାର ଜୟନ୍ତୀଗଡସ୍ଥ 'ଉତ୍କଳମଣି ଓଡିଆ ପ୍ରାଥମିକ ବିଦ୍ୟାଳୟ'ରେ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ କବିତା ନାଏକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟତମ ବକ୍ତା ଭାବରେ ସୁଭାଷ ଚନ୍ଦ୍ର ବେହେରା ଯୋଗ ଦେଇ ଦେଶ ଗଠନରେ ନେତାଜୀ ସୁଭାଷ, ମହାତ୍ମାଗାନ୍ଧୀ, ଝାନସୀ ରାଣୀ, ଛତ୍ରପତି ଶିବାଜୀ, ମହାରଣା ପ୍ରତାପ ଓ ଜଗୁଦେବାନଙ୍କ ଅବଦାନ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଙ୍ଗୀତ ଓ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶିକ୍ଷୟତ୍ରୀ ଯାଜ୍ଞସେନୀ ପ୍ରଧାନ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ସଭାରେ ହରିଷ ନାଏକ, କ୍ଷୀରୋଦା ନାୟକ, ଶ୍ରୁତୀ ନାଏକ, ମୀନା ନାଏକ ଓ ସରୋଜିନୀ ନାଏକ ପ୍ରଭୃତି ଉପସ୍ଥିତଥିଲେ।

## ୯ ମତ୍ସ୍ୟଜୀବୀଙ୍କ ସହ ଟ୍ରଲର ଜବତ



**ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍**

ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ ଦୟାମୟୀ ମନସା ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମତ୍ସ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀମାନେ ଟ୍ରଲରଟିକୁ ଜବତ କରିଥିଲେ। ସେଥିରୁ ୧ଟି ଜିପିଏସ, ୧ଟି ଭିଏଚଏଫ, ୧୪ଟି ଟ୍ରଲିଂ ନେଟ ଓ ୯କୁଇଣ୍ଟାଲ ୭୫ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି। ଗିରଫ ମତ୍ସ୍ୟଜିବୀମାନେ ହେଲେ ଲମ୍ବୋଦର ସାହୁ, ଶ୍ରୀଧର ମଳିକ, ହରେକୃଷ୍ଣ ମଳିକ, ଦିଗାମ୍ବର ମଳିକ, ପ୍ରଦୀପ ମଳିକ, ଦିଲ୍ଲୀପ କୁମାର ଭୂୟାଁ, ନିତାଇ ସାହୁ, କାଲୁ ସିଂ ଓ ବଳରାମ ସେଠି ପ୍ରମୁଖ ୯ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛନ୍ତି।

## ଦେବୋତ୍ତର ବିଭାଗ ନବନିଯୁକ୍ତ ଅଧିକାରୀଙ୍କ କର୍ମଶାଳା



**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ଓଡ଼ିଶା ସେକ୍ରେଟେରିଏଟ ଟ୍ରେନିଂ ଇନଷ୍ଟିଚ୍ୟୁଟ, (Odisha Secretariat Training Institute) ଭୁବନେଶ୍ୱରରେ ଏକ ୨୧ ଦିନିଆ କର୍ମଶାଳା ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାରେ ନବନିଯୁକ୍ତି ପାଇଥିବା ଦେବୋତ୍ତର ନିରୀକ୍ଷକ, ସମୀକ୍ଷକ ଓ କନିଷ୍ଠ ସହାୟକଙ୍କୁ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି, ଅବସରପ୍ରାପ୍ତ ଜିଲ୍ଲା ବିଚାରପତି ତଥା ଅନ୍ୟ ଅଧିକାରୀମାନେ ପ୍ରଶିକ୍ଷଣ ପ୍ରଦାନ କରିବେ।

ଉକ୍ତ ସଭାରେ ବିଧି ବିଭାଗ ପ୍ରମୁଖ ଶାସନ ସଚିବ ଡ଼. ପବିତ୍ର ମୋହନ ସାମଲ, ଦେବୋତ୍ତର ଆୟୁକ୍ତ ଲଲାଟେନ୍ଦୁ ଜେନା, ଆଇନ ବିଭାଗ ଅତିରିକ୍ତ ସଚିବ ଶିବ ପ୍ରସାଦ ପାତ୍ର, ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତି ଏ.ଏସ ନାଇଡୁ, ଓଡ଼ିଶା ସେକ୍ରେଟେରିଏଟ ଟ୍ରେନିଂ ଇନଷ୍ଟିଚ୍ୟୁଟର (ଓଏସଆଇଟି) ପ୍ରିନସିପାଲ ମନୋଜ କୁମାର ଷଡ଼ଙ୍ଗୀ ଓ ଅନ୍ୟ ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ଉଦ୍‌ଘାଟନ ଉତ୍ସବରେ ନବନିଯୁକ୍ତ ଅଧିକାରୀ ଓ ଦେବୋତ୍ତର ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପଢ଼ାଯିବାକୁ ଥିବା ବିଷୟବସ୍ତୁଗୁଡ଼ିକୁ ଧ୍ୟାନ ପୂର୍ବକ ଗ୍ରହଣ କରି କାର୍ଯ୍ୟରେ ବିନିଯୋଗ କରିପାରିଲେ, ଧାର୍ମିକ ଅନୁଷ୍ଠାନଗୁଡ଼ିକର ସୁପରିଚାଳନା ହୋଇପାରିବ ବୋଲି ମନ୍ତ୍ରୀ ମତବ୍ୟକ୍ତ ଦେଇଥିଲେ। ଦେବୋତ୍ତର ଉପାୟୁକ୍ତ ଦିଲ୍ଲୀପ କୁମାର ଶତପଥୀ ଉକ୍ତ ସଭାରେ ଧନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ତିରୋଧାନ ଦିବସ

**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି କମିଟି ଆନୁକୂଲ୍ୟରେ ବିପ୍ଳବୀ ଆନନ୍ଦ ଚନ୍ଦ୍ରଙ୍କ ୮୧ତମ ତିରୋଧାନ ଦିବସ କେନ୍ଦ୍ରାପଡା ସହରର ଆନନ୍ଦ ମାର୍ଗରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଆନନ୍ଦମାର୍ଗରେ ଥିବା ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ ପରେ ଏକ ସ୍ମୃତିସଭା ସ୍ମୃତି କମିଟି ସଭାପତି ଆଇନଜୀବୀ ବିଚିତ୍ରାନନ୍ଦ ମହାନ୍ତିଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ରଘୁରାମ ଆର. ଆୟାର, ବିଶିଷ୍ଟ ଅତିଥି ଭାବେ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ, ଜିଲ୍ଲା ପରିଷଦ ସଭାପତି ଲିଳିତା ଦାସ, ମୁଖ୍ୟବକ୍ତା ପ୍ରାଧାପକ ନନ୍ଦ କିଶୋର ପରିଡା, ବରେଣ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର ମଲ୍ଲିକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଧାକର ସାହୁ, ଅତିରିକ୍ତ ଜିଲ୍ଲାଜଜ ବିଷ୍ଣୁଦେବ ଜେନା, ଫାଷ୍ଟଟ୍ରାକ କୋର୍ଟ ଜଜ ତ୍ରିବିକ୍ରମ କେଶରୀ ଚିନ୍ନାରା, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ମନୋଜ



କୁମାର ରାଉତ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ପୌରାଧକ୍ଷା ସରିତା ସାହୁ, କାଉନସିଲର ସେକ ଅସଲମ, ସାହିତ୍ୟିକ ଡ. ବାସୁଦେବ ଦାସ, ପୌରନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଜେନାଙ୍କ ସ୍ମୃତିଚାରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ କ୍ରୀଡ଼ା କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ସୁହାନା ପରଭିନ, ଦୀପକ କୁମାର ସାହୁ, ପ୍ରାଣକୃଷ୍ଣ ପ୍ରଧାନ, ଅଂଶୁଜା ପାଣିଙ୍କୁ ଅତିଥିମାନେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ସ୍ମୃତି ସମ୍ମାନରେ ସମ୍ମାନିତ କରିଥିଲେ। ଏହି ଅବସରରେ ବିପ୍ଳବୀଙ୍କ ନାମରେ ଏକ ପାଠାଗାର ପ୍ରତିଷ୍ଠା କରାଯିବାକୁ ଦାବି କରାଯାଇଥିବା ବେଳେ ଜିଲ୍ଲାପାଳ ଏଥିପାଇଁ ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ରମଣୀରଞ୍ଜନ ରାଉତରାୟ ସଭାକୁ ସଂଯୋଜନା କରିଥିଲେ। ସକାଳେ ସ୍ମୃତି କମିଟି ପକ୍ଷରୁ ଗୋପସ୍ଥିତ ତୁଳସୀପାର୍କ ସନ୍ନିକଟରେ ଥିବା ବିପ୍ଳବୀଙ୍କ ପ୍ରତିମୂର୍ତ୍ତିରେ ସ୍ଥାନୀୟ କାଉନସିଲର ନିରାକାର ସ୍ୱାଇଁଙ୍କ ନେତୃତ୍ୱରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ତୁଳସୀ ମହିଳା ମହାବିଦ୍ୟାଳୟ ଅଧକ୍ଷ ମଥୁରୀ ନାୟକଙ୍କ ସମେତ ଛାତ୍ରୀମାନଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା କରୁଣାକର ଦାସ, ନିରନ ମେକାପ, ଅଜୟ ସାମଲ, ଶୁଭ୍ରାଂଶୁ ଦାସ, ଜିଲ୍ଲା ଓକିଲ ସଙ୍ଘ ଉପସଭାପତି ହାଡିବନ୍ଧୁ ସିଂହ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ମହମ୍ମଦ ଆକବର ଅଲ୍ଲୀ, ଗୋଲଖ ଚନ୍ଦ୍ର ପରିଡା, ସଂଗଠନ ସମ୍ପାଦକ ମୁକ୍ତାର ଖାଁ, ଆଦିକନ୍ଦ ରାଉଳ, ଜ୍ୟୋତିପ୍ରକାଶ ନାୟକ, ଅକ୍ଷୟପ୍ରିୟ ଦାସ, ସଂଯୋଜକ ସତ୍ୟ କୁମାର ଜେନା, କେଦାର ସାମନ୍ତରାୟ, ଧିରେନ୍ଦ୍ର ଦାସ, ସତ୍ୟବ୍ରତ ସିଂ, ନିରନ ବଳ, ସେକ ସୌକତ ଖାନ, ନୃସିଂହ ତ୍ରିପାଠୀ, ପିତବାସ ଦାସ, ଅଶୋକ ସାହୁ, ଶ୍ରୀଧର ମହାନ୍ତି, ଆଶିଷ ସେନାପତି, ଗଗନବିହାରୀ ଜେନା, ବିଶେଶ୍ୱର ଟୁଡୁ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳି ଅର୍ପଣ କରିଥିଲେ। ଶେଷରେ ଶେଷଦେବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ରାଜପଥ କଡ଼ରୁ ମୃତ ଦେହ ଉଦ୍ଧାର

**ସୋର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ନାୟକବନ୍ଧ ଛକ ନିକଟରୁ ଜଣେ ଯୁବକଙ୍କ ମୃତଦେହକୁ ସୋର ପୁଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସୂଚନା ଅନୁସାରେ ପଶ୍ଚିମବଙ୍ଗ ହାୱଡ଼ା ଜିଲ୍ଲା ଜଗତବଲ୍ଲଭପୁର ଥାନା ପାଟିୁଆଲ ଗ୍ରାମର ଗୌତମ ଦାସ (୫୮) ଭୁବନେଶ୍ୱରରେ ବ୍ୟବସାୟ କରନ୍ତି। ଗତ ରବିବାର ବିଳମ୍ବିତ ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ମୃତ୍ୟୁ ହୋଇଯାଇଥିବା ଖବର ପାଇ ଗ୍ରାମକୁ ଫେରୁଥିଲେ। କିନ୍ତୁ ନାୟକବନ୍ଧ ଛକ ନିକଟରେ ରାସ୍ତା ଉପରେ ତାଙ୍କ ମୃତଦେହ ପଡ଼ିଥିବା ଖବରପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଲିସ ତାଙ୍କ ନିକଟରେ ଥିବା ମୋବାଇଲକୁ ଜବତ କରିବା ପରେ ତାଙ୍କ ପରିଚୟ ଜାଣିବାକୁ ପାଇଥିଲା। ଫଳରେ ପୁଲିସ ତାଙ୍କ ପରିବାର ଲୋକଙ୍କୁ ଖବର ଦେବାପରେ ପରିବାର ଲୋକେ ସୋର ଥାନାରେ ପହଞ୍ଚିଥିଲେ। ପରିବାର ଲୋକଙ୍କ ଅଭିଯୋଗ ମୂଳେ ପୁଲିସ ୮୦/୨୬ ରେ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି। ତେବେ ସେ କେଉଁ ପରିସ୍ଥିତିରେ ଏଠାରେ ପଡ଼ିଥିଲେ, କେଉଁଥିରେ ଭୁବନେଶ୍ୱରରୁ ଫେରୁଥିଲେ ତାହା ପୁଲିସ ତଦନ୍ତ କରୁଛି।

## ଫେଲ ମାରିଛି ୱାନ ନେସନ, ୱାନ ରାସନ କାର୍ଡ

**କଟକ,୨୫।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଦେଶର ସର୍ବ ବୃହତ ଖାଦ୍ୟ ସୁରକ୍ଷା ଯୋଜନା ହେଉଛି ୱାନ ନେସନ, ୱାନ ରାସନ କାର୍ଡ। ସାରା ଦେଶରେ ଏହା ଲାଗୁ କରାଯାଇଥିଲେ ବି ଆମ ରାଜ୍ୟ ତଥା କଟକରେ ଏହାର ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି ବହୁ ହିତାଧିକାରୀ। ଆମ ରାଜ୍ୟରେ ୩ କୋଟି ଓ ସାରା ଦେଶରେ ୮୦ କୋଟିରୁ ଉର୍ଦ୍ଧ୍ୱ ଲୋକ ହେଉଛନ୍ତି ରାସନ କାର୍ଡର ହିତାଧିକାରୀ। ଅତୀତରେ ମିଥ୍ୟା ସତ୍ୟପାଠ ବା ସୂଚନା ପାଇଁ ଅନେକ ଲୋକ ରାସନ କାର୍ଡ ହାତେଇବାରୁ ବଞ୍ଚିତ ହୋଇଥିବା ନଜିର ରହିଛି। ଅପରପକ୍ଷରେ ବହୁ ଯୋଗ୍ୟ ହିତାଧିକାରୀ ଥିବା ସତ୍ତ୍ୱେ ବି ରାସନ କାର୍ଡ ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି।

ଆମ ରାଜ୍ୟରେ ଲୋକଙ୍କୁ ହାତପାହାନ୍ତାରେ ଖାଦ୍ୟ ଯୋଗାଇବା ଲାଗି ରାସନ କାର୍ଡର ବ୍ୟବସ୍ଥା କରାଯାଇଛି। ବାହାର ରାଜ୍ୟର ଲୋକେ ଆମ ରାଜ୍ୟରୁ ଖାଦ୍ୟ ପାଇବା ଲାଗି ପରେ କେନ୍ଦ୍ର ସରକାର ୱାନ ନେସନ, ୱାନ ରାସନ କାର୍ଡର ଶୁଭାରମ୍ଭ କଲେ। ହେଲେ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇନଥିବା ଅଭିଯୋଗ କରାଯାଇଛି।

ଚାଉଳ, କିରୋସିନ, ଗହମ ପରି ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଲୋକଙ୍କୁ ଯୋଗାଇବା ଲାଗି କେନ୍ଦ୍ର କରିଛି ୱାନ ନେସନ, ୱାନ ରାସନ କାର୍ଡ। ହେଲେ ଏହା ପୂର୍ଣ୍ଣମାତ୍ରାରେ ଉପଯୋଗୀ ହୋଇପାରୁନାହିଁ। ଉଦାହରଣସ୍ୱରୂପ ଆମ କଟକରେ ଯଦି କୌଣସି ବାହାର ରାଜ୍ୟର ଲୋକେ ରାସନ ନେବାକୁ ପହଞ୍ଚୁଛି ତେବେ ତାକୁ ଅପେକ୍ଷା କରିବାକୁ ପଡୁଛି ବୋଲି ଅଭିଯୋଗ କରାଯାଇଛି। ତାଲିକାଭୁକ୍ତ ହିତାଧିକାରୀଙ୍କୁ ଦେବା ପରେ ବାହାର ରାଜ୍ୟର ହିତାଧିକାରୀଙ୍କୁ ଦିଆଯିବା କଥା ଚିନ୍ତା କରାଯିବ ବୋଲି କିଛି ଡିଲର କହିଥିବା ବେଳେ ରାସନ ପାଇବାରୁ ବହୁ ପ୍ରବାସୀ ବଞ୍ଚିତ ହେଉଥିବା ଖବର ହସ୍ତଗତ ହୋଇଛି।

ନେଟୱାର୍କ ସମସ୍ୟା, ଆଞ୍ଚଳିକ ହିତାଧିକାରୀଙ୍କ ପ୍ରାବଲ୍ୟ ୱାନ ନେସନ, ୱାନ ରାସନ ଯୋଜନାକୁ ପଛରେ ପକାଇଛି । ଆମ ରାଜ୍ୟର ଡିଲର ଯେତିକି ରାସନ ପାଉଛି କୋଟାରେ ତାକୁ ଅଧିକ ରାସନ ଦେବା ଲାଗି ଦାବି କରାଯାଉଛି ଫଳରେ କୌଣସି ବାହାର ରାଜ୍ୟର ହିତାଧିକାରୀ ପହଞ୍ଚିଲେ ତାକୁ ରାସନ ଦେବାକୁ ସହଜ ହେବ ବୋଲି ମତପ୍ରକାଶ ପାଇଛି। ସେପଟେ ଭୂତ ହିତାଧିକାରୀ ଚିହ୍ନଟ କରିବା ଲାଗି ଆରମ୍ଭ ହୋଇଥିବା କେୱାଇସି ଅପଡେସନ ଏବେ ସରିନାହିଁ। ଫଳରେ ବହୁ ଯୋଗ୍ୟ ହିତାଧିକାରୀ ବି ରାସନ ପାଇବାରୁ ବଞ୍ଚିତ ହେଉଥିବା ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେପଟେ ସଚେତନ ନାଗରିକ ମହାସଭାର ଆବାହକ ତଥା ଅଖିଳ ଓଡ଼ିଶା ଝୋପଡପଟି ମହାସଂଘ ନେତା ବୃନ୍ଦାବନ ଦାସ ଆଜାଦଙ୍କ କହିବା ଅନୁସାରେ ଦୁଇ ପ୍ରକାର ବ୍ୟବସ୍ଥା ଥିବାରୁ ରାସନ ପାଇବାରୁ ବହୁ ବସ୍ତି ବାସିନ୍ଦା ବଞ୍ଚିତ ହେଉଛନ୍ତି। କେନ୍ଦ୍ରର ଖାଦ୍ୟ ସୁରକ୍ଷା ଆଇନକୁ କଡାକଡି କାର୍ଯ୍ୟକାରୀ କରିବାକୁ ଡିଲର ସଂଘ ନେତା ସୟଦ ଏକାମ୍ର ହୁସେନ ଦାବି କରିଛନ୍ତି।

## ସ୍ୱନାମଧନ୍ୟ ଶିକ୍ଷକଙ୍କ ପରଲୋକ



**କେନ୍ଦ୍ରାପଡ଼ା:ଏକ୍ସପ୍ରେସ୍ ନ୍ୟୁଜ୍**

ବଳଦେବ ହାଇସ୍କୁଲର ସ୍ୱନାମଧନ୍ୟ ଶିକ୍ଷକ ନରହରି ଦାସଙ୍କର ପରଲୋକ ହୋଇଯାଇଛି। ସେ ବହୁବର୍ଷ ତଳେ ଅବସର ନେଇଥିଲେ ହେଁ ଚଳଚଞ୍ଚଳ ଥିଲେ। ଉତ୍ତମ ଶିକ୍ଷାଦାନ ପାଇଁ ସେ ବେଶ୍ ନାଁ କମାଇଥିଲେ। ତାଙ୍କ ବିୟୋଗରେ ମଙ୍ଗଳବାର ଦିନ ସ୍କୁଲ ପରିସରରେ ଏକ ଶୋକସଭା ଆୟୋଜନ କରାଯାଇଥିଲା। ବିଶିଷ୍ଟ ବ୍ୟକ୍ତିମାନେ ତାଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ରାଜ୍ୟସ୍ତରୀୟ ଶାରଳା କପ

**କାକଟପୁର:ଏକ୍ସପ୍ରେସ୍ ନ୍ୟୁଜ୍**

ସୋମବାର ପୁରୀଜିଲ୍ଲା ଅସ୍ତରଙ୍ଗ ସ୍ଥିତ ନରେନ୍ଦ୍ର ଷ୍ଟାଡିୟମ ଠାରେ ୩୩ ତମ ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚରେ ପ୍ରଥମେ ରୋଭର୍ସ କ୍ଲବ କଟକ ଟସ ଜିତି ଭାଲିଆବାଡ଼ି ସ୍ପୋର୍ଟିଂ ଖୋର୍ଦ୍ଧାକୁ ବ୍ୟାଟିଂ କରିବାପାଇଁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୨୦ ଓଭର ବିଶିଷ୍ଟ ମ୍ୟାଚରେ ଭାଲିଆବାଡ଼ି ସ୍ପୋର୍ଟିଂ ୯ ଉଇକେଟ ହରାଇ ୧୦୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ତପେନ୍ଦ୍ର ସିଂ ବ୍ୟକ୍ତିଗତ ୨୮ଟି ବଲ ଖେଳି ୨ଟି ଚୌକା ଓ ୧ଟି ଛକା ସହାୟତାରେ ୨୮ ରନ ସଂଗ୍ରହ କରିଥିଲେ। ଜବାବରେ ରୋଭର୍ସ ସ୍ପୋର୍ଟିଂ କଟକ ୧୮ ଓଭରରେ ୭ ଉଇକେଟ ହରାଇ ୧୦୭ ରନ ସଂଗ୍ରହ କରି ସେମିଫାଇନାଲରେ ପ୍ରବେଶ କରିଥିଲା। ରୋଭର୍ସ କ୍ଲବ ପକ୍ଷରୁ ଆନିଶୁର ରହେମନ ୧୫ ବଲ ଖେଳି ୧୬ ରନ ସଂଗ୍ରହ କରିବା ସହିତ ୪ ଓଭର ବୋଲିଂ କରି ୩ ଉଇକେଟ ଅକ୍ତିଆର କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇ ୧୪୯୦ ଟଙ୍କା ପୁରସ୍କାର ପାଇଥିଲେ। ଏହି ଉଦଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବେ କାକଟପୁରର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ସମ୍ମାନୀତ ଭାବେ ଅତିଥି ପୁରୀ ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଆୟୋଜକ କ୍ଲବର ସଭାପତି ଯୁଗଳ କିଶୋର ମହାନ୍ତି, ଉପସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଉପଦେଷ୍ଟା ଦିବାକର ଛାଟୋଇ, ଦିବ୍ୟଦର୍ଶୀ ବିଶ୍ୱାଳ, ସହ-ସମ୍ପାଦକ ମନୋଜ ଛାଟୋଇ, ପ୍ରତିଷ୍ଠାତା ନଟକିଶୋର ମହାନ୍ତି, ଚୈତନ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ମ୍ୟାଚକୁ ୨ ବରିଷ୍ଠ ଅମ୍ପେୟାର ଦୁର୍ଗାଚରଣ ମହାରଣା ଏବଂ ସନ୍ତୋଷ କାଣ୍ଡି ପରିଚାଳନା କରିଥିଲେ। ଦ୍ରୁପଦ ଭୋଳ, ରବୀନ୍ଦ୍ର ପରିଡା ଧାରାବିବରଣୀ ପ୍ରଦାନ କରିଥିବାବେଳେ ସ୍କୋରର ଭାବେ ମିଥୁନ ବେହେରା ଓ ପୃଥ୍ୱୀରାଜ ନାୟକ ଦାୟିତ୍ୱ ନିର୍ବାହ କରିଥିଲେ। ଆୟୋଜକ କ୍ଲବର ମିଡ଼ିଆ ସେଲ ଅଧକ୍ଷ ପ୍ରକାଶ କୁମାର ନାୟକ ସହଯୋଗ କରିଥିଲେ।

## ୩ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ପୂର୍ବତଟ ରେଳପଥ ତୁରନ୍ତ ପ୍ରଭାବରେ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେସନରେ ତିନୋଟି ଟ୍ରେନର ସମୟସୂଚୀରେ ସଂଶୋଧନ କରିଛି, ଯାହା ଦ୍ୱାରା ଟ୍ରେନ୍ ପରିଚାଳନା ସୁଗମ ଏବଂ ସମୟାନୁବର୍ତ୍ତିତା ହୋଇପାରିବ।

ପୂର୍ବତଟ ରେଳପଥ ଟ୍ରେନ୍ ପରିଚାଳନାକୁ ସୁବ୍ୟବସ୍ଥିତ କରିବା ଏବଂ ସମୟାନୁବର୍ତ୍ତୀତାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ତୁରନ୍ତ ପ୍ରଭାବ ସହିତ ଖୋର୍ଦ୍ଧା ରୋଡ୍ ଏବଂ ଭଦ୍ରକ ଷ୍ଟେସନରେ ତିନୋଟି ଟ୍ରେନର ଚଳାଚଳ ସମୟରେ ସଂଶୋଧନ କରିଛି। ସେହିପରି ଟ୍ରେନ୍ ନମ୍ବର ୧୮୧୧୮ ଗୁଣୁପୁର-ରାଉରକେଲା ରାଜ୍ୟରାଣୀ ଏକ୍ସପ୍ରେସ୍ ଖୋର୍ଦ୍ଧା ରୋଡ୍ ଷ୍ଟେସନରେ ବିଦ୍ୟମାନ ସମୟ: ଆଗମନ ୨୦:୫୮ ଘଣ୍ଟା / ପ୍ରସ୍ଥାନ ୨୧:୦୦ ଘଣ୍ଟା। ସଂଶୋଧିତ ସମୟ: ଆଗମନ ୨୧:୨୦ ଘଣ୍ଟା / ପ୍ରସ୍ଥାନ ୨୧:୪୦ ଘଣ୍ଟା। ଟ୍ରେନ୍ ନମ୍ବର ୧୨୨୫୩ ଏସ୍.ଏମ୍.ଭି.ଟି. ବେଙ୍ଗାଲୁରୁ-ଭାଗଲପୁର ସାପ୍ତାହିକ ଏକ୍ସପ୍ରେସ୍‌କୁ ଭଦ୍ରକ ଷ୍ଟେସନରେ ଏକ ନୂତନ ଷ୍ଟପେଜ୍ ପ୍ରଦାନ କରାଯାଇଛି, ଯାହା ୧୮:୧୬ ଘଣ୍ଟାରେ ଆଗମନ ଏବଂ ୧୮:୧୮ ଘଣ୍ଟାରେ ପ୍ରସ୍ଥାନ କରିବ। ଟ୍ରେନ ନମ୍ବର ୨୨୮୫୬ ତିରୁପତି-ସାନ୍ତ୍ରାଗାଛି ସାପ୍ତାହିକ ଏକ୍ସପ୍ରେସ ଭଦ୍ରକ ଷ୍ଟେସନରେ ବିଦ୍ୟମାନ ସମୟ: ଆଗମନ ୧୮:୨୬ ଘଣ୍ଟା / ପ୍ରସ୍ଥାନ ୧୮:୨୮ ଘଣ୍ଟା। ସଂଶୋଧିତ ସମୟ: ଆଗମନ ୧୮:୧୬ ଘଣ୍ଟା / ପ୍ରସ୍ଥାନ ୧୮:୧୮ ଘଣ୍ଟା ଏହି ଟ୍ରେନଗୁଡ଼ିକର ଅନ୍ୟ ସମସ୍ତ ଷ୍ଟେସନ ଗୁଡ଼ିକରେ ଚଳାଚଳ ସମୟ ଅପରିବର୍ତ୍ତିତ ରହିବ। ଯାତ୍ରୀମାନଙ୍କୁ ସଂଶୋଧିତ ସମୟ ଉପରେ ଧ୍ୟାନ ଦେବାକୁ ଏବଂ ସେହି ଅନୁଯାୟୀ ସେମାନଙ୍କ ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।



ଜୟଦେବ ଭବନରେ ଉତ୍କଳୀୟ ସ୍ୱାଭିମାନ ଅନୁଷ୍ଠାନ ପକ୍ଷରୁ ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ ଜୟନ୍ତୀ ଅବସରରେ ଗୀତାଞ୍ଜଳୀ କାବ୍ୟ ଚର୍ଚ୍ଚା ଓ ସମ୍ବର୍ଦ୍ଧନା ସଭା।

**AFFIDAVIT**

By virtue of an affidavit sworn before Executive Magistrate, Rajnagar, vide affidavit No.9459, date- 27-01- 2026.I Sanjukta Rout, W/O- Nirbhaya Rout, Vill/Post-Gopalpur, P. S.- Rajnagar, Dist- Kendrapara, State-Odisha, PIN- 754225, declare that, I have changed my minor daughter's name from Nishirani Rout to Nishi Rout. Henceforth, she shall be known as Nishi Rout for all purposes.

S/d- Sanjukta Rout

**ପୂର୍ବ ତଟ ରେଳପଥ**

ଫାଇଲ୍ ନଂ.DRM/Engg/KUR/25-26/E-Tender/104,ତା.22.01.2026ରିଖ

(1) ଟେଣ୍ଡର ସଂ.eTender-NorthKUR-340-2025,ତା.19.01.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଉତ୍ତର) ଏବଂ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ପୂର୍ବ) ସେକ୍ସନ ଅନ୍ତର୍ଗତ 16 ଗୋଟି କର୍ଭ ସ୍ଥାନଗୁଡ଼ିକରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲ୍ୟୁବ୍ରିକେଟର (2 କି.ମି. ପର୍ଯ୍ୟନ୍ତ ତଳକୁ ନେଇଯିବାର ପ୍ରଭାବ)ର ଯୋଗାଣ ଏବଂ ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 256.04 ଲକ୍ଷ, EMD (ଟଙ୍କାରେ) : 2,78,000/-।

(2) ଟେଣ୍ଡର ସଂ.eTender-CENTKUR-341-2025,ତା.20.01.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(କେନ୍ଦ୍ରୀୟ) ଏବଂ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) ସେକ୍ସନ ଅନ୍ତର୍ଗତ 21 ଗୋଟି କର୍ଭ ସ୍ଥାନଗୁଡ଼ିକରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲ୍ୟୁବ୍ରିକେଟର (2 କି.ମି. ପର୍ଯ୍ୟନ୍ତ ତଳକୁ ନେଇଯିବାର ପ୍ରଭାବ)ର ଯୋଗାଣ ଏବଂ ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 336.05 ଲକ୍ଷ, EMD (ଟଙ୍କାରେ) : 3,18,000/-।

(3) ଟେଣ୍ଡର ସଂ.eTender-SouthKUR-343-2025,ତା.20.01.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ବରିଷ୍ଠ ମଣ୍ଡଳ ଯନ୍ତ୍ରୀ(ଦକ୍ଷିଣ) ସେକ୍ସନ ଅନ୍ତର୍ଗତ 13 ଗୋଟି କର୍ଭ ସ୍ଥାନଗୁଡ଼ିକରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ ଲ୍ୟୁବ୍ରିକେଟର (2 କି.ମି. ପର୍ଯ୍ୟନ୍ତ ତଳକୁ ନେଇଯିବାର ପ୍ରଭାବ)ର ଯୋଗାଣ ଏବଂ ସଂସ୍ଥାପନ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 208.03 ଲକ୍ଷ, EMD (ଟଙ୍କାରେ) : 2,54,000/-।

(4) ଟେଣ୍ଡର ସଂ.e-Tender-EASTKUR-338-2025,ତା.21.01.2026ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ଼ ମଣ୍ଡଳର ନିର୍ଗୁଣ୍ଡି-କଟକ ସେକ୍ସନ ମଧ୍ୟରେ ବ୍ରିଜ୍ ନଂ.544 DN ର ସୋନାର ଇକୋ-ରେଞ୍ଜ ଟେକ୍ନୋଲୋଜି (Sonar Echo-range technology) ବ୍ୟବହାର କରି ପ୍ରସ୍ତାବିତ ପରିମାର୍ଜନ ନିରୀକ୍ଷଣ (Scour monitoring)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 128.22 ଲକ୍ଷ, EMD (ଟଙ୍କାରେ) : 2,14,100/-।

ଶେଷ ହେବା ଅବଧି : 60 ମାସ (କ୍ରମ ସଂ.1,2 ଏବଂ 3 ପାଇଁ) ଏବଂ 06 ମାସ (କ୍ରମ ସଂ.4 ପାଇଁ)

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.11.02.2026 ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ଼୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ)/ ଖୋର୍ଦ୍ଧା ରୋଡ଼

PR-1054/Q/25-26

## ବିଭିନ୍ନ ସ୍ଥାନରେ ସାଧାରଣତନ୍ତ୍ର ଦିବସ

**ନିମାପଡ଼ା:** ହୋଟେଲ, କ୍ଲବରେ କିମ୍ବା ଦଳୀୟ କାର୍ଯ୍ୟାଳୟରେ ଆଡମ୍ବର ସହକାରେ ନିଜର ଜନ୍ମଦିନ ଉତ୍ସବ ପାଳନ ନକରି ଏକ ନିଆରା ଢଙ୍ଗରେ ସାଧାରଣ ଲୋକଙ୍କ ଗହଣରେ ୫୫ତମ ଜନ୍ମଦିନ ପାଳନ କରିଛନ୍ତି ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ବାଜା ବାଣ, କେକ୍ କଟା ଭଳି ବିଳାସପୂର୍ଣ୍ଣ ଆଡମ୍ବରକୁ ବାଦ ଦେଇ ନିର୍ବାଚନ ମଣ୍ଡଳୀର ସାଧାରଣଲୋକଙ୍କ ଗହଣରେ ମିଠା ଖୁଆଇ ଜନ୍ମଦିନ ପାଳିଥିଲେ ଶ୍ରୀମତୀ ପରିଡ଼ା। ନିମାପଡ଼ା ପୂର୍ତ୍ତବିଭାଗ ଡାକବଙ୍ଗଳା ଠାରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ଜନ୍ମଦିନ ଉତ୍ସବ କାର୍ଯ୍ୟକ୍ରମରେ ନିର୍ବାଚନ ମଣ୍ଡଳୀର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ଶ୍ରୀମତୀ ପରିଡ଼ାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ନିମାପଡ଼ା ମହୋତ୍ସବର ଆୟୋଜକ ସ୍ୱେଚ୍ଛାସେବୀ ସଂଗଠନ 'ହେଲ୍ପଲାଇନ'ର ସଭାପତି ଅକ୍ଷୟ କୁମାର ସାହୁ, ସଂପାଦକ ନିଗମାନନ୍ଦ ସାହୁ, ସହ ସଂପାଦକ ରମାକାନ୍ତ ବେହେରା, ବରିଷ୍ଠ ସଭ୍ୟ ମନୋଜ କୁମାର ବାରିକ, ପ୍ରଦ୍ୟୁମ୍ନ ବେହେରା, ଆଶୁତୋଷ ହରିଚନ୍ଦନ ପ୍ରମୁଖ ଯୋଗଦେଇ ଶ୍ରୀମତୀ ପରିଡ଼ାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇବା ସହିତ ଦୀର୍ଘାୟୁ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନଏସି ସାଂସଦ ପ୍ରତିନିଧି ମୀନଲତା ମହାନ୍ତି, ଉପମୁଖ୍ୟମନ୍ତ୍ରୀ ପ୍ରତିନିଧି ଯତିନ୍ଦ୍ର ସ୍ୱାଇଁ, ପୁରୀ ଜିଲ୍ଲା ବିଜେପି ସୋସିଆଲ ମିଡ଼ିଆ ପ୍ରତିନିଧି ଝିଲ୍ଲୀଲତା ଦାସ, ବିଜେପି ନଗର ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ସାଇ ପ୍ରୀତମ ପଟ୍ଟନାୟକଙ୍କ ସମେତ ବିଭିନ୍ନ ମଣ୍ଡଳର କାର୍ଯ୍ୟକର୍ତ୍ତା ପ୍ରମୁଖ ଉତ୍ସବରେ ଉପସ୍ଥିତ ରହି ଶ୍ରୀମତୀ ପରିଡ଼ାଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଥିଲେ।

**ଖୋର୍ଦ୍ଧା:** ଆଜି ରାଜ୍ୟ ସରକାର ସୂଚନା ଓ ଲୋକସଂପର୍କ ବିଭାଗ ଏବଂ ଜିଲ୍ଲା ପ୍ରଶାସନ ମିଳିତ ଆନୁକୁଲ୍ୟରେ ଜିଲ୍ଲା ସ୍ତରୀୟ ୭୭ ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ ବିଭାଗ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଖୋର୍ଦ୍ଧା ସଦର ମହକୁମା ବିଜେବି ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଜିଲ୍ଲାସ୍ତରୀୟ ମୁଖ୍ୟ ଉତ୍ସବରେ ଜାତୀୟ ପତାକା ଉତ୍ତୋଳନ କରି ସମ୍ମିଳିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ସ୍ତରୀୟ ବିଭିନ୍ନ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରିଥିଲେ। ସଡ଼କ ସୁରକ୍ଷାରେ ଉଲ୍ଲେଖନୀୟ ସେବା ଗୁଡ଼ ସମରିଟାନ ଭାବେ ଜିଲ୍ଲାର ଅମିତ୍ କୁମାର ଦାସ, ବିକ୍ରମ ବିହାରୀ ଏବଂ ଆନ୍ତର୍ଜାତୀୟ କ୍ରୀଡାବିତ୍ ବିଚିତ୍ର ନାୟକଙ୍କୁ ଉତ୍ତରୀୟ ମାନପତ୍ର ଓ ପୁଷ୍ପ ଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ମୁଖ୍ୟ ଅତିଥି ଶ୍ରୀମତୀ ପରିଡ଼ା ଜିଲ୍ଲା ସମାଜ କଲ୍ୟାଣ ବିଭାଗ ପକ୍ଷରୁ ଏକ ସାଇକଲ ରାଲୀକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହାପରେ ଜେଲରେ ବନ୍ଦୀମାନଙ୍କୁ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଅନ୍ତେବାସୀ ରୋଗୀମାନଙ୍କୁ ଫଳ ବଣ୍ଟନ କରି ଶକ୍ତି କାଫେରେ ମହିଳା ମାନଙ୍କ ସହ କାଫେର ଉନ୍ନତି ଦିଗରେ ଆଲୋଚନା କରିଥିଲେ। ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ଜିଲ୍ଲା ପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ ଋତୁରାଜ, ଜିଲ୍ଲା ଏସପି ବିବେକାନନ୍ଦ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା, ସାଫଲ୍ୟ ମଣ୍ଡିତ ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଜ୍ୟୋତି ଶଙ୍କର ସାହୁ, ଉପଜିଲ୍ଲାପାଳ ସଂକଳ୍ପ ସ୍ୱସ୍ତିକ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ଶୋନାମିକା ରାୟ, ଆସିସଟାଣ୍ଟ କମାଣ୍ଡାଣ୍ଟ ଧର୍ମେନ୍ଦ୍ର ପ୍ରଧାନ, ଡିଏସପି ଅନିଲ ମହାନ୍ତି, ଖୋର୍ଦ୍ଧା ପୌର ପରିଷଦ ଅଧ୍ୟକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଡେପୁଟୀ କଲେକ୍ଟର, ଜରୁରୀ, ଶ୍ରୀତପା ମିଶ୍ର, ଡେପୁଟୀ କଲେକ୍ଟର, ରାଜସ୍ୱ ନିବେଦିତା ପରିଡ଼ା, ସଡକ ପରିବହନ ଅଧିକାରୀ ଅରବିନ୍ଦ ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଟିଆରଓଏଏସ, ଓଆରଏସ, ଜିଲ୍ଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଦିବସରେ ଉପସ୍ଥାପକ ଓ ଉପସ୍ଥାପିକା ଶ୍ରୀକାନ୍ତ ନାୟକ ଓ ରେବତୀ ପଣ୍ଡାଙ୍କୁ ମୁଖ୍ୟ ଅତିଥି ଉତ୍ତରୀୟ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

**ବାଙ୍କୀ:** ବାଙ୍କୀ ଉପଖଣ୍ଡରେ କଚେରୀ ପଡିଆ ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାହୋରରେ ପାଳିତ ହୋଇଯାଇଛି। ବାଙ୍କୀ ଉପ ଜିଲ୍ଲାପାଳ ପ୍ରଣବ କୁମାର ବେହେରା କଚେରୀ ପଡିଆରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସାଧାରଣତନ୍ତ୍ର ରାଷ୍ଟ୍ରଭାବେ ଭାରତର ସମ୍ବିଧାନ ପ୍ରଣୟନ କରିବାରେ ନିଜର ଉତ୍ସର୍ଗିକୃତ ପ୍ରଚେଷ୍ଟା ପାଇଁ ସମ୍ବିଧାନ ପ୍ରଣେତାମାନଙ୍କୁ ଆଜିର ଏହି ପବିତ୍ର ଦିବସ ଅବସରରେ ଉପଜିଲ୍ଲାପାଳ କୃତଜ୍ଞତା ଜଣାଇଥିଲେ। ବାଙ୍କୀ ଉପଖଣ୍ଡ ସୂଚନା ଲୋକସଂପର୍କ ଅଧିକାରୀ କାଳିଚରଣ ତ୍ରିପାଠଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟ କ୍ରମରେ ଆଡ୍‌ଭୋକେଟ୍ ଧର୍ମପ୍ରସାଦ ମଙ୍ଗରାଜ କାର୍ଯ୍ୟ ସଂଚଳାନ କରିଥିଲେ। ସକାଳ ୪.୩୦ମିନିଟରୁ ୫.୩୦ମିନିଟ୍ ମଧ୍ୟରେ ଉପଖଣ୍ଡ ସୂଚନା ଓ ଲୋକସଂପର୍କ ବିଭାଗ ଦ୍ୱାରା ବାଙ୍କୀ ଏନ୍.ଏ.ସି ଅଞ୍ଚଳରେ ରାମଧୂନ ପ୍ରଚାର କରାଯାଇଥିଲା। ସକାଳ ୭ଘଟିକା ସମୟରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ପଣ୍ଡିତ ଗୋବିନ୍ଦ ରଥ, ପଣ୍ଡିତ ନୀଳମଣି ବିଦ୍ୟାରନ୍, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶ ଓ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଉପଜିଲ୍ଲାପାଳ ଶ୍ରୀ ବେହେରା ମାଲ୍ୟାର୍ପଣ କରିଥିଲେ।

**ଚାରିଛକ:** ଚାରିଛକ ଅଂଚଳର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଗୁଡିକରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚାରିଛକ ପ୍ରେସ କ୍ଲବ ଠାରେ ସଭାପତି ପ୍ରଫୁଲ୍ଲ କୁମାର କର ଜାତୀୟ ପତାକା ଉତ୍ତୋଳନା କରିଥିବା ବେଳେ ଅତିଥି ଭାବେ ଜଗତସିଂହପୁର ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ଏସଆଇ କୃଷ୍ଣଚନ୍ଦ୍ର ପୃଷ୍ଟି, ଏଏସଆଇ ସବିତା କୁମାରୀ ଦେବୀ, କ୍ଲବର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଆଇ.ଆର.ଏସ. ଚନ୍ଦ୍ରକାନ୍ତ ଦଳେଇ, ସନାତନ ପାତ୍ର, କୃଷ୍ଣଚନ୍ଦ୍ର ରାଉତ, ଅଧିନ ପାତ୍ର, ଅର୍ଜୁନ ପାତ୍ର, କାହ୍ନୁ ଚରଣ ବେହେରା, ବନବିହାରୀ ଦାଶ, ଦୁର୍ଗା ପ୍ରସାଦ ଦାଶ, ନୀରଞ୍ଜନ କର, କାର୍ଯ୍ୟକାରୀ ସଭାପତି ଶିଶିର କୁମାର ସ୍ୱାଇଁ, ଉପ-ସଭାପତି ସନ୍ତୋଷ କୁମାର ଦାଶ, ସାଧାରଣ ସଂପାଦକ ଡଃ କେଦାରନାଥ ସାହୁ, ମିଡିଆସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ, ସହ ସଂପାଦକ ସନ୍ତୋଷ ଦାଶଙ୍କ ସମେତ ସମସ୍ତ ଉପଦେଷ୍ଟା ଓ ସଦସ୍ୟମାନେ ଯୋଗଦେଇଥିଲେ । ସେହିପରି ଚାରିଛକ ବଜାର କମିଟି ତରଫରୁ ସଭାପତି ସନ୍ତୋଷ କୁମାର ପ୍ରଧାନ, ଚାରିଛକ ନିଗମାନନ୍ଦ ମହିଳା ମହାବିଦ୍ୟାଳୟ ପରିସରରେ ଅଧକ୍ଷା ପ୍ରଫେସର ମିତ୍ରା ମହାପ୍ରଚ୍ଛ, ଚାରିଛକ ଥାନାରେ ଥାନା ଅଧିକାରୀ ମମତା ବିଶ୍ୱାଳ, ପ୍ରାଚୀ ସାହିତ୍ୟ ସଂସଦର ସଂପାଦକ ଡଃ ସନ୍ତୋଷ କୁମାର ମିତ୍ର, ଭଗବାନ ସାହୁ ଚାରିଟେବୁଲ ଟ୍ରଷ୍ଟ ପଥରପଦା ଠାରେ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ, ଭାଣପୁରସ୍ଥିତ ଦିବାକର ସ୍ମୃତି ସଂସଦ ଓ ପାଠାଗାର ଠାରେ ଉପଦେଷ୍ଟା ପ୍ରଫେସର ଗୋପୀନାଥ କର ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ ଅନ୍ତର୍ଯ୍ୟାମୀ କରଙ୍କ ସମେତ ସମସ୍ତ ସଦସ୍ୟ ଯୋଗଦେଇଥିଲେ । ନିଗମାନନ୍ଦ ବିଜ୍ଞାନ ମହାବିଦ୍ୟାଳୟରେ ମୁଖ୍ୟ ଅତିଥି ବାହାରଣା ପଂଚାୟତ ପୂର୍ବତନ ସରପଂଚ ଗୋବିନ୍ଦ ଚନ୍ଦ୍ର ମଳିକ, ଅମରେଶ୍ୱର ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟତ୍ରୀ ସୁମିତ୍ରା ମେଲେକା, ତୁଳସୀପୁର ପ୍ରାଚୀ ବାଳିକା ବିଦ୍ୟାଳୟ ପରିସରରେ ପ୍ରଧାନଶିକ୍ଷୟତ୍ରୀ ସବିତା ମହାନ୍ତି ଜାତୀୟ ପତାକା ଉତୋଳନ କରିଥିଲେ । ସେହିପରି ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପଥରପଦା ତୁଳସୀପୁର, ତୁଳସୀପୁର ବିଜେଡି କାର୍ଯ୍ୟାଳୟରେ ବରିଷ୍ଠ କର୍ମୀ ଚକ୍ରଧର ସାହୁ ପତାକା ଉତୋଳନ କରିଥିବା ବେଳେ, ତୁଳସୀପୁର ପଂଚାୟତ ଅଫିସରେ ସରପଂଚ ମଂଜୁଶ୍ରୀ ଭୋଇ ପତାକା ଉତୋଳନ କରିଥିଲେ।

**ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ, କଟକ:** ନରାଜସ୍ଥିତ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଓ ଶ୍ରୀ ଶ୍ରୀ ଏକାଡେମୀରେ ମହା ସମାରୋହରେ ୭୭ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏଥିରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କୁଳାଧାକ୍ଷା ପ୍ରଫେସର ରଜିତା କୁଲକର୍ଣ୍ଣୀ ଜାତୀୟ ପତାକା ଉତ୍ତୋଳନ କରିଥିବା ବେଳେ କୁଳପତି ପ୍ରଫେସର ତେଜପ୍ରତାପ, କୁଳସଚିବ ପ୍ରଫେସର ଅନିଲ ଶର୍ମା ଓ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ପ୍ରମୁଖ ଉପସ୍ଥିତ ରହି ବିଦ୍ୟାର୍ଥୀମାନଙ୍କୁ ଉଦବୋଧନ ଦେଇଥିଲେ। ଏହି ଅବସରରେ ଶ୍ରୀ ଶ୍ରୀ ଏକାଡେମୀ ପକ୍ଷରୁ କୁନିକୁନି ପିଲାମାନେ ଚିତ୍ତାକର୍ଷକ ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଡିନ୍, ବରିଷ୍ଠ ଅଧ୍ୟାପକ, ପ୍ରାଧ୍ୟାପକ, ନିରାପତ୍ତା ଅଧିକାରୀଙ୍କ ସମେତ ଆଡମିନ୍ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

**ଓୟୁଜେ, ଖୋର୍ଦ୍ଧା:** ଓଡ଼ିଶା ସାମ୍ବାଦିକ ୟୁନିୟନ (ଓୟୁଜେ) ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ୭୭ ତମ ସାଧାରଣତନ୍ତ୍ର ଦିବସ କୁନ୍ତଳା ଦେବୀ ନର୍ସିଂ କଲେଜ ପରିସରରେ ମିଳିତ ଭାବେ ପାଳନ ହୋଇଯାଇଛି। ନର୍ସିଂ କଲେଜର ଅଧ୍ୟକ୍ଷ ସୁଶାନ୍ତ କୁମାର ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ସମସ୍ତ ଛାତ୍ରୀ, ଶିକ୍ଷକ, ଶିକ୍ଷୟତ୍ରୀ, ଓ କର୍ମଚାରୀଙ୍କ ସହିତ ଓୟୁଜେ ଜିଲ୍ଲା ପ୍ରତିନିଧି ମାନେ ମିଳିତ ଭାବେ ପାଳନ କରିଥିଲେ। ଓୟୁଜେ ଜିଲ୍ଲା ସାଧାରଣ ସମ୍ପାଦକ ଲୋହିତ ନାରାୟଣ ମହାପାତ୍ର ପତକା ଉତ୍ତୋଳନ କରିଥିବା ବେଳେ କଲେଜର ଛାତ୍ରୀମାନେ ଜାତୀୟ ସଙ୍ଗୀତ ଗାନ କରିବା ସହ ସାଧାରଣତନ୍ତ୍ର ଦିବସ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ଓୟୁଜେ ପୂର୍ବତନ ରାଜ୍ୟ ସମ୍ପାଦକ ପ୍ରସନ୍ନ କୁମାର ପାଇକରାୟ, ଓୟୁଜେ ଜିଲ୍ଲା ଉପସଭାପତି ସୟଦ ଅନସର ଅଲ୍ଲୀ, ଓୟୁଜେ ଜିଲ୍ଲା ସମ୍ପାଦକ ରାଜେଶ୍ ଚନ୍ଦ୍ର ମହାନ୍ତି, ବ୍ଲକ ସମ୍ପାଦକ ଚନ୍ଦନ କୁମାର ସୁନ୍ଦରାୟ, ଓୟୁଜେ ଜିଲ୍ଲା ସଭ୍ୟମାନଙ୍କ ମଧ୍ୟରେ ଏମଡି ଇମଦାଦ ସରିଫ, ସେକ ଅନ୍‌ୱାର ଅଲ୍ଲୀ, ଅୟେସ କାନ୍ତ ମହାନ୍ତି, ପ୍ରକାଶ କୁମାର ପଟ୍ଟନାୟକ ଓ ଏମଡି ଫଜଲୁର ରହେମାନ ପ୍ରମୁଖ ଯୋଗ ଦେଇଥିଲେ।

**ଯାଜପୁର:** ସ୍ଥାନୀୟ କୁସୁମା ସମ୍ମୁଖ ପଡ଼ିଆରେ ୭୭ତମ ଜିଲ୍ଲା ସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଜାତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଜାତୀୟ ପତାକା ଉତ୍ତୋଳନ ଓ ସମ୍ମିଳିତ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲାପାଳଙ୍କ ସହ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମଲ୍ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନିଜ ଅଭିଭାଷଣରେ ରାଜ୍ୟ ସରକାରଙ୍କ ତଥା ଜିଲ୍ଲା ପ୍ରଶାସନର ଲୋକାଭିମୁଖୀ କାମ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହା ପରେ ମୁଖ୍ୟ ଅତିଥି ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ଉଦ୍ୟାନ କୃଷିରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଶ୍ରୀମତୀ ସୁମନ ପ୍ରଧାନଙ୍କୁ ପ୍ରାଣକୃଷ୍ଣ କର ସ୍ମାରକୀ ଟ୍ରଫି ସହ ୧୦୦୦ ଟଙ୍କାର ପ୍ରୋତ୍ସାହନ ରାଶି, ଶ୍ରେଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସହକାରୀ ଜିଲ୍ଲାପାଳ ସ୍ମରଣିକା ଦାଶ ଏବଂ ଉପ ଆରକ୍ଷୀ ଅଧିକ୍ଷକ ଶରତ ଚନ୍ଦ୍ର ପାତ୍ରଙ୍କୁ ପ୍ରିୟମ୍ବଦା ଦେବୀ ସ୍ମାରକୀ ଟ୍ରଫି, ଉତ୍ତରୀୟ ଓ ମାନପତ୍ର ସହ ଗୋଟିଏ ଫଳ ଚାରା ବଣ୍ଟନ କରିଥିଲେ। ସଂରକ୍ଷିତ ଆରକ୍ଷୀ ନିରୀକ୍ଷକ ଦିନେଶ କୁମାର ସାହୁ ଓ ମନୋଜ କୁମାର ସାହୁ ପ୍ୟାରେଡ ପରିଚାଳନା କରିଥିଲେ। ପ୍ୟାରେଡରେ ବିଭିନ୍ନ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳଗୁଡ଼ିକୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏଥିସହ ଦିନେଶ କୁମାର ସାହୁ ଏବଂ ମନୋଜ କୁମାର ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଏହା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ବାଳାଶ୍ରମ, କୁଷ୍ଠାଶ୍ରମ ଓ ଜେଲର ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ, ବସ୍ତ୍ର ଇତ୍ୟାଦି ବଣ୍ଟନ କରିବା ସହ ମୁଖ୍ୟ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ୭୭ତମ ସାଧାରଣତନ୍ତ୍ର ଦିବସ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ନଳିନୀ ପ୍ରଭା ଜେନା, ଜିଲ୍ଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାଏକ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଶିବାନନ୍ଦ ସ୍ୱାଇଁ, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ, ଉପ ଆରକ୍ଷୀ ଅଧିକ୍ଷକ, ବିଭିନ୍ନ ବିଭାଗର ଅଧିକାରୀ, ଜିଲ୍ଲାର ବିଶିଷ୍ଟ ବ୍ୟକ୍ତି, ବୁଦ୍ଧିଜୀବୀ, ଗଣମାଧ୍ୟମ ପ୍ରତିନିଧି, ଲୋକ ପ୍ରତିନିଧି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ପ୍ରମୁଖ ଯୋଗ ଦେଇଥିଲେ। ଦିବସର ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ସଂଯୋଜନା କରିଥିବା ବେଳେ ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

**ହିନ୍ଦୋଳ:** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବିଧାନସଭା କ୍ଷେତ୍ରରେ ଉପଖଣ୍ଡସ୍ତରୀୟ ସାଧାରଣତନ୍ତ୍ର ଦିବସ ଧୂମଧାମରେ ପାଳିତ ହୋଇଯାଇଛି। ହିନ୍ଦୋଳ ଷ୍ଟାଡିୟମରେ ସମ୍ମିଳିତ ପ୍ୟାରେଡରେ ମୁଖ୍ୟଅତିଥି ଉପଜିଲ୍ଲାପାଳ ପ୍ରଭାସ ବେହୁରା ଯୋଗଦେଇ ଅଭିବାଦନ ଗ୍ରହଣ କରିବାସହ ସମାଜ ଉଦେଶ୍ୟରେ ବକ୍ତବ୍ୟ ରଖିଥିଲେ। ଏହି ପ୍ୟାରେଡ଼ରେ କଲେଜ,ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ଜାଭିୟର ଇତ୍ୟାଦି ଶିଖାନୁଷ୍ଠାନ, ଆରକ୍ଷୀ ବାହିନୀ ସହ ୨୨ଟି ଦଳ ଭାଗନେଇଥିଲେ। ଅତିରିକ୍ତ ଏସପି ତଥା ହିନ୍ଦୋଳ ଉପଖଣ୍ଡ ଏସଡିପିଓ ସତ୍ୟକୁମାର ନନ୍ଦ, ତହସିଲଦାର ଦିଲୀପ ସେଠି, ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ, ଏନଏସି ନିର୍ବାହ ୀଅଧିକାରୀ ରାଜୀବ ଲୋଚନ ବେହେରାଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, କର୍ମଚାରୀ, ଛାତ୍ରଛାତ୍ରୀ, ଜନସାଧାରଣ ଯୋଗଦେଇଥିଲେ ଏବଂ ମଞ୍ଚ ପରିଚାଳନା ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ହେମନ୍ତ ପାଣିଗ୍ରାହୀ ସମ୍ପାଦନା କରିଥିଲେ। ସେହିପରି ବ୍ଲକରେ ଅଧକ୍ଷା ସସ୍ମିତାରାଣୀ ନାୟକ ପତାକା ଉତ୍ତୋଳନ କରିଥିବାବେଳେ ସମସ୍ତ ସରକାରୀ କାର୍ଯ୍ୟାଳୟ, ବେସରକାରୀ ଅନୁଷ୍ଠାନମାନଙ୍କରେ ଜାତୀୟପତାକା ଉତ୍ତୋଳନ କରାଯାଇଥିଲା।

**ଅସ୍ତରଙ୍ଗ ପ୍ରେସ୍ କ୍ଲବ୍:** ଅସ୍ତରଂଗ ପ୍ରେସ୍ କ୍ଲବ୍ ଦ୍ୱାରା ଅସ୍ତରଙ୍ଗ ମୁଖ୍ୟ ବଜାର ହୋଣ୍ଡା ସୋରୁମ୍ ସମ୍ମୁଖରେ ଭାରତର ୭୭ତମ ପବିତ୍ର ସାଧାରଣତନ୍ତ୍ର ଦିବସଞ୍ଜ ମହାସମାରୋହ ଓ ଉତ୍ସାହର ସହିତ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଅସ୍ତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗା ଚରଣ ମହାପାତ୍ର, ଅସ୍ତରଙ୍ଗ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ଶିକ୍ଷା ଓ ବୈଷୟିକ ବିଦ୍ୟାଳୟ ଅଧ୍ୟାପକ ପ୍ରଶାନ୍ତ କୁମାର ବିଶ୍ୱାଳ, ମୁଖ୍ୟବକ୍ତା ଲଳିତେନ୍ଦୁ ପଲାଉରୀ, ଅସ୍ତରଙ୍ଗ ପ୍ରେସ କ୍ଲବ ସଭାପତି ଶରତ ଚନ୍ଦ୍ର ପରିଡା, ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟର କର୍ମଚାରି, ଗଣମାଧ୍ୟମ ପ୍ରତିନିଧି, ବିଦ୍ୟାଳୟର ଛାତ୍ରଛାତ୍ରୀ, ସଂକୀର୍ତ୍ତନ ମଣ୍ଡଳୀ ଓ ବୁଦ୍ଧିଜୀବୀ ଏହି ଅବସରରେ ଯୋଗ ଦେଇଥିଲେ। ପ୍ରଥମେ କୁଆଁରପୁର ସରସ୍ୱତୀ ସିଶୁମନ୍ଦୀରର ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଦେ ମାତରଂ ଗାନ କରାଯିବା ପରେ ଅସ୍ତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ଦୁର୍ଗା ଚରଣ ମହାପାତ୍ରଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ତା'ପରେ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଗଣମାଧ୍ୟମ ପ୍ରତିନିଧିଙ୍କୁ ସାମ୍ବାଦିକତା ଏବଂ ସମାଜ ପ୍ରତି ସେମାନଙ୍କର ମୂଲ୍ୟବାନ ଅବଦାନ ପାଇଁ ସମ୍ମାନିତ ଏବଂ ଉଚ୍ଚାରଣ କରାଯାଇଥିଲା। ଅସ୍ତରଙ୍ଗ ପ୍ରେସ କ୍ଲବ ସଭାପତି ଶରତ ଚନ୍ଦ୍ର ପରିଡା ସମସ୍ତଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଣତନ୍ତ୍ର ଓ ଗଣମାଧ୍ୟମର ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଓଡ଼ିଶା ପ୍ରତିଭା ସମ୍ମାନ କୃତି ଛାତ୍ରଛାତ୍ରୀ ତଥା ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟପାଇଁ ୩୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧନା ଓ ସମ୍ମାନୀତ କରାଯାଇଥିଲା। ଅସ୍ତରଙ୍ଗ ପ୍ରେସ୍ କ୍ଲବ୍‌ର କାର୍ଯ୍ୟାଳୟ ସମ୍ପାଦକ ଜ୍ୟୋତି ଶଙ୍କର ଦାଶ ଧନ୍ୟବାଦ ଦେବା ସହିତ ଗଣତନ୍ତ୍ର ଦିବସ ପାଳନକୁ ଏକ ସ୍ମରଣୀୟ ଏବଂ ଅର୍ଥପୂର୍ଣ୍ଣ କାର୍ଯ୍ୟକ୍ରମ କରିବା ପାଇଁ ସହଯୋଗ କରିଥିବାରୁ ସମସ୍ତ ଅତିଥି ଏବଂ ଅଂଶଗ୍ରହଣକାରୀଙ୍କୁ କୃତଜ୍ଞତା ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ଜେନା, ପ୍ରମୋଦ ଦାସ, ପ୍ରିୟବ୍ରତ ମୁଦୁଲି, ଅଲେଖ ବିଶ୍ୱାଳ, ତ୍ରିଲୋଚନ ବେହେରା, ଅନିଲ ବାରିକ, ବୃନ୍ଦାବନ ବିଶ୍ୱାଳ, ମମତା ଜେନା ଓ ଅରୁଣ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କିଟ୍-କିସ୍‌ରେ ୭୭ତମ ସାଧାରଣତନ୍ତ୍ର ଦିବସ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷ ସାଧାରଣତନ୍ତ୍ର ଦିବସରେ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ସୋମବାର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ପରେଡ ଅଭିବାଦନ ଗ୍ରହଣ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ପ୍ରତିବର୍ଷ କିଟ୍ ଓ କିସ୍‌ରେ ସାଧାରଣତନ୍ତ୍ର ଦିବସ ଅତି ଆଡ଼ମ୍ବରରେ ପାଳିତ ହୋଇଥାଏ। ପ୍ରତିବର୍ଷ ବିଦେଶରୁ ଜଣେ ଗଣ୍ୟମାନ୍ୟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥାନ୍ତି। ଚଳିତ ବର୍ଷ ଶ୍ରୀଲଙ୍କା ସାଂସଦ ନାମଲ ରାଜପକ୍ଷ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଏହାର ଗୁରୁତ୍ୱ ବୃଦ୍ଧି କରିଛନ୍ତି। ନାମଲଙ୍କ ସହ ଅନ୍ୟ ୯ଜଣ ଶ୍ରୀଲଙ୍କା ସାଂସଦ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଉଦ୍‌ବୋଧନ ଦେଇ ନାମଲ କହିଲେ, ଭାରତ ସବୁବେଳେ ଶ୍ରୀଲଙ୍କା ସହ ଜଣେ ବନ୍ଧୁ ଭାବେ ଠିଆ ହୋଇଛି। ଶ୍ରୀଲଙ୍କାରେ ଏକତା ଏକ ସ୍ଲୋଗାନ ନୁହେଁ; ଏହା ହେଉଛି ପ୍ରତିକୂଳ ପରିସ୍ଥିତିକୁ କିଭଳି ଦୂର କରିପାରିବୁ। ଶ୍ରୀଲଙ୍କା ପାଇଁ ଓଡ଼ିଶା ବହୁତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶା ଶାନ୍ତି ଓ ସଦ୍‌ଭାବନା ପାଇଁ ବିଶ୍ୱ ସ୍ତରରେ ସମ୍ମାନିତ। ଓଡ଼ିଶା କେବଳ ଏକ ରାଜ୍ୟ ନୁହେଁ; ଓଡ଼ିଶା ହେଉଛି ଏକ ବାର୍ତ୍ତା। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ନାମଲ କହିଲେ, ସଂସ୍କୃତି, ପରିଚୟ ଓ ଆଧୁନିକତାକୁ ନେଇ ପରସ୍ପର ସହିତ ଲଢ଼ିବା ଉଚିତ ନୁହେଁ। ଏଗୁଡ଼ିକୁ ନେଇ ସହାବସ୍ଥାନ ସହ ପରସ୍ପରର ସହଯୋଗକୁ ମଜବୁତ କରାଯିବା ଉଚିତ। ବଙ୍ଗୋପସାଗର ବିପରୀତ ପାର୍ଶ୍ୱରେ ଅବସ୍ଥିତ ଶ୍ରୀଲଙ୍କା ଓ ଭାରତ ଇତିହାସ, ସଂସ୍କୃତି ଓ ସ୍ମୃତି ଦ୍ୱାରା ବନ୍ଧା। ଏହି ସହଯୋଗକୁ ଆହୁରି ଦୃଢ଼ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସୋସାଇଟିର ଉପସଭାପତି ଉମାପଦ ବୋଷ, ସଂପାଦକ ଆର ଏନ ଦାଶ, କିଟ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା ସୁବ୍ରତ ଆଚାର୍ଯ୍ୟ, କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପି. କେ. ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା କିଟ୍, କିସ୍ ଓ କିମ୍ସର କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହା ସହ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନ ମେଢ଼ ପ୍ରଦର୍ଶନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 28th January, 2026 Wednesday | RNI Regd. No. ODIODI/2009/28880

## ଭଗବାନଙ୍କୁ ଯୁବକର ପ୍ରଶ୍ନ




ଦୀର୍ଘଦିନ ମହିଳା କଲେଜ୍ ପାଖରେ ଲସରପସର ହୋଇ ଫେଲ୍ ମାରିଥିବା ଯୁବକ କଠୋର ତପସ୍ୟାରେ ମଗ୍ନ ହେଲା....।

ତା'ତପସ୍ୟାରେ ସନ୍ତୁଷ୍ଟ ହୋଇ ଭଗବାନ ତା'ପାଖରେ ପହଞ୍ଚ ପଚାରିଲେ- ବସ୍, କ'ଣ ମାଗୁଛୁ ମାଗ। ମୁଁ ତୋ ତପସ୍ୟାରେ ଅତ୍ୟନ୍ତ ସନ୍ତୁଷ୍ଟ।

ଯୁବ କରଯୋଡ଼ି ପଚାରିଲା- ପ୍ରଭୁ, ଆପଣ ନିଜର ପରମ୍ପରା ଭଙ୍ଗ କଲେ କାହିଁକି ?

ଭଗବାନ ହଠାତ୍ କିଛି ବୁଝିନପାରି ପଚାରିଲେ- ପରମ୍ପରା ଭାଙ୍ଗିଲି ମାନେ ?

ଯୁବକ କହିଲା- ପ୍ରଭୁ, ପୂର୍ବରୁ ଯିଏ କଠୋର ତପସ୍ୟା କରୁଥିଲା ସେ ଲୋକର ତପସ୍ୟା ଭଙ୍ଗ କରିବା ପାଇଁ ଆପଣ ଯେମିତି ଅପସରାମାନଙ୍କୁ ପଠାଉଥିଲେ, ମୋ ବେଳେ ସେମିତି ନକରି ଆପଣ ନିଜେ ଆସିଲେ କାହିଁକି ବୁଝିପାରୁନି।

# ଆମ ସମ୍ବିଧାନ ଆମକୁ ଭ୍ରାତୃଭାବରେ ବାନ୍ଧି ରଖିଛି: ମୁଖ୍ୟମନ୍ତ୍ରୀ

**କଟକ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**



ବାରବାଟୀ ଷ୍ଟାଡ଼ିୟମରେ ଆୟୋଜିତ ଜିଲ୍ଲାସ୍ତରୀୟ ୭୭ତମ ସାଧାରଣତନ୍ତ୍ର ଦିବସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଅଭିଭାଷଣ ରଖି କହିଛନ୍ତି ଯେ, ୧୯୮୦ ମସିହା ପର୍ଯ୍ୟନ୍ତ ଦେଶର ଆର୍ଥିକ ଅଭିବୃଦ୍ଧି ହାର ଏତେ କମ ରହୁଥିଲା ଯେ, ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ତାଚ୍ଛଲ୍ୟ କରି ଭାରତର ଅଭିବୃଦ୍ଧିକୁ "ହିନ୍ଦୁ ଅଭିବୃଦ୍ଧି ହାର" କହୁଥିଲେ। କିନ୍ତୁ ୨୦୧୪ ପରେ ଏହି ମାନସିକତାରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଦେଶ ଏକ ନୂତନ ବିକାଶର ମାର୍ଗରେ ଚାଲିବା ଆରମ୍ଭ କରିଛି । "ମେକ ଇନ ଇଣ୍ଡିଆ" କାର୍ଯ୍ୟକ୍ରମ ଆଜି ଭାରତକୁ ଆତ୍ମନିର୍ଭର ପଥରେ ଆଗକୁ ନେଉଛି । ଚିପରୁ ସିପ ପର୍ଯ୍ୟନ୍ତ ମ୍ୟାନୁଫେକ୍‌ଚରିଂ ର ସମସ୍ତ ସ୍ତରରେ ଭାରତ ସଫଳତା ହାସଲ କରିବାରେ ଆରମ୍ଭ କରିଛି । ଭାରତର ସାମୁଦ୍ରିକ ବାଣିଜ୍ୟର ଗୌରବକୁ ପୁନର୍ରୁଦ୍ଧାର କରିବା ଓ ବ୍ଲୁ ଇକୋନୋମିର ଅଭିବୃଦ୍ଧି ପାଇ ମୋଦୀଜୀ "ସମୁଦ୍ର ସେ ସମୃଦ୍ଧି"ର ପରିକଳ୍ପନା କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉଦବୋଧନରେ କହିଛନ୍ତି । ମୋଦୀଙ୍କ ଏହି ୧୧ ବର୍ଷର ନେତୃତ୍ୱର ସଫଳତାର ତାଲିକା ବହୁତ ଲମ୍ବା। କିନ୍ତୁ ଆଜି ଏହି ଶୁଭ ମୁହୂର୍ତ୍ତରେ ମୁଁ କିଛି ଯୋଜନା ବିଷୟରେ ଉଲ୍ଲେଖ କରିବି, ଯାହା ସାଧାରଣ ନାଗରିକଙ୍କ ଜୀବନକୁ ସୁଖଦ, ସ୍ୱାଚ୍ଛନ୍ଦ ଓ ସ୍ୱାବଲୀଳ କରିପାରିଛି । ଯେପରିକି ସ୍ୱଚ୍ଛ ଭାରତ ଅଭିଯାନ, ଉଜ୍ଜ୍ୱଳା ଯୋଜନା, ଜନଧନ ଯୋଜନା, ଆୟୁଷ୍ମାନ ଭାରତ, ଆୟୁଷ୍ମାନ ବୟୋବନ୍ଦନା ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜିଏସଟି, ମେକ ଇନ ଇଣ୍ଡିଆ, କିଶାନ ସମ୍ମାନ ନିଧି, ଡିଜିଟାଲ ଇଣ୍ଡିଆ, ନୂତନ ଶିକ୍ଷାନୀତି-୨୦୨୦ ଇତ୍ୟାଦି । ଏହିସବୁ ଯୋଜନାର ଫଳସ୍ୱରୂପ ମୋଦୀଙ୍କ କାର୍ଯ୍ୟକାଳ ମଧ୍ୟରେ ଭାରତର ପ୍ରାୟ ୨୫କୋଟି ଲୋକ ବହୁମୁଖୀ ଦାରିଦ୍ର୍ୟର ଉପରକୁ ଉଠି ପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଅଭିଭାଷଣରେ କହିଛନ୍ତି । ଗତ ପ୍ରାୟ ୧୯ ମାସ ହେବ ଓଡ଼ିଶା ବି ଏହି ଦ୍ରୁତ ବିକାଶର ଯାତ୍ରୀ ହୋଇଛି । ରାଜ୍ୟବାସୀଙ୍କ ଭଲପାଇବା ତଥା ଅସୀମ ଆର୍ଶୀବାଦକୁ ପାଥେୟ କରି ସାଧାରଣ ଜନତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମ ସରକାର ଅନବରତ ଭାବେ କାର୍ଯ୍ୟ କରୁଛି । ଆମର ଲକ୍ଷ୍ୟ ହେଉଛି ଆସନ୍ତା ୧୦ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ କରିବା। ଯେତେବେଳେ ୨୦୩୬ ମସିହାରେ ଆମେ ସ୍ୱତନ୍ତ୍ର ପ୍ରଦେଶ ଗଠନର ଶତବାର୍ଷିକୀ ପାଳନ କରିବା, ଆମ ରାଜ୍ୟ ଦେଶର ସର୍ବଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଥିବ । ଏହି ସ୍ୱପ୍ନକୁ ପୂରଣ କରିବା ପାଇଁ ରାଜ୍ୟର ପ୍ରତ୍ୟେକ ନାଗରିକ, ପ୍ରତ୍ୟେକ ଅଂଚଳ, ପ୍ରତ୍ୟେକ ଜିଲ୍ଲା ସମୃଦ୍ଧ ହେବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ତାଙ୍କ ଉଦବୋଧନରେ କହିଛନ୍ତି । ଏଥିପାଇଁ ଆମ ସରକାର ମୋଦୀଙ୍କର ମନ୍ତ୍ର "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଓ ସବକା ପ୍ରୟାସ" ମନ୍ତ୍ରରେ ଉଦବୃଦ୍ଧ ହୋଇ କାର୍ଯ୍ୟ କରୁଛି । ବର୍ତ୍ତମାନ ସମାଜର ଏକ ଦ୍ରୁତ ପରିବର୍ତ୍ତନଶୀଳ ବାତାବରଣ ସୃଷ୍ଟି ହୋଇଛି । କ୍ଷିପ୍ର ଗତିରେ ଟେକୋନୋଲୋଜି ବଦଳୁଛି । ଏଥି ସହିତ ତାଳ ଦେଇ ନଚାଲିଲେ, ଆମେ ପଛରେ ପଡ଼ିଯିବା । ତେଣୁ ନୂତନ ବୈଷୟିକ ଜ୍ଞାନ କୌଶଳକୁ ଆଦୃତ କରି ରାଜ୍ୟକୁ ବିକାଶର ଶୀର୍ଷରେ ପହଞ୍ଚାଇବା ପାଇଁ ଆମେ କାର୍ଯ୍ୟ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ମତବ୍ୟକ୍ତ କରିଥିଲେ । ଆସନ୍ତା କିଛି ବର୍ଷ ମଧ୍ୟରେ ରାଜ୍ୟରେ ପ୍ରାଥମିକ ତଥା ଉଚ୍ଚ ଶିକ୍ଷାର ସ୍ୱରୂପ ସଂପୂର୍ଣ୍ଣ ଭାବେ ବଦଳିବାକୁ ଯାଉଛି । ଏହି କିଛି ଦିନ ପୂର୍ବେ ବାଣପୁରଠାରେ ମା ଭଗବତୀଙ୍କ ଆର୍ଶିବାଦ ନେଇ ମୁଁ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲି । ଏହି ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଆସନ୍ତା ଦିନରେ ଦେଶରେ ଏକ ମଡ଼େଲ ହେବାକୁ ଯାଉଛି । "ଲକ୍ଷପତି ଦିଦି" ଯୋଜନାରେ ଓଡ଼ିଶାରେ ସର୍ବାଗ୍ରେ ରହିଛି । କାରଣ ଆମ ପାଇଁ ମହିଳା ସଶକ୍ତିକରଣ ହେଉଛି ଏକ ପ୍ରତିବଦ୍ଧତା ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ତାଙ୍କ ଉଦବୋଧନରେ କହିଥିଲେ ।

ଚଳିତଥର ସାଧାରଣତନ୍ତ୍ର ଦିବସ ପରେଡ଼ରେ ୯ଟି ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ ସ୍ଥାନ ପାଇଥିଲା । ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜିଲ୍ଲାସ୍ତରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ୨୧ଜଣ ବ୍ୟକ୍ତିବିଶେଷ ଓ ୩ଟି ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରିଥିଲେ । ପରେ ପରେ ବିଭିନ୍ନ ପ୍ରତିଯୋଗିତାର ୨୪ଜଣ କୃତି ପ୍ରତିଯୋଗୀଙ୍କୁ ମୁଖ୍ୟମନ୍ତ୍ରୀ ପୁରସ୍କୃତ କରିଥିଲେ । ପରେଡ଼ରେ ମୋଟ ୪୬ଟି ଦଳ ଅଂଶଗ୍ରହଣ କରିଥିଲା । ପରେ ପରେ ମୁଖ୍ୟମନ୍ତ୍ରୀ ଜବାହାରଲାଲ ନେହେରୁ ଇଣ୍ଡୋରଷ୍ଟାଡ଼ିୟମଠାରେ ବାଲ୍ୟ ବିବାହ ମୁକ୍ତ ଅଭିଯାନର ୧୦୦ଦିନିଆ କାର୍ଯ୍ୟକ୍ରମର ଅଂଶବିଶେଷ ଭାବରେ ଏକ ସାଇକେଲ ରାଲିକୁ ପତାକା ଦେଖାଇ ଉଦଘାଟନ କରିବା ସହ ନିଜେ ସାଇକେଲ ମଧ୍ୟ ଚଲାଇଥିଲେ। ପରେ ଜବାହାରଲାଲ ନେହେରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ । ସେଠାରେ ଆୟୋଜିତ ଏକ ପୁସ୍ତକ ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଉଦଘାଟନ କରିଥିଲେ । ଶେଷରେ ଏନଡିଆରଏଫ ପକ୍ଷରୁ ଆୟୋଜିତ ପ୍ରଦର୍ଶନୀକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସୌଭିକ ବିଶ୍ୱାଳ, ସୋଫିଆ ଫିର୍ଦୋଷ, ପ୍ରକାଶ ଚନ୍ଦ୍ର ସେଠୀ ଓ ଛବି ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ । ପତାକା ଉତ୍ତୋଳନ ମଂଚରେ ପୋଲିସ କମିଶନର ଏସ ଦେବଦତ୍ତ ସିଂହ, ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେ, ଡିସିପି ରିଶିକେଶ ଖିଲାରୀ ଓ ସିଏମସି କମିଶନର କିରଣଦୀପ କୌର ସହୋତା ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାରଙ୍କ ଘୋଷଣା ଚାଷୀଙ୍କ ପ୍ରତି ପ୍ରତାରଣା: କଂଗ୍ରେସ

**ଭୁବନେଶ୍ୱର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ଖରିଫ ଧାନ କ୍ରୟରେ ରାଜ୍ୟବ୍ୟାପୀ ଅବ୍ୟବସ୍ଥା। ବିଳମ୍ବରେ ମଣ୍ଡି ଖୋଲିବା, ମିଲର ସହ ଭିତିରିଆ ସଲାସୁତୁରା, ଓଜନରେ ତୃଟୀ, କଟନି ଛଟନି, ଅଖା ଓ ପରିବହନ ଖର୍ଚ୍ଚ ନ ଦେବା, ତୃଟିପୂର୍ଣ୍ଣ ଟୋକନ ଇସ୍ୟୁ ଯୋଗୁଁ ଚାଷୀ ନାହିଁ ନ ଥିବା ଅଭାବନୀୟ ପରିସ୍ଥିତିରେ ସମ୍ମୁଖୀନ ହେଉଛନ୍ତି। ଲକ୍ଷ୍ୟଧାର୍ଯ୍ୟ ମୁତାବକ ମଣ୍ଡିରୁ ଧାନ ଉଠୁନାହିଁ କି କ୍ରୟ କରାଯାଉ ନାହିଁ। ଯେଉଁଠି ଚାଷୀଙ୍କୁ ଗତବର୍ଷ ୧୦୦ କ୍ୱିଣ୍ଟାଲ ଧାନ କ୍ରୟ ପାଇଁ ଟୋକନ ଆସିଥିଲା ଚଳିତ ଥର ତାହା ଅଧାକୁ କମାଇ ଦିଆଯାଇଛି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ତଥା ପିସିସି ସମବାୟ ପ୍ରକୋଷ୍ଠର ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ ସରକାରଙ୍କ ଏପରି ଦୋମୁହଁ ନୀତିକୁ ତୀବ୍ର ସମାଲୋଚନା କରିଛନ୍ତି। ସରକାର କହିଲେ ଚାଷୀର ଯେତେ ବଳକା ଧାନ ତାହାକୁ ନିର୍ଦ୍ଧାରିତ ୩୧୬୯ଟଙ୍କା କ୍ୱିଣ୍ଟାଲ ପିଛା କ୍ରୟ କରିବେ। କିନ୍ତୁ ଏବେ ବହୁ ଜାଗାରେ ୧୫୦ କ୍ୱିଣ୍ଟାଲ ପିଛା ଧାନ କ୍ରୟ କରାଗଲେ ଇନପୁଟ୍ ସହାୟତା ୮୦୦ ଟଙ୍କା ଦିଆଯିବ ନାହିଁ। ମୋଟ ମୋଟି ଭାବେ ବର୍ତ୍ତମାନ ସୁଦ୍ଧା ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୩୫ ପ୍ରତିଶତ ଧାନ କ୍ରୟ କରାଯାଇ ନାହିଁ। ଗତବର୍ଷ ତୁଳନାରେ ୮୦୦ଟଙ୍କା ଇନପୁଟ୍ ସହାୟତା ନ ଦେବା ଆଗରେ ଧାନ କ୍ରୟ କରିବାରେ ବିଳମ୍ବ ଘଟୁଛି। ମୁଖ୍ୟମନ୍ତ୍ରୀ, କୃଷିମନ୍ତ୍ରୀ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀଙ୍କ ବାଚାଳାମୀ ସ୍ଲୋଗାନ ଚାଷୀର କଟା ଘାରେ ଚୂନ ସଦୃଶ। ତଥ୍ୟାନୁସାରେ ଯାହା ଜଣାଯାଏ ରାଜ୍ୟର ୧୯ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ପଞ୍ଜିକୃତ ଚାଷୀଙ୍କଠାରୁ ଏବେସୁଦ୍ଧା ୭ଲକ୍ଷ ୭୦ ହଜାର ଚାଷୀଙ୍କଠାରୁ ମାତ୍ର ୩୪ଲକ୍ଷ ମେଟ୍ରିକ୍ ଟନ୍ ଧାନ କ୍ରୟ କରାଯାଇଛି। ଯାହାକି ଗତବର୍ଷ ତୁଳନାରେ ଯଥେଷ୍ଟ କମ୍। ଏହି ସରକାର ଅଣ୍ଡାରେ ନ ଥାଇ ଧନ ପୁଅ ବାହାକରି ମନ ପରି ଚାଷୀଙ୍କୁ ଭୁଲାଉଛନ୍ତି। ସବୁଜାଗାରେ ମଣ୍ଡି ଖୋଲିବା ପରିବର୍ତ୍ତେ ଅନେକ ସ୍ଥାନରେ ଅଦ୍ୟାବଧି ମଣ୍ଡି ଖୋଲିନାହିଁ। ପୁରୀ, ଜଗତସିଂହପୁର, ଭଦ୍ରକ କଥା କହିଲେ ନ ସରେ। ଏହାର ଦୃଢ଼ ପ୍ରତିବାଦ କରି ଗତ ନଭେମ୍ବର ୨୮ ଧାନ କିଣା ଆରମ୍ଭଠାରୁ ପିସିସି ସଭାପତି ଭକ୍ତଦାସଙ୍କ ଆହ୍ୱାନରେ ସାରା ରାଜ୍ୟରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ଆନ୍ଦୋଳନକୁ ଦୁର୍ବାର କରିବାରେ ବିଭିନ୍ନ କୃଷକ ସଂଗଠନ ଆଗେଇ ଆସିବା ସହ ରାଜ୍ୟର ଅନ୍ୟତମ ଅଗ୍ରଣୀ ନବ ନିର୍ମାଣ କୃଷକ ସଂଗଠନ ଚଳିତ ଜାନୁଆରୀ ୨୮ ତାରିଖ ଦିନଟିକୁ ରାଜ୍ୟବ୍ୟାପୀ ଆନ୍ଦୋଳନର ଡାକରା ଦେଇଛି। ଏହି ଆନ୍ଦୋଳନକୁ କଂଗ୍ରେସ ପକ୍ଷରୁ ପଞ୍ଚାୟତ ସ୍ତରରୁ ରାଜ୍ୟ ପର୍ଯ୍ୟନ୍ତ ଦୃଢ଼ ସମର୍ଥନ କରାଯାଇଛି ବୋଲି ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇବା ସହିତ ସମସ୍ତ ଚାଷୀ ସଂଗଠନ ଓ ରାଜ୍ୟର ଚାଷୀ ଭାଇ ଭଉଣୀ ଏବଂ କିଷାନ କଂଗ୍ରେସ କର୍ମକର୍ତ୍ତା ଓ ସମବାୟ ପ୍ରେମୀମାନେ ବହୁଳ ସଂଖ୍ୟାରେ ସାମିଲ ହୋଇ ରାଜ୍ୟ ସରକାରଙ୍କ ଏପରି ଚାଷୀମାରଣ ନୀତି ବିରୁଦ୍ଧରେ ଶାନ୍ତିପୂର୍ଣ୍ଣ ଭାବେ ଓଡ଼ିଶା ବନ୍ଦ କରିବାକୁ ଅନୁରୋଧ କରିଛନ୍ତି।

# ସମାଜସେବୀ ଗ୍ରାମ ମୁରବୀଙ୍କ ମୃତ୍ୟୁ

**ମାର୍ଶାଘାଇ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାର୍ଶାଘାଇ ବ୍ଲକ ଶିଳିପୁର ଗ୍ରାମପଂଚାୟତ ଉଅଁରମୁଣ୍ଡ ଗ୍ରାମର ମୁରବୀ ବାବାଜୀ ଚରଣ ବେଉରାଙ୍କ(୭୭) ବର୍ଷ ବୟସରେ ହୃଦଘାତରେ ପରଲୋକ ହୋଇଛି । ସ୍ୱର୍ଗତ ବେଉରା ମଧ୍ୟାହ୍ନରେ ନିଜ ବାଡିରେ ଥିବା ପାଇଖାନାକୁ ଯାଇଥିଲେ । ଦୀର୍ଘ ସମୟଧରି ସେ ସେଠାରୁ ନଫେରିବାରୁ ତାଙ୍କ ପରିବାର ଲୋକେ ଯାଇ ଦେଖିଲା ବେଳକୁ ସେ ପାଇଖାନାରେ ଅଚେତ ଅବସ୍ଥାରେ ପଡିଥିଲେ । ତାଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଶ୍ରୀ ବେଉରା ଜଣେ ମିଷ୍ଟଭାଷୀ, ସ୍ପଷ୍ଟବାଦୀ ଓ ନ୍ୟାୟପରାୟଣ ବ୍ୟକ୍ତି ଥିଲେ । ସେ ତାଙ୍କ ନ୍ୟାୟ ଓ ବିଚାରଧାରା ପାଇଁ ଆଖପାଖ ବହୁ ପଂଚାୟତରେ ସୁନାମ ଅର୍ଜନ କରିଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ତାଙ୍କର ମରଶରୀରକୁ ଏକ ଶୋଭାଯାତ୍ରାରେ ଗ୍ରାମ ମଶାଣୀକୁ ନିଆଯାଇଥିଲା । ତାଙ୍କର ୨ ପୁଅ ସୁଧୀର, ଶିଶିର ଓ ଅମ୍ୱିୟ ସୋଜନ ସମେତ ପଂଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ଶବ ସତ୍କାର କରାଯାଇଥିଲା । ବଡପୁଅ ସୁଧୀର ମୁଖାଗ୍ନି ଦେଇଥିଲେ।

# ୟୁଜିସିର ନୂଆ ନିୟମକୁ ବିରୋଧ: ୟୁପିରେ ସବର୍ଣ୍ଣ ସାଂସଦଙ୍କୁ ଚୁଡ଼ି ପଠାଗଲା

**ନୂଆଦିଲ୍ଲୀ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ନୂତନ ନିୟମକୁ ବିରୋଧ କରି ସାରା ଦେଶରେ ସାଧାରଣ ବର୍ଗର ଛାତ୍ର ଓ ଉଚ୍ଚ ଜାତିର ଲୋକଙ୍କ ବିକ୍ଷୋଭ ତୀବ୍ର ହୋଇଛି। ନୂଆଦିଲ୍ଲୀସ୍ଥିତ ୟୁଜିସି ମୁଖ୍ୟାଳୟ ବାହାରେ ସୁରକ୍ଷା ବୃଦ୍ଧି କରାଯାଇଛି। ବିକ୍ଷୋଭକାରୀଙ୍କୁ କ୍ୟାମ୍ପସ ଭିତରକୁ ନ ଛାଡିବା ପାଇଁ ବହୁ ସଂଖ୍ୟକ ବ୍ୟାରିକେଡ୍ ଲଗାଯାଇଛି।

ଲକ୍ଷ୍ନୌ, ରାୟବରେଲି, ବାରାଣସୀ, ମେରଠ, ପ୍ରୟାଗରାଜ ଓ ସୀତାପୁରରେ ଛାତ୍ର, ଯୁବକ ଓ ବିଭିନ୍ନ ସଂଗଠନ ଉତ୍ତରପ୍ରଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ। ରାଏବରେଲିରେ ବିଜେପି କୃଷକ ନେତା ରମେଶ ବାହାଦୂର ସିଂହ ଓ ଗୋରକ୍ଷା ଦଳର ସଭାପତି ମହେନ୍ଦ୍ର ପାଣ୍ଡେ ଉଚ୍ଚଜାତିର ସାଂସଦଙ୍କ ନିକଟକୁ ଚୁଡ଼ି ପଠାଇଛନ୍ତି। ୟୁପି ବରେଲିର ସିଟି ମାଜିଷ୍ଟ୍ରେଟ୍ ଅଲଙ୍କାର ଅଗ୍ନିହୋତ୍ରୀ ଏହି ନୂଆ ନିୟମକୁ ବିରୋଧ କରି ଇସ୍ତଫା ଦେଇଛନ୍ତି। କୁମାର ବିଶ୍ୱାସ ୟୁଜିସିର ନୂତନ ନିୟମକୁ ସମାଲୋଚନା କରିଛନ୍ତି। ସେ ସୋସିଆଲ ମିଡିଆରେ ଲେଖିଛନ୍ତି, 'ଚାହେ ତିଲ ଲୋ ୟା ତାଡ ଲୋ ରାଜା, ରାଇ ଲୋ ୟା ପହାଡ ଲୋ ରାଜା, ମୈଁ ଅଭାଗା ସବର୍ଣ୍ଣ ହୁଁ... ମେରା ରୋଂୟା-ରୋଂୟା ଉଖାଡ ଲୋ ରାଜା'।




ଜାନୁଆରି ୧୩ରେ ୟୁଜିସି ଏହାର ନୂତନ ନିୟମକୁ ସୂଚିତ କରିଥିଲା। ଏହାର ନାମ ହେଉଛି 'ଉଚ୍ଚ ଶିକ୍ଷା ପ୍ରତିଷ୍ଠାନରେ ସମାନତା ପ୍ରୋତ୍ସାହନ ନିୟମାବଳୀ, ୨୦୨୬'। ଏହା ଅଧୀନରେ କଲେଜ ଓ ବିଶ୍ୱବିଦ୍ୟାଳୟରେ ଜାତିଭିତ୍ତିକ ଭେଦଭାବକୁ ରୋକିବା ପାଇଁ ସ୍ୱତନ୍ତ୍ର କମିଟି, ହେଲ୍ପଲାଇନ ଓ ମନିଟରିଂ ଟିମ୍ ଗଠନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଟିମ୍ ଏସସି, ଏସଟି ଓ ଓବିସି ଛାତ୍ରମାନଙ୍କ ଅଭିଯୋଗକୁ ବିଶେଷ ଭାବରେ ଦେଖିବେ। ସରକାର କହିଛନ୍ତି ଯେ, ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ନିରପେକ୍ଷତା ଓ ଉତ୍ତରଦାୟିତ୍ୱ ଆଣିବା ପାଇଁ ଏହି ପରିବର୍ତ୍ତନ କରାଯାଇଛି। କିନ୍ତୁ ନିୟମ ସାଧାରଣ ବର୍ଗର ବିରୋଧୀ ବୋଲି କହି ଏହାକୁ ବିରୋଧ କରାଯାଉଛି। ସମାଲୋଚକମାନେ କହିଛନ୍ତି ଯେ, ଉଚ୍ଚଜାତିର ଛାତ୍ରମାନଙ୍କୁ 'ସ୍ୱାଭାବିକ ଅପରାଧୀ' ବନାଇ ଦିଆଯାଇଛି। ସାଧାରଣ ବର୍ଗର ଛାତ୍ରମାନେ କହିଛନ୍ତି ଯେ, ନୂତନ ନିୟମ କଲେଜ କିମ୍ବା ବିଶ୍ୱବିଦ୍ୟାଳୟ ପରିସରରେ ସେମାନଙ୍କ ବିରୋଧରେ ଭେଦଭାବକୁ ପ୍ରୋତ୍ସାହିତ କରିପାରେ। ଏହା କଲେଜରେ ବିଶୃଙ୍ଖଳା ସୃଷ୍ଟି କରିବ।

ଜାତିଗତ ଭେଦଭାବର ସଂଜ୍ଞାରେ କୁହାଯାଇଛି, ଜାତି, ଧର୍ମ, ଜାତି, ଲିଙ୍ଗ, ଜନ୍ମ ସ୍ଥାନ, ଅକ୍ଷମତା ଆଧାରରେ କୌଣସି ଅନ୍ୟାୟ କିମ୍ବା ପକ୍ଷପାତିତା ଆଚରଣ, ଯାହା ଶିକ୍ଷାରେ ସମାନତା ପାଇଁ ପ୍ରତିବନ୍ଧକ କିମ୍ବା ମାନବ ସମ୍ମାନ ବିରୁଦ୍ଧ, ଜାତିଗତ ଭେଦଭାବ ଭାବରେ ବିବେଚନା କରାଯିବ। ଏହି ସଂଜ୍ଞାରେ, ଅନୁସୂଚିତ ଜାତି/ଜନଜାତି ବ୍ୟତୀତ ଅନ୍ୟ ଓବିସି ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି। ସେମାନଙ୍କ ପ୍ରତି କୌଣସି ଅନ୍ୟାୟ କିମ୍ବା ପକ୍ଷପାତିତା ଆଚରଣକୁ ଜାତିଭିତ୍ତିକ ଭେଦଭାବ ବିବେଚନା କରାଯିବ। ଡ୍ରାଫ୍ଟରେ ମିଥ୍ୟା ଅଭିଯୋଗ ହ୍ରାସ କରିବାର ବ୍ୟବସ୍ଥା ଥିଲା। ଏଥିରେ କୁହାଯାଇଛି ଯେ ଯଦି କାହା ବିରୋଧରେ ମିଥ୍ୟା ଅଭିଯୋଗ କରାଯାଏ, ତେବେ ଅଭିଯୋଗକାରୀଙ୍କୁ ଆର୍ଥିକ ଜରିମାନା କିମ୍ବା କଲେଜରୁ ନିଲମ୍ବିତ କରାଯାଇପାରେ। ଏହି ବ୍ୟବସ୍ଥା ବର୍ତ୍ତମାନ ଲାଗୁ ହୋଇଥିବା ଚୂଡ଼ାନ୍ତ ନିୟମରୁ ହଟାଇ ଦିଆଯାଇଛି, ଯାହା ବିରୋଧର ଅନ୍ୟତମ ମୁଖ୍ୟ କାରଣ। ଏହି ବ୍ୟବସ୍ଥା ଫଳରେ ସାଧାରଣବର୍ଗକୁ କେବଳ ଅଭିଯୁକ୍ତ ବିବେଚନା କରାଯିବ, ପୀଡିତ ମନାଯିବ ନାହିଁ। ତାଙ୍କର କୌଣସି ଅଭିଯୋଗକୁ ଗ୍ରହଣ କରାଯିବ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ଆମେରିକାରେ ଶୀତଝଡ଼...

କେନେଡି ଅନ୍ତର୍ଜାତୀୟ ବିମାନ ବନ୍ଦରରେ ସେବା ପ୍ରଭାବିତ ହୋଇଛି। ଆମେରିକୀୟ ଏୟାରଲାଇନ୍ସ ଗ୍ରୁପ୍ ଇଙ୍କ୍ ଫ୍ଲାଇଟ୍ ଆୱେର୍ ଅନୁଯାୟୀ, ସୋମବାର ଏହାର ନିର୍ଦ୍ଧାରିତ ବିମାନର ଅଧାରୁ ଅଧିକ ବାତିଲ କରାଯାଇଥିବା ବେଳେ ମଙ୍ଗଳବାର ପ୍ରାୟ ୫୦୦ ମେନ୍ ଲାଇନ୍ ଓ ଆଞ୍ଚଳିକ ସେବାକୁ ବନ୍ଦ କରାଯାଇଛି। ଡାଟା ପ୍ରୋଭାଇଡର ଅନୁଯାୟୀ, ମଙ୍ଗଳବାର ନ୍ୟୁୟର୍କ ସମୟ ମଙ୍ଗଳବାର ରାତି ୧ଟା ସୁଦ୍ଧା ପ୍ରାୟ ୧,୦୦୦ ବିମାନ ବାତିଲ କରାଯାଇଛି। ତଥାପି ଏହା ରବିବାର ଓ ସୋମବାରର ମୋଟ ୧୧,୬୦୦ ବାତିଲ ତୁଳନାରେ ଯଥେଷ୍ଟ କମ୍। ବିମାନସେବାର ସମ୍ପୂର୍ଣ୍ଣ ପୁନରୁଦ୍ଧାର ପାଇଁ ଅନେକ ଦିନ ଲାଗିବ ବୋଲି କୁହାଯାଉଛି।

ଖବର ଅନୁଯାୟୀ, ପ୍ରବଳ ଥଣ୍ଡାରେ ପୀଡିତ ସମଗ୍ର ଆମେରିକାରେ ଅତି କମ୍‌ରେ ୩୦ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମାସାଚୁସେଟ୍ସ ଓ ଓହିଓରେ ରାସ୍ତାରୁ ବରଫ ହଟାଇବା ଗାଡି ଚଢ଼ିଯିବାରୁ ଦୁଇଜଣ ବ୍ୟକ୍ତି ମୃତ୍ୟୁବରଣ କରିଥିଲେ। ଆର୍କାନସାସ୍ ଓ ଟେକ୍ସାସରେ ସ୍ଲେଡିଂ ଦୁର୍ଘଟଣାରେ କିଶୋରମାନଙ୍କ ମୃତ୍ୟୁ ଘଟିଥିଲା। ଜଣେ ମହିଳାଙ୍କ ମୃତଦେହ ପୁଲିସ ଦ୍ୱାରା ବରଫରେ ଆଚ୍ଛାଦିତ ହୋଇଥିବା ଦେଖିବାକୁ ମିଳିଥିଲା। ନ୍ୟୁୟର୍କ ସହରରେ ଶୀତଝଡ ଭିତରେ ବାହାରେ ଆଠ ଜଣ ଲୋକଙ୍କ ମୃତଦେହ ମିଳିଛି।

ସୋମବାର ସନ୍ଧ୍ୟାରେ ଦେଶରେ ୫୬୦,୦୦୦ରୁ ଅଧିକ ସ୍ଥାନରେ ବିଦ୍ୟୁତ୍ ବିଭ୍ରାଟ ହୋଇଥିଲା। ପ୍ରବଳ ଥଣ୍ଡା ସହ ବିଦ୍ୟୁତ୍ ବିଭ୍ରାଟ ଜନଜୀବନକୁ ଅସ୍ତବ୍ୟସ୍ତ କରିଥିଲା। ଅନେକ ଜାଗାରେ ଶୀତଝଡରେ ଗଛର ଡାଳ ଭାଙ୍ଗିଥିବା ଓ ବିଦ୍ୟୁତ୍ ତାର ଛିଡିଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ପୁନରୁଦ୍ଧାର ପାଇଁ କିଛି ଦିନ ଲାଗିପାରେ ବୋଲି ଅଧିକାରୀମାନେ ଚେତାବନୀ ଦେଇଛନ୍ତି। ଅନେକ ଜିଲ୍ଲାରେ ସ୍କୁଲ-କଲେଜ ବନ୍ଦ ହେବା ସହ ଅନ୍ୟମାନେ ଅନଲାଇନ ପାଠପଢ଼ାକୁ ଫେରିଛନ୍ତି। ଆମେରିକାର ଦୁଇତୃତୀୟାଂଶକୁ କଷ୍ଟ ଦେଉଥିବା ପ୍ରବଳ ଥଣ୍ଡା ଦୂର ନ ହେଉଣୁ ସୋମବାର ପାଣିପାଗ ସେବା କହିଛି ଯେ, ମେରୁ ବାୟୁର ଏକ ନୂତନ ପ୍ରବାହ ବିଯୁକ୍ତ ତାପମାତ୍ରା ବଜାୟ ରଖିବ ଓ ଆଉ ଏକ ଶୀତଝଡ ଆସିବ ବୋଲି ଆଶା କରାଯାଉଛି। ଜାତୀୟ ପାଣିପାଗ ସେବା ଏହି ସପ୍ତାହ ଶେଷରେ ଆଉ ଏକ ସମ୍ଭାବ୍ୟ ଗୁରୁତ୍ୱପୂର୍ଣ୍ଣ ଶୀତ ଝଡ଼ ବିଷୟରେ ଚେତାବନୀ ଦେଇଛି।

### ପୋଲିସ ଉପସ୍ଥିତିରେ...

ବାନ୍ଧି ଉଡ଼ାଇ ଦେଇଥିଲେ। ନା ଜାତୀୟ ପତାକା ପ୍ରତି ସମ୍ମାନ ରହିଛି ନା ଦେଶ ପ୍ରେମର ଭାବନା। କେବଳ ବାଧ ବାଧକତାରେ ଏଭଳି କାର୍ଯ୍ୟକୁ ଆଉଥରେ ଜନସାଧାରଣ ଓ ପୋଲିସ କର୍ମଚାରୀମାନେ ବିରୋଧ କରିବାରୁ ବାଧବାଧକତାରେ ୧ ଘଣ୍ଟା ପରେ ବଜାରରୁ ଆସିଥିଲା ନୂଆ ପତାକା ଓ ପୁନଃ ବାଉଁଶଟିକୁ ଉପଡା ଯାଇ ବନ୍ଧା ଯାଇଥିଲା ନୂଆ ପତାକା। ଏମିତିକି ପତାକାକୁ ୨ଥର ଅବତରଣ ଓ ୩ଥର ଉତ୍ତୋଳନ କରାଯାଇଥିବା ଦେଖାଯାଇଥିଲା। ତେବେ ଏତେ ସବୁ ଘଟଣା ପରେ ମଧ୍ୟ ଅଙ୍ଗନୱାଡି କେନ୍ଦ୍ରର କର୍ମୀଙ୍କ ମନ ଶାନ୍ତି ହୋଇନଥିଲା। ଶେଷରେ ସାଢେ ୪ ଟା ବେଳେ ପତାକାକୁ ଅବତରଣ କରି ଗେଟ ତାଲା ମାରି ଚାଲି ଯାଇଥିଲେ।

ପ୍ରଶ୍ନ ଉଠେ କର୍ମୀଙ୍କର ଜାତୀୟ ପତାକା ବିଷୟରେ ଜ୍ଞାନ ନାହିଁ ନା ଜାଣିଶୁଣି ହେୟଜ୍ଞାନ କରି ପତାକାକୁ କରିଛନ୍ତି ଅସମ୍ମାନ? ଅବୋଧ କୁନିକୁନି ପିଲାଙ୍କ ଭବିଷ୍ୟ ଗଢିବାରେ ସରକାରଙ୍କ ସହାୟତାରେ ଚାଲୁଥିବା ଏହି କେନ୍ଦ୍ରରେ ପିଲାମାନଙ୍କୁ କିପରି ଦିଆଯାଉଛି ଶିକ୍ଷା? ଏହି ଘଟଣା ଜାଣିବା ପରେ ସ୍ଥାନୀୟ ପ୍ରଶାସନ ଓ ମହିଳା ଓ ଶିଶୁ ବିକାଶ ବିଭାଗ କି ପ୍ରକାର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ଦେଖିବାକୁ ବାକି ରହିଲା। ଏଭଳି ଘଟଣାକୁ ନେଇ ବିଭିନ୍ନ ମହଲରେ କ୍ଷୋଭ ପ୍ରକାଶ ପାଇବା ସହିତ ଏଭଳି ଅକ୍ଷମଣୀୟ ଅପରାଧୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ପ୍ରକାଶ ପାଇଛି।

### ଉଓରପୀଡ଼ିଙ୍କ ଚିନ୍ତା...

ଉଦ୍ୟାନ କୃଷି ବିଭାଗର ଜିଲ୍ଲାରେ ବ୍ୟାପକ ନଡ଼ିଆ ଗଛ ରୋପଣ ଓ ବନୀକରଣ, ବନବିଭାଗର ପେଣ୍ଠ, ଜଗତଜୋର ଠାରେ ହେନ୍ତାଳବଣ ସୃଷ୍ଟି କାଗଜପତ୍ରରେ ସୀମିତ ହୋଇଛି । ସେହିପରି ବିଭିନ୍ନ ସ୍ୱେଚ୍ଛାସେବୀ ଓ ପ୍ରକୃତିପ୍ରେମୀ ଗଛ ଲଗାଉଥିଲେ ମଧ୍ୟ ପରବର୍ତି ସମୟରେ ଉପଯୁକ୍ତ ରକ୍ଷଣାବେକ୍ଷଣ ହେଉନାହିଁ । ଗତ ବର୍ଷ ବ୍ୟାପକ ବୃକ୍ଷରୋପଣ କେବଳ ପ୍ରଚାର ସର୍ବସ୍ୱହୋଇ ରହିଯାଇଛି । ଏହା ବ୍ୟତିତ ଏହି ଜିଲାରେ ଗଛ ସୁରକ୍ଷାରେ ଅନୁପ୍ରବେଶକାରୀ ଓ ଚିଙ୍ଗୁଡି ଘେରି ପ୍ରତିବନ୍ଧକ ସାଜିଛି । ପ୍ରବଳ ମାତ୍ରାରେ ଜଙ୍ଗଲ ଜମି ଜବର ଦଖଲ ସହ ଗଛକଟା ହେଉଛି । ଏହିଭଳି ଏକ ପରିସ୍ଥିତିରେ ଜିଲ୍ଲାର ତଟାଞ୍ଚଳରେ ହେନ୍ତାଳ ଜଙ୍ଗଲକୁ ବ୍ୟାପକ କରିବା ସହିତ ଅନ୍ୟତ୍ର ବିପୁଳ ସଂଖ୍ୟାରେ ପାରମ୍ପାରିକ ବର, ଓସ୍ତ, ଆମ୍ବ, ବଉଳ, ପଣସ, ତାଳ ଆଦି ବୃକ୍ଷରୋପଣ ପାଇଁ ପ୍ରଶାସନ ଏକ ସମନ୍ୱିତ ଯୋଜନା ପ୍ରସ୍ତୁତ କରିବା ସହ ଏହାକୁ ତୁରନ୍ତ କାର୍ଯ୍ୟକାରୀ ନକଲେ ଆଗାମୀ ବଂଶଧରମାନଙ୍କ ସୁରକ୍ଷା ବିପନ୍ନ ହେବ ବୋଲି ବୁଦ୍ଧିଜୀବି ଓ ପରିବେଶବିତ୍‌ମାନେ ଆଶଙ୍କା ବ୍ୟକ୍ତ କରୁଛନ୍ତି।

### ଆଜି ୪ ଘଣ୍ଟା...

ବନକଲାଗି ନୀତି ସମ୍ପୂର୍ଣ୍ଣ ହେବା ପରେ ଏବଂ ଶ୍ରୀଜୀଉଙ୍କ ମହାସ୍ନାନ ପରେ ପୁଣି ଥରେ ଶ୍ରଦ୍ଧାଳୁମାନେ ରତ୍ନସିଂହାସନରେ ବିରାଜିତ ଚତୁର୍ଦ୍ଧାମୂର୍ତ୍ତିଙ୍କ ଦର୍ଶନ ପାଇପାରିବେ। ଏଣୁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବାପରେ ଆପାତତଃ ସନ୍ଧ୍ୟା ଘ.୬.୦୦ ଟିକା ଠାରୁ ରାତ୍ର ଘ.୧୦.୦୦ ଟିକା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କୁ ଅନୁରୋଧ କରାଯାଇଛି ଯେ, ବନକଲାଗି ସମୟସୀମା ମଧ୍ୟରେ ସେମାନେ ମନ୍ଦିର ପରିସରରେ ରହିପାରିବେ ନାହିଁ। ଦୂରଦୂରାନ୍ତରୁ ଆସୁଥିବା ଭକ୍ତମାନେ ବନକଲାଗି ସମୟ ଜାଣି ସେହି ଅନୁସାରେ ଦର୍ଶନ ପାଇଁ ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି।

### ପେଟ୍ରୋଲ ମନା...

ସରକାର କାହାର ପ୍ରଦୂଷଣ ପ୍ରମାଣପତ୍ରକୁ ଅଟକାଇ ପାରିବେ ନାହିଁ କିମ୍ବା ଜରିମାନା ଭିରବାକୁ ବାଧ କରିପାରିବେ ନାହିଁ । ଏହି ମାମଲାର ଶୁଣାଣି କରି ବାହନ ପୋର୍ଟାଲରେ ତୁରନ୍ତ ସଂଶୋଧନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ପୂର୍ବରୁ ପ୍ରଦୂଷଣ ସାର୍ଟିଫିକେଟ ନଥିଲେ ପେଟ୍ରୋଲ ମିଳିବ ନାହିଁ ଏବଂ ଚାଲାଣ ନଭରିଲେ ପ୍ରଦୂଷଣ ସାର୍ଟିଫିକଟେ ମିଳିବ ନାହିଁ ବୋଲି ସରକାରୀ ସ୍ତରରେ ନିୟମ କରାଯାଇଥିଲା, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା।

### ରବିବାର...

ସମସ୍ତ ବଜେଟ୍ ଦସ୍ତାବିଜ ସାଂସଦ ଓ ସାଧାରଣ ଜନତାଙ୍କ ପାଇଁ ୟୁନିୟନ୍ ବଜେଟ୍ ମୋବାଇଲ୍ ଆପ୍ରେ ଉପଲବ୍ଧ ହେବ। ସଂସଦରେ ଅର୍ଥମନ୍ତ୍ରୀଙ୍କ ବଜେଟ୍ ଅଭିଭାଷଣ ଶେଷ ହେବା ପରେ ବଜେଟ୍ ଦସ୍ତାବିଜ୍ ମୋବାଇଲ୍ ଆପ୍ ଓ ୱେବସାଇଟରେ ଉପଲବ୍ଧ ହେବ।

### ପାରିବାରିକ କଳହରୁ...

ପଦକ୍ଷେପ ଉଠାଇଲେ ସେ ନେଇ ତାଙ୍କୁ ଅଟକ ରଖି ପଚରା ଉଚରା କରୁଛି ପୁଲିସ। ତେବେ ପାରିବାରିକ କଳହ ଯୋଗୁଁ ଏଭଳି ଘଟିଥିବା ଅନୁମାନ କରାଯାଉଛି।

# ଅଙ୍ଗନବାଡ଼ି ପିଲାଙ୍କ ପୋଷାକର ସରକାରୀ ମୂଲ୍ୟ ବୃଦ୍ଧି

**ଭୁବନେଶ୍ୱର,୨୭।୧; ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ଅଙ୍ଗନବାଡ଼ି କେନ୍ଦ୍ରରେ ପଢୁଥିବା କୋମଳମତି ଶିଶୁଙ୍କ ପାଇଁ ରାଜ୍ୟ ସରକାର ଏକ ବଡ଼ ଘୋଷଣା କରିଛନ୍ତି। ଏଣିକି ଅଙ୍ଗନବାଡ଼ି ପିଲାଙ୍କ ପୋଷାକ (ୟୁନିଫର୍ମ) ପାଇଁ ପୂର୍ବ ଅପେକ୍ଷା ଅଧିକ ଅର୍ଥ ପ୍ରଦାନ କରାଯିବ। ଦୀର୍ଘ ଦିନରୁ ପୋଷାକର ସରକାରୀ ମୂଲ୍ୟ ବୃଦ୍ଧି ପାଇଁ ହେଉଥିବା ଦାବିକୁ ବିଚାର କରି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନର ବଜାର ଦର ଏବଂ କପଡ଼ାର ମୂଲ୍ୟ ବୃଦ୍ଧି ଯୋଗୁଁ ପୂର୍ବରୁ ମିଳୁଥିବା ଅର୍ଥରେ ଭଲ ମାନର ପୋଷାକ ପ୍ରସ୍ତୁତ କରିବା ସମ୍ଭବ ହେଉନଥିଲା। ପିଲାମାନେ ଯେଭଳି ଉନ୍ନତ ମାନର ଏବଂ ଆରାମଦାୟକ ପୋଷାକ ପାଇପାରିବେ, ସେଥିପାଇଁ ସରକାରୀ ଅନୁଦାନ ରାଶିକୁ ବୃଦ୍ଧି କରାଯାଇଛି।

ରାଜ୍ୟର ସମସ୍ତ ସରକାରୀ ଅଙ୍ଗନବାଡ଼ି କେନ୍ଦ୍ରରେ ନାମ ଲେଖାଇଥିବା ପ୍ରାକ୍-ପ୍ରାଥମିକ ଶିଶୁମାନେ ଏହି ବର୍ଦ୍ଧିତ ମୂଲ୍ୟର ସୁବିଧା ପାଇବେ। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ଲକ୍ଷ ଲକ୍ଷ ପରିବାର ଉପକୃତ ହେବେ। ଅଙ୍ଗନବାଡ଼ି କେନ୍ଦ୍ର ଗୁଡ଼ିକରେ ଶିକ୍ଷାର ମାନ ବୃଦ୍ଧି ସହ ପିଲାଙ୍କୁ କେନ୍ଦ୍ର ପ୍ରତି ଆକୃଷ୍ଟ କରିବା ପାଇଁ ୟୁନିଫର୍ମ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ନୂତନ ମୂଲ୍ୟ ଧାର୍ଯ୍ୟ ହେବା ଫଳରେ ଏବେ ଶିଶୁମାନଙ୍କୁ ଦୁଇ ହଳ ନୂଆ ପୋଷାକ ଠିକ୍ ସମୟରେ ଏବଂ ଉଚିତ୍ ମାନର ଯୋଗାଇ ଦେବା ସହଜ ହେବ।

# ଶିକ୍ଷା ମନ୍ଦିରରେ ଜାତୀୟ ପତାକାକୁ ଅସମ୍ମାନ

**ରାଜନଗର,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ରାଜନଗର ବ୍ଲକ ନିଗମାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୁଣପଙ୍ଗରା ଠାରେ ୭୭ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ଖୋଲାଯିବାର ନିୟମ ରହିଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କା ତାହା କରିନଥିଲେ। ୨୬ତାରିଖ ଦିନ ପ୍ରଧାନ ଶିକ୍ଷୟିତ୍ରୀଙ୍କ ସ୍ୱାମୀ ଅନିରୁଦ୍ଧ ଯାଇ ଜାତୀୟ ପତାକାକୁ ଖୋଲିଥିଲେ। ଏ ସମ୍ପର୍କରେ ଗ୍ରାମର ଲୋକମାନେ ପ୍ରଧାନଶିକ୍ଷୟିତ୍ରୀ ଜାତୀୟ ପତାକାକୁ ଅବମାନନା ଓ ସରକାରୀ କାର୍ଯ୍ୟର ଘୋର ଅବହେଳା କରିଛନ୍ତି ବୋଲି ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀଙ୍କ ନିକଟରେ ଅଭିଯୋଗ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଶ୍ରୀ ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ସିଆରସିସି ସମରେନ୍ଦ୍ର ସାହୁଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ। ତଦନ୍ତ ରିପୋର୍ଟ ମିଳିବା ପରେ ଯାହା କିଛି ପଦକ୍ଷେପ ନିଆଯିବ ବୋଲି କହିଛନ୍ତି। ଅପରପକ୍ଷରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ମୋବାଇଲ ଯୋଗେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନଥଲେ। ଶିକ୍ଷୟିତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।

# ମିଳିତ ଜନଶୁଣାଣୀ ଶିବିରରେ ୫୯ ଅଭିଯୋଗ

**ମାର୍ଶାଘାଇ,୨୭।୧**
**ଏକ୍ସପ୍ରେସ୍ ନ୍ୟୁଜ୍**

ଆଜି ମାର୍ଶାଘାଇ ବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର ଆୟରଙ୍କ ସହିତ ଜିଲ୍ଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ୫୯ଟି ଅଭିଯୋଗ ହୋଇଥିଲା। ସେଥିମଧ୍ୟରୁ ସମଷ୍ଟିଗତ ଭାବରେ ୮ଟି ଅଭିଯୋଗ ହୋଇଥିବା ବେଳେ ବ୍ୟକ୍ତିଗତ ଭାବରେ ୫୧ଟି ଅଭିଯୋଗ ହୋଇଥିଲା। ବ୍ୟକ୍ତିଗତ ଅଭିଯୋଗରେ ଭତ୍ତା, ରାସନକାର୍ଡ ଆବାସ ଭଳି ଅଭିଯୋଗ ହୋଇଥିବା ବେଳେ ସମଷ୍ଟିଗତ ଅଭିଯୋଗରେ ମେହେନ୍ଦିନଗର ଗ୍ରାମରେ ଘରପାଇ ପୂର୍ନବାର ଘରପାଇଁ ଯୋଜନା କରିବାକୁ ବିରୋଧକରି ଅଭିଯୋଗ ହୋଇଥିବା ବେଳେ ଅଳାଇଲୋ ସମବାୟ ସମିତିତିରେ କଟନି ଛଟନି ଉପରେ ଅଭିଯୋଗ,ଗଡରୋମିତ ଠାରେ ରାଜପଥ ଉପରେ ଅଣ୍ଡରପାସ, ଓଭରହେଡ ପାଣିଟାଙ୍କି ପାଇଁ ଅଭିଯୋଗ, ଖମଗାଁ ଗ୍ରାମରେ ପିଇବା ପାଣି ସମସ୍ୟା, ରଘୁନାଥପୁର ଗ୍ରାମରେ ସରକାରୀ ଅର୍ଥ ଆତ୍ମସାତ ନେଇ ଅଭିଯୋଗ ସମେତ ପୋତାରୀ ବସ ଷ୍ଟାଣ୍ଡକୁ ବସ ନଜିବା ଭଳି ଅଭିଯୋଗ ହୋଇଥିଲା।ଏହି ଅବସରେ ଜିଲ୍ଲାପାଳ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠିରୁ ୫ଜଣଙ୍କୁ ୨୮ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ। ଜିଲ୍‌ଲାପାଳଙ୍କ ମିଳିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କ ସହିତ ଜିଲ୍ଲା ଏସପି ସିଦ୍ଧାର୍ଥ କଟାରିଆ, ଉପଜିଲ୍ଲାପାଳ ଅରୁଣ ନାୟକ, ଏସଡିପିଓ ଜ୍ୟୋତି ରଂଜନ ଗୌଡ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜାମ୍ବର ମହାନ୍ତି, ମାର୍ଶାଘାଇ ବିଡିଓ ପଞ୍ଚାନନ ମଲିକ, ତହସିଲଦାର ଶ୍ରୀକାନ୍ତ ପରିଡା, ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାମଲଙ୍କ ସମେତ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହଥିଲେ। ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଲାସା ହେମ୍ବ୍ରମ୍ଙ୍କ ସହିତ ମାର୍ଶାଘାଇ ବ୍ଲକର କର୍ମଚାରୀମାନେ ସହାୟତା କରିଥିଲେ।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460
Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ